# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୪/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, November 4/2025 | Page 12 | ₹ 7.00 | DHENKANAL

୫୧ଶ ଭାଗ ୩୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 338 | ମୂଲ୍ୟ ₹୭/-




## ସିନରଙ୍କୁ ନମ୍ବର ୱାନ ର୍ୟାଙ୍କିଙ୍ଗ

ଏଟିପି ର୍ୟାଙ୍କିଙ୍ଗ ତାଲିକାର ପୁରୁଷ ସିଙ୍ଗଲ୍ସ ବିଭାଗରେ ନମ୍ବର ୱାନ ସ୍ଥାନ ଅଧିକାର କରିଛନ୍ତି ଇଟାଲୀର ଜାନିକ ସିନର।

୧୨

୦୨

## ଘୁଞ୍ଚିଲା ଆଲିଆଙ୍କ ଆକ୍ସନ ଫିଲ୍ମ 'ଆଲ୍ଫା' ରିଲିଜ ତାରିଖ

ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଅଭିନୀତ ବହୁ ପ୍ରତୀକ୍ଷିତ ଆକ୍ସନ ଫିଲ୍ମ 'ଆଲ୍ଫା'ର ରିଲିଜ ତାରିଖ ଘୁଞ୍ଚାଇ ଦିଆଯାଇଛି।





ନ୍ୟୁୟର୍କ ସିଟି ମାରାଥନରେ ଭାଗନେଇଥିବା ଅଂଶଗ୍ରହଣକାରୀମାନେ ସୋମବାର ଭେରାଜାନୋ-ନାରୋଜ୍ ବ୍ରିଜ୍ ଉପରେ ଦୌଡୁଛନ୍ତି। **(ଫଟୋ: ରଏଟର୍ସ)**

# ଚୌଦ୍ୱାର ଜେଲରେ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

### ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୩।୧୧ (ଆଶୁତୋଷ ଦାସ/ମାନସ ସାମଲ)**

କଟକ ଜିଲା ଚୌଦ୍ୱାର ମଣ୍ଡଳ କାରାଗାର (ଜେଲ)ରେ ସୋମବାର ଜଣେ ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବଡ଼ମାଳି ଗ୍ରାମର ପବିତ୍ର ସାହୁ (୪୪)। ଖବରପାଇ ମୃତକଙ୍କ ପରିବାରବର୍ଗ କଟକ ବଡ଼ ମେଡିକାଲ ପହଞ୍ଚିଛନ୍ତି। ଜେଲ ଭିତର କୌଣସି ଗୁମ୍‌ରକୁ ନେଇ ପବିତ୍ରଙ୍କୁ ଅନ୍ୟ କଏଦୀ ହତ୍ୟା କରିଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି। ଚୌଦ୍ୱାର ପୋଲିସ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରୁଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୫) ରୁଜୁ କରିଥିବା ବେଳେ ପରିବାର ପକ୍ଷରୁ ଚୌଦ୍ୱାର ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଘଟଣାର ତଦନ୍ତ କରିବାକୁ ଜେଲକୁ ଅତିରିକ୍ତ ଡିଜି ଅମିତାଭ ଠାକୁର ଆସିଥିଲେ। ମାନସିକ ଭାରସାମ୍ୟ ହରାଇ ପବିତ୍ର ଆତ୍ମହତ୍ୟା କରିଥାଇପାରିଥାନ୍ତି। ଜେଲ ମଧ୍ୟରେ ଏବେ ବି ଅନେକ ସୁରକ୍ଷାଗତ ତ୍ରୁଟି ରହିଛି ଓ ସବୁ ଗଳାବାଟକୁ ବନ୍ଦ କରାଯିବ ବୋଲି ଏଡିଜି ଠାକୁର କହିଛନ୍ତି। ଏହାସହ ଏଡିଜି ଠାକୁର ଜେଲ କର୍ମଚାରୀ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି।

ସୂଚନା ମୁତାବକ, ପବିତ୍ର ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗତ ସେପ୍ଟେମ୍ବରରେ ଅନ୍ୟ ଜେଲରୁ ସ୍ଥାନାନ୍ତର ହୋଇ ଏଠାକୁ ଆସିଥିଲେ। ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ପବିତ୍ର ନିଜ ଗାମୁଛାରେ ଜେଲ ଭିତର ପାଇଖାନା ପଛପଟେ ଝୁଲୁଥିବା ସୁରକ୍ଷା କର୍ମୀ ଦେଖିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ଚୌଦ୍ୱାର ସର୍କଲ ଜେଲରୁ ଗତ ମାସରେ ବିହାରର ୨ଜଣ କଏଦୀ ପାଚେରି ଡେଇଁ ଫେରାର ହୋଇଯାଇଥିବାବେଳେ ଜଣେ କଏଦୀଙ୍କ ଥାଳି ମାଡ଼ରେ ଅନ୍ୟ ଜଣେ କଏଦୀ ଗୁରୁତର ଆହତ ହୋଇଥିବା ଭଳି ଘଟଣା ଘଟିଛି। ଚୌଦ୍ୱାର ସର୍କଲ ଜେଲ ୧୧୬୫ କ୍ଷମତା ବିଶିଷ୍ଟ ହୋଇଥିବା ବେଳେ ଏବେ ଏଠାରେ ୯୦୦ କଏଦୀ ରହୁଛନ୍ତି। ସେମାନଙ୍କ ପାଇଁ ଜେଲ ଅଧୀକ୍ଷକଙ୍କ ସମେତ ଜଣେ ଜେଲର, ୫ଜଣ ସବ୍‌ଆସିଷ୍ଟାଣ୍ଟ ଜେଲର, ୪ଜଣ ଆସିଷ୍ଟାଣ୍ଟ ଜେଲରଙ୍କ ସମେତ ୬୦ଜଣ ମହିଳା ଓ ପୁରୁଷ ୱାର୍ଡର ଅଛନ୍ତି। କଡା ସୁରକ୍ଷା ବ୍ୟବସ୍ଥା ସହିତ ସମଗ୍ର ଜେଲ ପରିସର ସିସିଟିଭି ନଜରରେ ରହିଥିବା ବେଳେ ବାରମ୍ବାର ଏଭଳି ଘଟଣା ଘଟୁଥିବା ଜେଲ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପରିତ୍ୟକ୍ତ ଟାଙ୍କିରେ ପଡ଼ି ୩ ଶିଶୁ ମୃତ

### ଅଜା ଘରକୁ ବୁଲି ଆସିଥିବା ବେଳେ ଅଘଟଣ

**ବଡ଼ମ୍ବା/ମାଣିଆବନ୍ଧ, ୩।୧୧ (ମାୟାଧର ମଲ୍ଲିକ/ଅଖିଳ କୁମାର ସାହୁ)**

କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ରଗଡ଼ିପଡ଼ା ଗାଁରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଘର ପଛପାର୍ଶ୍ୱରେ ଖେଳିବାବେଳେ ପରିତ୍ୟକ୍ତ ଟାଙ୍କିରେ ପଡ଼ି ୩ ଶିଶୁଙ୍କ ଜୀବନ ଯାଇଛି। ସେମାନେ ହେଲେ ବଡ଼ମ୍ବା ବ୍ଲକ କୋଲେଶ୍ୱର ପଞ୍ଚାୟତ ଅନ୍ତର୍ଗତ ବଡ଼ବାରେଣା ଗ୍ରାମର ଅଜୟ ନାଏକଙ୍କ କନ୍ୟା ଶିବାନୀ ନାଏକ (୭), ଅନୁଜ ନାଏକଙ୍କ ପୁତ୍ର ଅଙ୍କିତ ନାଏକ (୯) ଏବଂ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ସୁଶାନ୍ତ ନାଏକଙ୍କ ପୁତ୍ର ଶୁଭମ୍ ନାଏକ (୩)। ପିଲାମାନେ ସେମାନଙ୍କ ଅଜା ଘରକୁ ବୁଲିବାକୁ ଆସିଥିବାବେଳେ ଏଭଳି ଅଘଟଣ ଘଟିଛି।

ମୃତକଙ୍କ ପରିବାର ପକ୍ଷରୁ ଥାନାରେ କରାଯାଇଥିବା ଅଭିଯୋଗ ଅନୁଯାୟୀ, ୩ ଶିଶୁ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ରଗଡ଼ିପଡ଼ା ଗାଁରେ ଥିବା ଅଜା ଘରକୁ ବୁଲିଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ସେମାନେ ମିଳିମିଶି ଘର ବାଡ଼ିପାଖରେ ଖେଳକୁଦ କରୁଥିବାବେଳେ ପଡ଼ୋଶୀ ସୁଦର୍ଶନ ନାଏକଙ୍କ ଘର ପାଖକୁ ଚାଲିଯାଇଥିଲେ। ସେଠାରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଏକ ଢାଙ୍କୁଣୀଲଗା ଟାଙ୍କି ଉପରେ ଅସାବଧାନତାବଶତଃ ଚଢ଼ିଯିବାରୁ ତାହା ଭାଙ୍ଗି ଯାଇଥିଲା। ଫଳରେ ଟାଙ୍କି ଭିତରେ ୩ ଶିଶୁ ପଡ଼ି ଶ୍ୱାସରୁଦ୍ଧ ହୋଇଯାଇଥିଲେ। ବହୁ ସମୟ ଧରି ପିଲାଙ୍କ ପାଟି ନ ଶୁଭିବାରୁ ପରିବାର ଲୋକେ ସେମାନଙ୍କୁ ଖୋଜାଖୋଜି କରିଥିଲେ, ମାତ୍ର ସେମାନଙ୍କ ସନ୍ଧାନ ମିଳି ନ ଥିଲା। ଏପରି ଅବସ୍ଥାରେ ଶିବାନୀଙ୍କ ଅଜା ଲକ୍ଷ୍ମୀଧର ଉକ୍ତ ପରିତ୍ୟକ୍ତ ଟାଙ୍କି ନିକଟକୁ ଯାଇ ଭଙ୍ଗା ଢାଙ୍କୁଣୀ ଦେଖି ସନ୍ଦେହ କରିଥିଲେ। ସେ ଟାଙ୍କି ଭିତରେ ପଶି ୩ ଶିଶୁଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ତୁରନ୍ତ ସେମାନଙ୍କୁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ୩ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଘଟଣା ସ୍ଥଳରେ ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ପୃଥକ୍ ଭାବେ ୩ଟି ଅପମୃତ୍ୟୁ ମାମଲା (ନଂ. ୨୮/୨୫,୨୯/୨୫ ଓ ୩୦/୨୫) ରୁଜୁ କରିଛନ୍ତି। ଘଟଣାସ୍ଥଳରେ ଆଠଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ବିଶ୍ୱଜିତ ମହାନ୍ତି, ବଡ଼ମ୍ବା ଅତିରିକ୍ତ ତହସିଲଦାର ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ☞ପୃଷ୍ଠା-୪

# ୧୭ ମାସରେ ୧୪ ଶୁଣାଣି ; ଫଇସଲା ହାର ୯୩%

### ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ରେକର୍ଡ

**ଭୁବନେଶ୍ୱର,୩।୧୧ (ରବିନାରାୟଣ ଜେନା)**



ରାଜ୍ୟରେ ଭାଜପା ସରକାର ୨୦୨୪ ଜୁନ୍‌ରେ ଦାୟିତ୍ୱଭାର ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଦ୍ୟାବଧି ୧୭ ମାସରେ ୧୪ ଥର ଲୋକଙ୍କ ଅଭିଯୋଗ ଶୁଣାଣି ପ୍ରତ୍ୟକ୍ଷ ଭାବେ କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ଅଭିଯୋଗ ଶୁଣାଣି ଫଇସଲା ହାର ରେକର୍ଡ ପରିମାଣ ୯୩ ପ୍ରତିଶତ ରହିଛି। ହେଲେ ଏହି ହାରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅସନ୍ତୁଷ୍ଟ ରହିଛି। ଏହି ହାରକୁ କିଭଳି ୧୦୦% କରାଯାଇପାରିବ, ସେନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଗୁରୁତ୍ୱ ଦେବା ପରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ତତ୍ପରତା ☞ପୃଷ୍ଠା-୪

# ବିସିସିଆଇର ୫୧ କୋଟି ଟଙ୍କାର ପୁରସ୍କାର

### ଚାମ୍ପିୟନ ଭାରତୀୟ ମହିଳା କ୍ରିକେଟ ଦଳକୁ ମିଳିବ

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଡି.ୱାଇ. ପାଟିଲ ଷ୍ଟାଡିୟମରେ ରବିବାର ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇ ଚାମ୍ପିୟନ ହୋଇଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ସୋମବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ୫୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ଏ ନେଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଘୋଷଣା କରିଛନ୍ତି।

ପ୍ରଶଂସାର ଏକ ପ୍ରତୀକ ସ୍ୱରୂପ ବିସିସିଆଇ ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା ଦଳକୁ ୫୧ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବ। ଏହି ପୁରସ୍କାର ରାଶି ଭାରତୀୟ ଦଳର ସମସ୍ତ ଖେଳାଳି, ସପୋର୍ଟ ଷ୍ଟାଫ ଓ ଜାତୀୟ ଚୟନ କମିଟିର ସଦସ୍ୟଙ୍କ ମଧ୍ୟରେ ବଣ୍ଟନ କରାଯିବ ବୋଲି ବିସିସିଆଇ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି।

# ଚାଇନା, ପାକିସ୍ତାନ ଅଣୁଅସ୍ତ୍ର ପରୀକ୍ଷା କରିଛନ୍ତି: ଟ୍ରମ୍ପ୍

### ଆମେରିକାର ପରୀକ୍ଷା ନିଷ୍ପତ୍ତିକୁ ଯଥାର୍ଥ କହିଲେ

**ୱାଶିଂଟନ,୩।୧୧**

ପାକିସ୍ତାନ ଓ ଚାଇନା ସମେତ କେତେକ ଦେଶ ଆଣବିକ ଅସ୍ତ୍ର ପରୀକ୍ଷା କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ୩ ଦଶନ୍ଧି ପରେ ଆମେରିକା ଅଣୁଅସ୍ତ୍ର ପରୀକ୍ଷା ଆରମ୍ଭ କରିବାକୁ ନେଇଥିବା ନିଷ୍ପତ୍ତି ଯଥାର୍ଥ ବୋଲି ଦର୍ଶାଇବାକୁ ଯାଇ ଟ୍ରମ୍ପ୍ ଏହା କହିଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ଏଭଳି ସୂଚନା ଭାରତ ପାଇଁ ଚିନ୍ତାର କାରଣ ହୋଇପାରେ ବୋଲି କୁହାଯାଉଛି। କାରଣ ଭାରତର ଉଭୟ ପାର୍ଶ୍ୱରୁ ବିପଦ ରହିଛି।

ଗତ ସପ୍ତାହରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ଭେଟିବା ପୂର୍ବରୁ ଅମେରିକା ଅଣୁଅସ୍ତ୍ର ପରୀକ୍ଷା କରିବ ବୋଲି ଟ୍ରମ୍ପ୍ ଘୋଷଣା କରିଥିଲେ। ରବିବାର ସିବିଏସ୍ ନ୍ୟୁଜ୍‌ର ନୋରା ଓ'ଡୋନେଲଙ୍କ ସହ ସାକ୍ଷାତ୍‌କାରରେ ଆମେରିକା ରାଷ୍ଟ୍ରପତି କହିଛନ୍ତି, ରୁଷିଆ, ଚାଇନା, ଉତ୍ତର କୋରିଆ ଏବଂ ପାକିସ୍ତାନ ପରମାଣୁ ଅସ୍ତ୍ର ପରୀକ୍ଷା କରୁଛନ୍ତି। ରୁଷିଆ ଏବଂ ଚାଇନା ଭୂଗର୍ଭରେ ଅଣୁଅସ୍ତ୍ର ପରୀକ୍ଷା କରୁଥିବାବେଳେ ସେମାନେ ଏହା କହୁ ନ ଥିବାରୁ କେହି ଜାଣିପାରୁ ନାହାନ୍ତି। ଅନ୍ୟ ରାଷ୍ଟ୍ର ମଧ୍ୟ ଅନୁରୂପ ଭାବେ ଚୁପ୍ ରହୁଛନ୍ତି। ତେବେ ଆମେ ମୁକ୍ତ ସମାଜ ଓ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ଅଣୁଅସ୍ତ୍ର ପରୀକ୍ଷା କରିବା ସମ୍ପର୍କରେ ଜଣାଇଦେଉଛୁ ବୋଲି ଟ୍ରମ୍ପ୍ କହିଛନ୍ତି।

ରୁଷିଆ ପରମାଣୁ ଶକ୍ତିସମ୍ପନ୍ନ ପୋସେଇଡନ୍ ସୁପର ଟର୍ପେଡୋ ପରୀକ୍ଷା କରିଥିବା କଥା ଗତ ସପ୍ତାହରେ ଏହାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଥିଲେ। ତେଣୁ ଅସ୍ତ୍ରଗୁଡ଼ିକର ☞ପୃଷ୍ଠା-୪

# ପ୍ରଚାର ପାଇଁ ଲୋକ କିଣା

**ନୂଆପଡ଼ା,୩।୧୧(ପୀତାମ୍ବର ସାହୁ)**



### ନୂଆପଡ଼ା ଉପନିର୍ବାଚନ

ଆସନ୍ତା ୧୧ତାରିଖରେ ନୂଆପଡ଼ା ଉପନିର୍ବାଚନ ହେବାକୁ ଯାଉଛି। ଏଥିରେ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ସମେତ ସମୁଦାୟ ୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭାଜପାରୁ ଜୟ ଢୋଲକିଆ, ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସରୁ ଘାସିରାମ ମାଝୀ ଏବେ ଜୋରଦାର ପ୍ରଚାର କରୁଛନ୍ତି। ନିର୍ବାଚନୀ ତାରିଖ ଯେତିକି ପାଖେଇ ଆସୁଛି ପ୍ରଚାର ସେତିକି ଜମିବାରେ ଲାଗିଛି। ଦଳୀୟ ପ୍ରାର୍ଥୀ ଓ କର୍ମୀ ଦିନରାତି ଏକ କରିଦେଇଛନ୍ତି। ପ୍ରତ୍ୟେକ ଦଳ ପକ୍ଷରୁ ସଭା ସମିତି ସହ ବାଇକ୍ ରାଲି କରାଯାଉଛି। ଲୋକଙ୍କୁ ସଭାକୁ ଆଣିବା ପାଇଁ ଦଳୀୟ କର୍ମୀମାନେ ବେଶ୍ ପରିଶ୍ରମ କରୁଥିବା ଦେଖିବାକୁ ମିଳୁଛି। ଲୋକ କିପରି ସଭାକୁ ଆସିବେ ସେ ନେଇ ସବୁ ପ୍ରକାର ସୁବିଧା ମଧ୍ୟ କରାଯାଉଛି। ଘରୁ ସଭା ସ୍ଥଳକୁ ଆସିବା ଓ ପୁନଶ୍ଚ ଫେରିବା ପାଇଁ ଗାଡ଼ି ମୋଟର ବ୍ୟବସ୍ଥା ମଧ୍ୟ କରାଯାଉଛି। ଏପରି କି ବାଇକ୍‌ରେ ଆସିଲେ ତେଲ ଖର୍ଚ୍ଚ ମଧ୍ୟ ଦିଆଯାଉଛି। ଏହା ବାଦ୍ ସଭା କିମ୍ବା ରାଲିରେ ଯୋଗଦେଲେ ଖାଇବାପିଇବା ସହିତ ଜଣ ପିଛା ୨ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ଦିଆ ଯାଉଥିବା ଟାନୱାଟ ଗ୍ରାମର ଜଣେ ଯୁବକ ପ୍ରକାଶ କରିଛନ୍ତି।

ନୂଆପଡ଼ା ଏକ କୃଷିପ୍ରଧାନ ଅଞ୍ଚଳ। ଜିଲାର ପ୍ରାୟ ୯୦ ପ୍ରତିଶତ ଲୋକ ଧାନ, କପା ଓ ମକା ଆଦି ଚାଷ କରିଥାନ୍ତି। ଏବେ ଧାନ ଅମଳ ସମୟ। ଚାଷୀମାନେ ଧାନ ଅମଳ କରି ଘରକୁ ଆଣୁଛନ୍ତି। ଏପରି ସମୟରେ ଉପନିର୍ବାଚନ ହେଉଥିବାରୁ ପ୍ରାୟ ପ୍ରତ୍ୟେକ ଦିନ ବିଭିନ୍ନ ଦଳ ପକ୍ଷରୁ ସମାବେଶ ଓ ରାଲି ଆୟୋଜନ କରାଯାଉଛି। ଏଥିପାଇଁ ଲୋକଙ୍କ ଆବଶ୍ୟକ ହେଉଛି। ଯେହେତୁ ଚାଷ ଅମଳର ସମୟ ତେଣୁ ଲୋକେ ସଭାକୁ ଆସିବାକୁ ଅମଙ୍ଗ ହେଉଛନ୍ତି। ତେଣୁ ଲୋକଙ୍କୁ ଆଣିବା ପାଇଁ ସେମାନଙ୍କ ପଛରେ ଖର୍ଚ୍ଚ କରିବାକୁ ପଡୁଛି। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଲାସ୍ ଭେଗାସର ନୂଆ ସଙ୍କେତ





# ସଡ଼କ ଦୁର୍ଘଟଣାରେ ଗଲା ୩୨ ଜୀବନ

## ତେଲଙ୍ଗାନାରେ ୧୯, ରାଜସ୍ଥାନରେ ୧୩ ମୃତ




ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲାରେ ଟିପ୍ପର ଓ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି।

**ହାଇଦ୍ରାବାଦ/ ଜୟପୁର,୩।୧୧(ପି.ଟି.)**

ଦୁଇଟି ରାଜ୍ୟରେ ସୋମବାର ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩୨ ଜଣଙ୍କ ଜୀବନ ଯାଇଛି। ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲାରେ ସୋମବାର ସକାଳେ ଟିପ୍ପର-ବସ୍ ମୁହାଁମୁହିଁ ଧକ୍କାରେ ୧୩ ମହିଳା ସମେତ ୧୯ ଜଣଙ୍କ ମୃତ୍ୟୁ ଘଟିବା ସହ ୨୨ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଭଉଣୀ ରହିଛନ୍ତି। ରାଜସ୍ଥାନ ଜୟପୁରର ହର୍ମଦା ଅଞ୍ଚଳରେ ସୋମବାର ଅପରାହ୍ନରେ ଡମ୍ପର ଟ୍ରକ୍ ୧୭ଟି ଗାଡ଼ି ଉପରେ ମାଡ଼ିଯିବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ୧୦ ଜଣ ଆହତ ହୋଇଛନ୍ତି। ଚିପ୍ସ ବୋଝେଇ ଟିପ୍ପର ଟ୍ରଲିଟି ତେଲଙ୍ଗାନା ସଡ଼କ ପରିବହନ ନିଗମ ବସ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ହାଇଦ୍ରାବାଦଠାରୁ ୫୦ କି.ମି. ଦୂରରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଉଭୟ ଯାନର ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ସାଇବରାବାଦ ପୋଲିସ କମିଶନର ଅବିନାଶ ମହାନ୍ତି କହିଛନ୍ତି। ଗୋଟିଏ ଗାଡ଼ି ଭୁଲ୍ ପାର୍ଶ୍ୱରେ ଆସିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ତେବେ ତଦନ୍ତ ପରେ ଦୁର୍ଘଟଣାର କାରଣ ଜଣାପଡ଼ିବ ବୋଲି ପୋଲିସ କମିଶନର କହିଛନ୍ତି।

ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଦେବା ପାଇଁ ଘୋଷଣା କରିଛନ୍ତି। ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦୁର୍ଘଟଣା ପରେ ଚେଭେଲ୍ଲାସ୍ଥିତ ହସ୍ପିଟାଲକୁ ଯାଇ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିବା ତେଲଙ୍ଗାନା ପରିବହନ ମନ୍ତ୍ରୀ ପୋନ୍ନାମ ପ୍ରଭାକର କହିଛନ୍ତି, ରଙ୍ଗାରେଡ୍ଡୀ ଜିଲାର ତନ୍ଦୁରରୁ ହାଇଦ୍ରାବାଦ ଯାଉଥିବା ଉକ୍ତ ବସ୍‌ରେ ୭୨ ଜଣ ଯାତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ଦୁର୍ଘଟଣାକୁ ନେଇ ଅନ୍ୟ ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହ ଟେଲି-କନ୍‌ଫେରେନ୍ସ କରିଛନ୍ତି। ଆହତମାନଙ୍କୁ ଆଧୁନିକ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ସହ ମୃତକଙ୍କ ପରିବାରକୁ ଶେଷକୃତ୍ୟ ସମ୍ପନ୍ନ ପାଇଁ ସରକାର ସହାୟତା ଯୋଗାଇ ଦେବେ ବୋଲି କହିଛନ୍ତି। ରାଜ୍ୟ ସରକାର ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବେ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୨ ଲକ୍ଷ ଟଙ୍କା ଲେଖାଏ ଯୋଗାଇ ଦିଆଯିବ। ସେହିପରି ଆହତମାନଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ସରକାର କହିଛନ୍ତି।

### ୧୭ ଗାଡ଼ି ଉପରେ ମାଡ଼ିଗଲା ଡମ୍ପର

ରାଜସ୍ଥାନ ଜୟପୁରର ହର୍ମଦା ଅଞ୍ଚଳରେ ସୋମବାର ଅପରାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଡମ୍ପର ଟ୍ରକ୍‌କୁ ଏହାର ଡ୍ରାଇଭର ବେପରୁଆ ଭାବେ ଚଳାଇ ଅନ୍ୟୂନ ୧୭ଟି ଗାଡ଼ି ଉପରେ ମଡ଼ାଇ ଦେଇଛନ୍ତି। ଏହି ସିରିଜ୍ ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ମୃତଦେହଗୁଡ଼ିକ ରାସ୍ତାରେ ବିଛାଡ଼ିହୋଇ ପଡ଼ିଥିବାବେଳେ ଭଙ୍ଗା କାର ଓ ମୋଟରସାଇକେଲଗୁଡ଼ିକ ରାଜପଥରେ ପଡ଼ିରହିଥିବା ଦେଖାଯାଇଛି। ନିଶାଗ୍ରସ୍ତ ଥିବା ଡ୍ରାଇଭର ଜଣକ ଲୋହା ମଣ୍ଡି ନିକଟରେ ୩୦୦ ମିଟର ପର୍ଯ୍ୟନ୍ତ ବିଭିନ୍ନ କାର୍ ଓ ବାଇକ୍ ଉପରେ ଟ୍ରକ୍ ମଡ଼ାଇ ଚାଲିଥିଲେ। ଶେଷରେ ଟ୍ରକ୍‌ଟି ଏକ ଟ୍ରେଲରକୁ ଧକ୍କା ଦେଇ ଅଟକିଥିଲା। ଏହି ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା, ଉପମୁଖ୍ୟମନ୍ତ୍ରୀ ଦିୟା କୁମାରୀ ଏବଂ ପ୍ରେମଚନ୍ଦ୍ର ବୈରଓ୍ୱା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଗଭୀର ଦୁଃଖପ୍ରକାଶ କରିଛନ୍ତି। ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

# ନିଃସର୍ତ୍ତ କ୍ଷମା ମାଗିଲେ ମୁଖ୍ୟ ସଚିବ

**ନୂଆଦିଲ୍ଲୀ,୩।୧୧**

### ବୁଲାକୁକୁରଙ୍କୁ ଖାଦ୍ୟ ଦେବା ନେଇ ୭ରେ ନିର୍ଦ୍ଦେଶନାମା




ବୁଲାକୁକୁର କାମୁଡ଼ାଜନିତ ବିପଦ ମାମଲାରେ ପୂର୍ବ ନିର୍ଦ୍ଦେଶନାମାର ଅନୁପାଳନ ସମ୍ପର୍କିତ ସତ୍ୟପାଠ ଦାଖଲ କରି ନ ଥିବାରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ସଚିବମାନେ ସୋମବାର ସୁପ୍ରିମକୋର୍ଟରେ ହାଜର ହୋଇ ନିଃସର୍ତ୍ତ କ୍ଷମା ମାଗିଛନ୍ତି। ବୁଲା କୁକୁରଙ୍କୁ ଖାଦ୍ୟ ଦେବା ସମ୍ପର୍କରେ ସର୍ବୋଚ୍ଚ ଅଦାଲତ ଆସନ୍ତା ୭ ତାରିଖରେ ସାନି ନିର୍ଦ୍ଦେଶନାମା ଜାରି କରିବେ ବୋଲି କହିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ୍ ମେହଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ୩ ଜଣିଆ ସ୍ୱତନ୍ତ୍ର ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ମୁଖ୍ୟ ସଚିବମାନଙ୍କ ଉପସ୍ଥିତି ଏବଂ ସତ୍ୟପାଠର ରେକର୍ଡ କରାଯିବା ସହ ଖଣ୍ଡପୀଠ କହିଛନ୍ତି, ସରକାରୀ ପ୍ରତିଷ୍ଠାନ ସମେତ ରାଷ୍ଟ୍ରାୟତ୍ତ ସଂସ୍ଥା ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ କର୍ମଚାରୀମାନେ କୁକୁରଙ୍କୁ ଖାଦ୍ୟ ଦେବା ସହ ସହାୟତା କରୁଛନ୍ତି। ତେଣୁ କୁକୁର କାମୁଡ଼ାଜନିତ ବିପଦକୁ ନେଇ ଆମକୁ ନିଶ୍ଚିତ କେତେକ ନିର୍ଦ୍ଦେଶନାମା ଜାରି କରିବାକୁ ପଡ଼ିବ। ଶୁଣାଣି ବେଳେ ଖଣ୍ଡପୀଠ ଭାରତର ପ୍ରାଣୀ କଲ୍ୟାଣ ବୋର୍ଡକୁ ମଧ୍ୟ ମାମଲାର ପକ୍ଷଭୁକ୍ତ କରିଛନ୍ତି। ମାମଲାରେ ସହାୟତା ପାଇଁ ବରିଷ୍ଠ ଆଇନଜୀବୀ ଗୌରବ ଅଗ୍ରୱାଲ ଆମିକସ୍ କ୍ୟୁରି ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ଅଦାଲତ କହିଛନ୍ତି।

ସୂଚନାଯୋଗ୍ୟ, ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ବୁଲାକୁକୁର କାମୁଡ଼ା ଘଟଣା ବଢ଼ିବା ଫଳରେ ସୁପ୍ରିମକୋର୍ଟ ଏହାକୁ ନିଜଆଡ଼ୁ ବିଚାର ପାଇଁ ଗ୍ରହଣ କରିଥିଲେ। ପରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ମାମଲାରେ ପକ୍ଷଭୁକ୍ତ କରିଥିଲେ। ସମସ୍ତ ବୁଲା କୁକୁରଙ୍କୁ ଧରି ଆଶୟସ୍ଥଳରେ ରଖିବାକୁ ସର୍ବୋଚ୍ଚ ଅଦାଲତ ଗତ ଅଗଷ୍ଟ ୨୨ରେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କୁ ଉପଯୁକ୍ତ ବନ୍ଧ୍ୟାକରଣ ଏବଂ ଟିକାକରଣ କରିବା ପରେ ଯେଉଁ ଅଞ୍ଚଳରୁ ଧରିଥିବେ, ସେଠାରେ ଛାଡ଼ିଦେବାକୁ କୁହାଯାଇଥିଲା। ତେବେ କୋର୍ଟ ନିର୍ଦ୍ଦେଶନାମାର ଅନୁପାଳନ ସମ୍ପର୍କିତ ସତ୍ୟପାଠ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦାଖଲ କରି ନ ଥିବାରୁ ଖଣ୍ଡପୀଠ କ୍ଷୁବ୍ଧ ହୋଇଥିଲେ। ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନେ ନଭେମ୍ବର ୩ ତାରିଖ ଶୁଣାଣି ବେଳେ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ସ୍ପଷ୍ଟୀକରଣ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

# କୋଇଲା ଦୁର୍ନୀତି ମାମଲାରୁ ପୂର୍ବତନ ସଚିବ ବାଦ୍

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଛତିଶଗଡ଼ର ଫତେହପୁର ଇଷ୍ଟ କୋଇଲା ବ୍ଲକ୍ ଆବଣ୍ଟନ ମାମଲାରେ ଏକ ସ୍ୱତନ୍ତ୍ର ଅଦାଲତ ଅର୍‌କେଏମ୍ ପାୱାର ପ୍ରା. ଲିଃ, ପୂର୍ବତନ କୋଇଲା ସଚିବ ଏଚ୍.ସି. ଗୁପ୍ତା ଓ ଅନ୍ୟ ୩ ଜଣଙ୍କୁ ବିଚାର ପ୍ରକ୍ରିୟାରୁ ବାଦ୍ ଦେଇଛନ୍ତି। ସିବିଆଇ ଚାର୍ଜଶିଟ୍ ଦାଖଲ କରିଥିବାବେଳେ ମୋକଦ୍ଦମା ଚଳାଇବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ନ ଥିବା ଅଦାଲତ କହିଛନ୍ତି। ସ୍ୱତନ୍ତ୍ର ବିଚାରପତି ଧୀରଜ ମୋର୍ ଉଭୟ ପକ୍ଷରୁ ଯୁକ୍ତି ଶୁଣିବା ପରେ କମ୍ପାନୀର ୨ ପ୍ରମୋଟର ଅନ୍ଦଲ ଅରୁମୁଗମ୍ ଏବଂ ଟି.ଏମ୍. ସିଙ୍ଗାରଭେଲ ଏବଂ ପୂର୍ବତନ ଯୁଗ୍ମ ସଚିବ କୁଲଜିତ୍ ସିଂ କ୍ରୋଫାଙ୍କୁ ମଧ୍ୟ ମାମଲାରୁ ବାଦ୍ ଦେଇଛନ୍ତି।



ଏଚ୍.ସି. ଗୁପ୍ତା

୨୦୧୪ରେ ସେମାନଙ୍କ ନାମରେ ଏତଲା ଦାଏର ହେବାର ୩ ବର୍ଷ ପରେ ସିବିଆଇ ୨୦୧୭ ସେପ୍ଟେମ୍ବର ୨୧ରେ କ୍ଲୋଜର ରିପୋର୍ଟ ଦାଖଲ କରିଥିଲା। ଅଭିଯୋଗ ପଛରେ କୌଣସି ତଥ୍ୟ ପ୍ରମାଣ ନ ଥିବା ସିବିଆଇ ଦର୍ଶାଇଥିଲା। ଏଥିରେ ସ୍ୱତନ୍ତ୍ର ଅଦାଲତ ସନ୍ତୁଷ୍ଟ ନ ହୋଇ ପୁନର୍ବାର ତଦନ୍ତ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୩ରେ ସିବିଆଇ ୫ ଜଣଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଠକେଇ, ଜାଲିଆତି ଏବଂ ଦୁର୍ନୀତି ନିବାରଣ ଆଇନର ବ୍ୟବସ୍ଥା ଅନୁଯାୟୀ ଚାର୍ଜଶିଟ୍ ଦାଖଲ କରିଥିଲା।

# ଦର୍ଶନ, ପବିତ୍ରା ଗୌଡ଼ାଙ୍କ ବିରୋଧରେ ଚାର୍ଜଫ୍ରେମ୍



ପବିତ୍ରା ଗୌଡ଼ାଙ୍କ ସହ ଦର୍ଶନ।

### ରେଣୁକାସ୍ୱାମୀ ହତ୍ୟା ମାମଲା

**ବେଙ୍ଗାଲୁରୁ,୩।୧୧**

ରେଣୁକାସ୍ୱାମୀ ହତ୍ୟା ମାମଲାରେ ବେଙ୍ଗାଲୁରୁର ୬୪ତମ ସେସନ୍ସ କୋର୍ଟ ସୋମବାର କନ୍ନଡ଼ ଅଭିନେତା ଦର୍ଶନ ଓ ଅଭିନେତ୍ରୀ ପବିତ୍ରା ଗୌଡ଼ାଙ୍କ ସମେତ ୧୭ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିଛନ୍ତି। ହତ୍ୟା, ଆପରାଧିକ ଷଡ଼ଯନ୍ତ୍ର, ଅପହରଣ ଏବଂ ବେଆଇନ ଭାବେ ଏକାଠି ହେବା ଆଦି ଅଭିଯୋଗରେ ସେମାନଙ୍କୁ ଆନୁଷ୍ଠାନିକ ଭାବେ ଅଭିଯୁକ୍ତ କରାଯାଇଛି। ଅଭିଯୁକ୍ତମାନେ ନିଜକୁ ନିର୍ଦ୍ଦୋଷ ବୋଲି କହୁଥିବାବେଳେ ଆସନ୍ତା ୧୦ରୁ ଶୁଣାଣି ଆରମ୍ଭ ହେବ। ଦର୍ଶନଙ୍କ ପ୍ରଶଂସକ ଚିତ୍ରଦୁର୍ଗ ଅଞ୍ଚଳର ରେଣୁକାସ୍ୱାମୀ(୩୩)ଙ୍କ ମୃତଦେହ ୨୦୨୪ ଜୁନ୍ ୯ରେ ଏକ ଡ୍ରେନ୍ ନିକଟରୁ ମିଳିଥିଲା। ଦର୍ଶନଙ୍କ ସହଯୋଗୀ ପବିତ୍ରା ଗୌଡ଼ାଙ୍କୁ ରେଣୁକାସ୍ୱାମୀ ଅପମାନଜନକ ବାର୍ତ୍ତା ପଠାଇଥିଲେ। ଏହି ଘଟଣାରେ ତାଙ୍କୁ ଅପହରଣ କରାଯାଇ ନିର୍ଯାତନା ଦିଆଯିବାରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା।

### ଦିଲ୍ଲୀରେ ଆଜି




ନୂଆଦିଲ୍ଲୀର ଧ୍ୟାନଚାନ୍ଦ ଷ୍ଟାଡିୟମ୍‌ରେ ସୋମବାର ହକି ଇଣ୍ଡିଆ ଏବଂ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ଏସ୍ଏଆଇ) ପକ୍ଷରୁ ଖବରଦାତା ସମ୍ମିଳନୀରେ ଭାରତୀୟ ହକିର ଶତବାର୍ଷିକୀ ପାଳନ ସମ୍ପର୍କରେ ଘୋଷଣା କରାଯାଉଛି। ଏଥିରେ କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟ, ହକି ଇଣ୍ଡିଆ ଅଧ୍ୟକ୍ଷ ଦିଲୀପ ତିର୍କୀ, ମହାସଚିବ ଭୋଲାନାଥ ସିଂ ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ: ଚମନ ଗୌତମ)

# ମାଓବାଦୀ ପ୍ରବଣ ଜିଲା ୩୮କୁ ହ୍ରାସ

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଦେଶରେ ମାଓବାଦୀ ହିଂସା ପ୍ରଭାବିତ ଜିଲା ସଂଖ୍ୟା ଗତ ଏପ୍ରିଲରେ ୪୬ ରହିଥିଲାବେଳେ ଏବେ ତାହା ୩୮କୁ ହ୍ରାସ ପାଇଥିବା ସଦ୍ୟତମ ସମୀକ୍ଷାରୁ ଜଣାପଡ଼ିଛି। ସେଥିରୁ ୪ଟି ଜିଲା ଚିନ୍ତାଜନକ ରହିଥିବାବେଳେ ୩ଟି ସର୍ବାଧିକ ପ୍ରଭାବିତ ଜିଲା। ବାମପନ୍ଥୀ ଉଗ୍ରବାଦ ରୋକିବା ଲାଗି ଜାତୀୟ ନୀତି ଓ କାର୍ଯ୍ୟଯୋଜନାର ଅଂଶ ସ୍ୱରୂପ କରାଯାଇଥିବା ଏହି ମୂଲ୍ୟାୟନରେ କେନ୍ଦ୍ର ଓ ରାଜ୍ୟ ସରକାର ଏକାଠି କାର୍ଯ୍ୟ କରିଥିଲେ। ଉଗ୍ରବାଦ ଦମନରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଫଳରେ ସୁରକ୍ଷା ସମ୍ପର୍କିତ ବ୍ୟୟ (ଏସ୍ଆର୍‌ଇ) ଜିଲା ସଂଖ୍ୟା ଗତ ଏପ୍ରିଲ ୧ରେ ୪୬ ଥିବାବେଳେ ବର୍ତ୍ତମାନ ୩୮କୁ ହ୍ରାସ ପାଇଛି। ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲା ସଂଖ୍ୟା ଗତ ଏପ୍ରିଲରେ ୧୮ ଥିବାବେଳେ ବର୍ତ୍ତମାନ ତାହା ୧୧ରେ ସୀମିତ ରହିଛି। ସବୁଠୁ ମାଓବାଦୀ ପ୍ରବଣ ଜିଲା ଏପ୍ରିଲରେ ୬ ରହିଥିବାବେଳେ ବର୍ତ୍ତମାନ ତାହା ୩କୁ ଖସିଆସିଛି। ସେହି ଜିଲାଗୁଡ଼ିକ ହେଲେ ଛତିଶଗଡ଼ର ବିଜାପୁର, ନାରାୟଣପୁର ଏବଂ ସୁକୁମା। ସେହିପରି ୪ ଚିନ୍ତାଜନକ ଜିଲା ମଧ୍ୟରେ ରହିଛି ଛତିଶଗଡ଼ର କଙ୍କେର, ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ, ମଧ୍ୟପ୍ରଦେଶର ବାଲାଘାଟ ଏବଂ ମହାରାଷ୍ଟ୍ରର ଗଡ଼ଚିରୋଲି।

# ଆଜିଠୁ ୯ ରାଜ୍ୟ, ୩ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍

**ନୂଆଦିଲ୍ଲୀ,୩।୧୧(ପି.ଟି.)**

### ଫେବୃଆରୀ ୭ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

ଦେଶର ୯ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ମୋଟ ୫୧ କୋଟି ଭୋଟର ଥିବା ଉକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଏସ୍ଆଇଆର୍ ଆସନ୍ତାବର୍ଷ ଫେବୃଆରୀ ୭ରେ ଶେଷ କରି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ବିହାର ପରେ ଏହା ଦ୍ୱିତୀୟ ପର୍ଯ୍ୟାୟ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ। ଏହି ପର୍ଯ୍ୟାୟରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଲାକ୍ଷାଦ୍ୱୀପ, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ପଣ୍ଡିଚେରୀ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଏସ୍ଆଇଆର୍ ହେବ। ତାମିଲନାଡୁ, ପଣ୍ଡିଚେରୀ, କେରଳ ଏବଂ ପଶ୍ଚିମବଙ୍ଗରେ ୨୦୨୬ରେ ବିଧାନସଭା ଅନୁଷ୍ଠିତ ହେବାକୁ ଯାଉଛି। ସେହିବର୍ଷ ଆସାମରେ ନିର୍ବାଚନ ହେବାକୁ ଥିବାବେଳେ ସେଠାରେ ଭୋଟର ତାଲିକା ସଂଶୋଧନ ତାରିଖ ପରେ ଘୋଷଣା କରାଯିବ। କାରଣ ସେଠାରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ନାଗରିକତ୍ୱ ଯାଞ୍ଚ କାର୍ଯ୍ୟ ଚାଲିଛି।

# ଆଫଗାନିସ୍ତାନରେ ଭୂକମ୍ପ: ୨୦ ମୃତ, ୫୩୪ ଆହତ

**କାବୁଲ,୩।୧୧**



ଆଫଗାନିସ୍ତାନର ଉତ୍ତର ଭାଗରେ ରବିବାର ବିଳମ୍ବିତ ରାତିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇ ଅନ୍ୟୂନ ୨୦ ଜଣଙ୍କ ମୃତ୍ୟୁ ଘଟିବା ସହ ୫୩୪ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଭୂକମ୍ପର ତୀବ୍ରତା ୬.୩ ରହିଥିଲା। ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ସୂଚନା ଅନୁଯାୟୀ ଭୂକମ୍ପର କେନ୍ଦ୍ରସ୍ଥଳ ଖୁଲମ୍ ସହରଠାରୁ ପଶ୍ଚିମ-ଦକ୍ଷିଣପଶ୍ଚିମ ଦିଗରେ ୨୨ କି.ମି. ଦୂରରେ ଅବସ୍ଥିତ। ସମସ୍ତ ମୃତଦେହ ଏବଂ ଆହତଙ୍କୁ ବଲ୍‌ଖ ଏବଂ ସମାଙ୍ଗନ ପ୍ରଦେଶର ବିଭିନ୍ନ ହସ୍ପିଟାଲକୁ ନିଆଯାଇଛି।

ଭୂକମ୍ପରେ ବଦଖଶାଁ ପ୍ରଦେଶର ଶହର-ଇ-ବୋଜୋର୍ଗ ଜିଲା ଅନ୍ତର୍ଗତ ଗୋଟିଏ ଗାଁରେ ୮୦୦ ଘର ସମ୍ପୂର୍ଣ୍ଣ କିମ୍ବା ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ତେବେ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ସେବା ନ ଥିବାରୁ ପ୍ରକୃତ ମୃତାହତଙ୍କ ସଂଖ୍ୟା ଜଣାପଡ଼ି ନ ଥିବା ପ୍ରାଦେଶିକ ପୋଲିସ ମୁଖ୍ୟାଳୟ ତରଫରୁ କୁହାଯାଇଛି। ସର୍ବାଧିକ କ୍ଷତିଗ୍ରସ୍ତ ବଲ୍‌ଖ ଏବଂ ସମାଙ୍ଗନରେ ଉଦ୍ଧାରକାରୀ ଓ ଜରୁରୀ ସେବା ପ୍ରଦାନକାରୀ ଟିମ୍ ପହଞ୍ଚି ଉଦ୍ଧାର ଓ ଅହତମାନଙ୍କୁ ହସ୍ପିଟାଲରେ ପହଞ୍ଚାଇବା କାର୍ଯ୍ୟରେ ଲାଗିଥିବା କାବୁଲସ୍ଥିତ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉତ୍ତର ଭାଗରେ ଥିବା ବଲ୍‌ଖ ପ୍ରଦେଶ ରାଜଧାନୀ ମାଜାର-ଇ-ଶରିଫ୍‌ରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଛି। ସେଠାରେ ଥିବା ଐତିହାସିକ ବ୍ଲୁ ମସ୍‌ଜିଦ କ୍ଷତିଗ୍ରସ୍ତ ହେଇଥିବା ସୋସିଆଲ ମିଡିଆରେ ପ୍ରସାରିତ ଫଟୋରୁ ଜଣାପଡ଼ିଛି। ରାଜଧାନୀ କାବୁଲ ସମେତ ଅନ୍ୟ କେତେକ ପ୍ରଦେଶରେ ମଧ୍ୟ କମ୍ପନ ଅନୁଭୂତ ହୋଇଛି। ପଥର ଖସି ପାର୍ବତ୍ୟାଞ୍ଚଳର ମୁଖ୍ୟ ରାସ୍ତା ଅବରୋଧ ହେଇଥିଲାବେଳେ ପରେ ତାହାକୁ ଖୋଲାଯାଇଛି।

# ଘୁଞ୍ଚିଲା ଆଲିଆଙ୍କ ଆକ୍ସନ ଫିଲ୍ମ 'ଆଲ୍ଫା' ରିଲିଜ ତାରିଖ



ଆଲିଆ ଭଟ୍ଟ

**ମୁମ୍ବାଇ:** ବଲିଉଡର ବହୁ ପ୍ରତୀକ୍ଷିତ ଆକ୍ସନ ଫିଲ୍ମ 'ଆଲ୍ଫା'ର ରିଲିଜ ତାରିଖ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହି ଫିଲ୍ମ ଖ୍ରୀଷ୍ଟମାସ ସମୟରେ ପରଦାକୁ ଆସିବାର ଥିଲା, କିନ୍ତୁ ଆସନ୍ତାବର୍ଷ ୧୭ ଏପ୍ରିଲରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ଯଶରାଜ ଫିଲ୍ମସ୍ (ୱାଇଆର୍‌ଏଫ୍)ର 'ସ୍ପାଇ ୟୁନିଭର୍ସ'ର ଏହି ପ୍ରଥମ ମହିଳା-ପ୍ରଧାନ ଫିଲ୍ମରେ ଆଲିଆ ଭଟ୍ଟ ଏବଂ ଶର୍ବରୀ ୱାଘଙ୍କୁ ଦମଦାର୍ ଆକ୍ସନ ଅବତାରରେ ଦେଖିବାକୁ ମିଳିବ। ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଥିବାବେଳେ, ମେକର୍ସମାନେ ଏହାର ରିଲିଜ ତାରିଖ ବଦଳାଇ ଦେଇଛନ୍ତି।

ଯଶରାଜ ଫିଲ୍ମସ ମୁଖପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଫିଲ୍ମର ବଡ଼ ଆକାର ଏବଂ ଆକ୍ସନ ସିନ୍‌ଗୁଡ଼ିକର ବିଶାଳ ଭିଜୁଆଲ ଇଫେକ୍ଟସ (ଭିଏଫଏକ୍ସ) କାମ ଶେଷହେବାକୁ ଅଧିକ ସମୟ ଲାଗୁଛି। ସମସ୍ତ ଭିଏଫଏକ୍ସ କାର୍ଯ୍ୟ ଡିସେମ୍ବର ସୁଦ୍ଧା ସାରିବା ସମ୍ଭବ ହେବ ନାହିଁ ବୋଲି ଟିମ୍ ଅନୁଭବ କରିବା ପରେ ତାରିଖ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି। ମେକର୍ସମାନେ ଚଳଚ୍ଚିତ୍ରର ଗୁଣବତ୍ତା ସହିତ କୌଣସି ପ୍ରକାର ସାଲିସ କରିବାକୁ ଚାହୁଁନାହାଁନ୍ତି।

ଏହି ଫିଲ୍ମରେ ଆଲିଆ ଏବଂ ଶର୍ବରୀ ୱାଘଙ୍କ ବ୍ୟତୀତ ବବି ଦେଓଲ ଭିଲେନଭୂମିକାରେନଜରଆସିବେ।ଆଲିଆଏବଂଶର୍ବରୀଙ୍କସହିତବବିଙ୍କ ଟକ୍କର ଏହି ପ୍ରୋଜେକ୍ଟର ମୁଖ୍ୟ ଆକର୍ଷଣ ହେବ ବୋଲି କୁହାଯାଉଛି।

**କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିଧାୟକ ପଦ ରଦ୍ଦ କରାଯାଉ: କଂଗ୍ରେସ**

ଭୁବନେଶ୍ୱର,(ରବିନାରାୟଣ ଜେନା): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ତଥା ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ୨୦୨୪ ସାଧାରଣ ନିର୍ବାଚନ ବେଳେ ଜାଲ୍ ପାନ୍‌କାର୍ଡ ଦେଇଛନ୍ତି ଓ ସତ୍ୟପାଠରେ ମିଥ୍ୟା ତଥ୍ୟ ଦର୍ଶାଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ସୋମବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି, ମନ୍ତ୍ରୀ ତାଙ୍କ ନାମାଙ୍କନପତ୍ରରେ ଯେଉଁ ପାନ୍ ନମ୍ବର ଦେଇଛନ୍ତି ତାହା ତାଙ୍କର ନୁହେଁ। ଏ କଥାର ସ୍ପଷ୍ଟୀକରଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରଥମେ ଦେବାର ଆବଶ୍ୟକତା ରହିଛି।

**ଏସ୍ଆଇ ପରୀକ୍ଷା ସ୍କାମ୍‌ର ଗୁମର ଖୋଲୁଛି**




# ପଞ୍ଚଦଶ ଅର୍ଥ ଆୟୋଗ ଦେଇଛନ୍ତି ୪୪୪ କୋଟି

**୨୦୨୫-୨୬ ଆର୍ଥିକବର୍ଷ**

ଭୁବନେଶ୍ୱର,୩।୧୧ (ରବିନାରାୟଣ ଜେନା)

ଓଡ଼ିଶାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସଶକ୍ତୀକରଣ ପାଇଁ କେନ୍ଦ୍ର ସରକାରଙ୍କ ପଞ୍ଚଦଶ ଅର୍ଥ ଆୟୋଗ ୨୦୨୫-୨୬ ଆର୍ଥିକବର୍ଷ ଲାଗି ୪୪୪ କୋଟିରୁ ଅଧିକ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି ବୋଲି କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ପଞ୍ଚଦଶ ଅର୍ଥ ଆୟୋଗଙ୍କ ଏହି ଅର୍ଥରେ ଓଡ଼ିଶାର ୨୦ଟି ଯୋଗ୍ୟ ଜିଲା ପରିଷଦ, ୨୯୬ଟି ଯୋଗ୍ୟ ପଞ୍ଚାୟତ ସମିତି ଏବଂ ୬,୭୩୪ଟି ଗ୍ରାମପଞ୍ଚାୟତକୁ ଦ୍ୱିତୀୟ କିସ୍ତି ମୁକ୍ତ ଅନୁଦାନ(ଅନ୍‌ଟାଏଡ ଗ୍ରାଣ୍ଟ) ଆକାରରେ ୩୪୨ କୋଟି ୫୯ ଲକ୍ଷ ୬୪ ହଜାର ଟଙ୍କା ଦିଆଯାଇଛି। ଏହାପୂର୍ବରୁ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ପ୍ରଥମ କିସ୍ତିରେ ୧୦୧ କୋଟି ୭୮ ଲକ୍ଷ ୧୫ ହଜାର ଟଙ୍କା ଓଡ଼ିଶାକୁ ପ୍ରଦାନ କରାଯାଇଥିଲା। ସେଥିରେ ୨୦ଟି ଯୋଗ୍ୟ ଜିଲା ପରିଷଦ, ୨୩୩ଟି ପଞ୍ଚାୟତ ସମିତି ଏବଂ ୬୪୯ଟି ଗ୍ରାମପଞ୍ଚାୟତର ଅନୁଷ୍ଠାନକୁ ସୁଦୃଢ଼ କରିବା ସହିତ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଉନ୍ନତି କରିବା ପାଇଁ ଅର୍ଥ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳଶକ୍ତି ମନ୍ତ୍ରଣାଳୟ (ପାନୀୟ ଜଳ ଏବଂ ପରିମଳ ବିଭାଗ) ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥାର ବିକାଶ ପାଇଁ ରାଜ୍ୟଗୁଡ଼ିକୁ ପଞ୍ଚଦଶ ଅର୍ଥ ଆୟୋଗଙ୍କ ମାଧ୍ୟମରେ ଅନୁଦାନ ପ୍ରଦାନ କରିବାକୁ ସୁପାରିସ କରିଥା'ନ୍ତି। ଅର୍ଥ ମନ୍ତ୍ରଣାଳୟ ପରବର୍ତ୍ତୀ ସମୟରେ ପ୍ରତି ଆର୍ଥିକବର୍ଷରେ ଦୁଇଟି କିସ୍ତିରେ ଏହି ଅନୁଦାନ ପ୍ରଦାନ କରିଥାଏ। ଦରମା ଏବଂ ପ୍ରତିଷ୍ଠାନ ଖର୍ଚ୍ଚକୁ ବାଦ୍ ଦେଇ ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ଏହି ଅନ୍‌ଟାଏଡ୍ ଗ୍ରାଣ୍ଟ ବା ମୁକ୍ତ ଅନୁଦାନକୁ ଖର୍ଚ୍ଚ କରିଥାନ୍ତି। ଅନ୍ୟପକ୍ଷରେ ଟାଏଡ୍ ଗ୍ରାଣ୍ଟ ବା ବନ୍ଧିତ ଅନୁଦାନକୁ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଓଡିଏଫ୍ ସ୍ଥିତିର ରକ୍ଷଣାବେକ୍ଷଣ ଭଳି ଅତ୍ୟାବଶ୍ୟକ ସେବା ସହିତ ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ଏବଂ ଜଳ ପୁନଃଚକ୍ରଣ ପାଇଁ ବ୍ୟବହାର କରାଯାଇଥାଏ।

# ଅଲ୍ ଇଣ୍ଡିଆ ଆଦିବାସୀ କଂଗ୍ରେସ ଆଡ୍‌ଭାଇଜରି କାଉନ୍‌ସିଲ କମିଟିରେ ଓଡ଼ିଶାରୁ ୫

ଭୁବନେଶ୍ୱର/ରାୟଗଡ଼ା,୩।୧୧ (ରବିନାରାୟଣ ଜେନା/ଆଶିଷ ରଞ୍ଜନ ପଣ୍ଡା)

ଅଲ୍‌ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ସୋମବାର ଆଦିବାସୀ କଂଗ୍ରେସ ଆଡ୍‌ଭାଇଜରି କାଉନ୍‌ସିଲ ଓ ସ୍ୱତନ୍ତ୍ର ନିମନ୍ତ୍ରିତ କମିଟି ଗଠନ ହୋଇଛି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅନୁମୋଦନକ୍ରମେ ଅଧ୍ୟକ୍ଷ ବିଧାୟକ ଡ. ବିକ୍ରାନ୍ତ ଭୁରିଆ ଜାରି କରିଥିବା ଆଦିବାସୀ କଂଗ୍ରେସ ଆଡ୍‌ଭାଇଜରି କାଉନ୍‌ସିଲ କମିଟିରେ ଓଡ଼ିଶାରୁ ୫ଜଣ ମନୋନୀତ ହୋଇଛନ୍ତି। ସେଥିମଧ୍ୟରେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକାଙ୍କ ସହିତ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ସୁଶୀଳା ତିର୍କି, ନାଗାର୍ଜୁନ ପ୍ରଧାନ ଓ ପରମା ପୂଜାରୀ ରହିଛନ୍ତି। ଏହାକୁ ନେଇ କାଡାମ କହିଛନ୍ତି, ଆଗାମୀ ଦିନରେ ଆଦିବାସୀଙ୍କ ନ୍ୟାୟ ଓ ବିକାଶ କ୍ଷେତ୍ରରେ ଏହି କମିଟି ତା'ର ଗୁରୁଦାୟିତ୍ୱ ନିଶ୍ଚିତ ଭାବେ ନିର୍ବାହ କରିବ। ଏଥିପାଇଁ ସେ ପିସିସି ସଭାପତି ଭକ୍ତ ଚରଣ ଦାସ, ଏଆଇସିସି ଅଧ୍ୟକ୍ଷ ଖାର୍ଗେ ଓ ସାଂସଦ ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଲମ୍ବା ଶାସନରେ ଲୋକଙ୍କ ପାଇଁ କ'ଣ କରିଛନ୍ତି କୁହନ୍ତୁ: ମନମୋହନ

ଭୁବନେଶ୍ୱର, ୩।୧୧ (ସୁନିତ୍ ମିଶ୍ର)

ରାଜ୍ୟରେ ଲମ୍ବା ସମୟ ଶାସନ କରିବା ବେଳେ ଲୋକଙ୍କ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ କ'ଣ କରିଛନ୍ତି ତାହା କୁହନ୍ତୁ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି। ନବୀନଙ୍କ ନୂଆପଡ଼ା ଗସ୍ତ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନମୋହନ କହିଛନ୍ତି, ଗୋଟିଏ ଦଳର ସଭାପତି ଭାବେ ନବୀନ ପ୍ରଚାର କରିବାକୁ ଯିବା ସ୍ୱାଭାବିକ। ବରଂ ସେ ନୂଆପଡ଼ାରେ ଯାଇ କୁହନ୍ତୁ ଦୀର୍ଘବର୍ଷ ଶାସନରେ ରହିବା ଭିତରେ କ'ଣ ସବୁ କରିଛନ୍ତି ସେକଥା ସେଠାରେ ଲୋକଙ୍କୁ କୁହନ୍ତୁ। କ୍ଷମତାରେ ଥିବା ଭିତରେ ନୂଆପଡ଼ାରେ ଯେଉଁସବୁ ଅଞ୍ଚଳକୁ ଯାଇପାରି ନାହାନ୍ତି ସେସବୁ ସ୍ଥାନକୁ ଏବେ ଯାଆନ୍ତୁ ବୋଲି ମନମୋହନ କହିଛନ୍ତି।

ମନମୋହନ ଆହୁରି କହିଛନ୍ତି, ୨୪ ବର୍ଷ ଧରି ବିଜେଡି କ୍ଷମତାରେ ରହିବା ପରେ ସାଧାରଣ ଲୋକ ସେମାନଙ୍କ ରାୟ ଦେଇସାରିଛନ୍ତି। ଲୋକପ୍ରିୟତା ଯଦି ଥିଲା ସରକାର କାହିଁକି ଚାଲିଗଲା। ଗତ ନିର୍ବାଚନରେ ବିଜେଡି ଆସନ ସଂଖ୍ୟାକୁ ଲୋକମାନେ ଅଧାରୁ ଅଧିକ କାହିଁକି କମାଇଦେଲେ। ଆଦର୍ଶଗତ ଲଢ଼େଇରେ ଭାଜପା ସବୁବେଳେ ବିଶ୍ୱାସ କରେ, ବ୍ୟକ୍ତିଗତ ଟିପ୍ପଣୀରେ ତାଙ୍କ ଦଳ ଭରସା କରେନାହିଁ। ଏକ ବିଚାରଧାରାକୁ ନେଇ ଭାଜପା ଲମ୍ବା ସମୟ ପର୍ଯ୍ୟନ୍ତ କାମ କରିଆସୁଛି। ବ୍ୟକ୍ତିଗତ ତର୍କବିତର୍କରେ ଭାଜପା କେବେହେଲେ ରହେ ନାହିଁ ବୋଲି ମନମୋହନ କହିଛନ୍ତି।

# ସରକାର ବଦଳିବା ପରେ ପରିସ୍ଥିତି ବଦଳିଯାଇଛି: ନବୀନ

- ନୂଆପଡ଼ା ଗସ୍ତରେ ଯାଇ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ପ୍ରଚାର କଲେ
- କୋମନା ବ୍ଲକରେ ହେଲା ବିରାଟ ସମାବେଶ

ନୂଆପଡ଼ା, ୩।୧୧ (ମକାରୁ ବେମାଲ/ପୀତାମ୍ବର ସାହୁ)



କୋମନା ବ୍ଲକର ତାରାବୋଡ଼ ଧାନମଣ୍ଡି ପଡ଼ିଆଠାରେ ସୋମବାର ଆୟୋଜିତ ସଭାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି।

ବିଜେଡି ସରକାର ସମୟରେ ନୂଆପଡ଼ା ଜିଲାର ପ୍ରଭୂତ ଉନ୍ନତି ହୋଇଥିଲା। ବିଜୁ ଏକ୍ସପ୍ରେସ ୱେଠାରୁ ଆରମ୍ଭକରି ଭଲ ପିଇବା ପାଣି, ୧୦ ହଜାର ହେକ୍ଟରରୁ ଅଧିକ ଜମିକୁ ପାଣି ଦିଆଯାଇଛି। ସୁନାବେଡ଼ା ଅଭୟାରଣ୍ୟର ଲୋକଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। କିନ୍ତୁ ରାଜ୍ୟରେ ଭାଜପା ସରକାର ଆସିବା ପରେ ପରିସ୍ଥିତି ପୂରା ବଦଳିଯାଇଛି। ସାରା ରାଜ୍ୟରେ ବର୍ତ୍ତମାନ ବିକାଶ କାମ ପୂରା ବନ୍ଦ ହୋଇଯାଇଛି। ରାଜ୍ୟର ଆଇନଶୃଙ୍ଖଳା ପୂରା ଭୁଶୁଡି ଯାଇଛି। ନାରୀ ଅତ୍ୟାଚାର ସବୁ ସୀମା ଟପିଲାଣି। ଭାଇଚାରାର ରାଜ୍ୟ ଭାବେ ଓଡ଼ିଶାର ଯେଉଁ ସୁନାମ ଥିଲା ତାହା ଏବେ ନଷ୍ଟ ହୋଇଗଲାଣି ବୋଲି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି।

ନୂଆପଡ଼ା ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏହି ଉପନିର୍ବାଚନରେ ତ୍ରିମୁଖୀ ଲଢ଼େଇ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାରି ଭିତରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଲାଗି ପ୍ରଚାର କରିବା ପାଇଁ ନବୀନ ସୋମବାର ପ୍ରଥମ ଥର ନୂଆପଡ଼ା ଗସ୍ତ କରିଛନ୍ତି। କୋମନା ବ୍ଲକର ତାରାବୋଡ଼ ଧାନମଣ୍ଡି ପଡ଼ିଆଠାରେ ସୋମବାର ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ସିଧାସଳଖ ଭାଜପାକୁ ସେ ଟାର୍ଗେଟ କରିଛନ୍ତି। ସେ ପ୍ରଥମେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୂଆପଡ଼ା ଜିଲା ଗଠନରେ ବିଜୁ ବାବୁଙ୍କ ଅବଦାନ ବିଷୟରେ ସ୍ମରଣ କରିଥିଲେ। ଏହି ଅବସରରେ ଲୋକଙ୍କୁ ଉଦ୍‌ବୋଧନ ଦେଇ ନବୀନ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଛନ୍ତି।

ନବୀନ ଆହୁରି କହିଛନ୍ତି, ମିଶନ ଶକ୍ତି ମା'ମାନେ ରାଜ୍ୟରେ ଏକ ନୀରବ ଆନ୍ଦୋଳନ ଆଣିଥିଲେ। କିନ୍ତୁ ଏ ସରକାରରେ ମିଶନ ଶକ୍ତି ମା'ମାନେ ବର୍ତ୍ତମାନ ଋଣ ପାଉନାହାନ୍ତି। ୮ ମାସ ହେଲା ମିଶନ ସେମାନେ ଦରମା ନ ପାଇବା ଦୁଃଖର ବିଷୟ। ଏ ସରକାର ଗେମ୍ ନୁହେଁ ନେମ୍ ଚେଞ୍ଜର ହୋଇଛି। ଲୋକମାନେ ଏହାକୁ ରଙ୍ଗମରା ସରକାର ବୋଲି କହୁଛନ୍ତି। ସରକାରକୁ ଆସିବା ଆଗରୁ ଭାଜପା ପ୍ରତିଶ୍ରୁତି ଦେଇଥିଲା ୩ ଶହ ୟୁନିଟ୍ ମାଗଣା ବିଜୁଳି, ସବୁ ବୃଦ୍ଧାବୃଦ୍ଧଙ୍କୁ ୩୫୦୦ ଟଙ୍କା ଭତ୍ତା,ସବୁ ପଞ୍ଚାୟତର ୧୦୦ ଯୁବତୀ ଯୁବକଙ୍କୁ ଚାକିରି, ଚାଷୀଙ୍କୁ ୟୁରିଆ ସାର ମିଳିବା, କଟ୍‌ନିଛଟ୍‌ନି ବନ୍ଦ ହେବା, ବିଏସ୍‌କେୱାଇ ପରିବର୍ତ୍ତେ ଆୟୁଷ୍ମାନ କାର୍ଡ ଭଲ ସୁବିଧା ଦେବ ବୋଲି କହିଥିଲେ। ଏସବୁ ସୁବିଧା ଲୋକଙ୍କୁ କେତେ ମିଳିଛି ବୋଲି ସେ ପଚାରି ବୁଝିଥିଲେ। ଭାଜପା ଭୋଟ ଚୋରି କରି ସରକାର ଗଢ଼ିଥିଲା। ଏବେ ନୂଆପଡ଼ାରେ ପ୍ରାର୍ଥୀ ଚୋରି କରିଛନ୍ତି। ନୂଆପଡ଼ାବାସୀ, ବିଜେଡି ଓ ତାଙ୍କ ସହ ବେଇମାନି ହୋଇଛି। ଏଥିପାଇଁ ଲୋକଙ୍କ ମନରେ କ୍ରୋଧ ଅଛି। ଏ ବିଶ୍ୱାସଘାତକତାର ଜବାବ ନୂଆପଡ଼ାବାସୀ ଭୋଟରେ ଦେବେ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ମାନବ ଶରୀର ଉପରେ 'ଅରୁଗୁଣ ଉଭିଦ'ର ବିଷାକ୍ତ ପ୍ରଭାବ

ଭୁବନେଶ୍ୱର, ୩।୧୧ (ବନ୍ଦନା ସେଠୀ)



**ସତର୍କ କଲା, ବିଶ୍ୱସ୍ତରୀୟ ଗବେଷଣା ଆରମ୍ଭ କଲା ଏମ୍ସ**

**ଖୋର୍ଦ୍ଧା, ଢେଙ୍କାନାଳ ଜିଲାକୁ କ୍ଷେତ୍ର ପରିଦର୍ଶନ କଲେ ବିଶେଷଜ୍ଞ**

ଓଡ଼ିଶା ସମେତ ଭାରତରେ ଦେଖିବାକୁ ମିଳୁଥିବା ସାଇକାଡ୍ ବା ସ୍ଥାନୀୟ ଭାଷାରେ ଜଣାଶୁଣା 'ଅରୁଗୁଣ ବା ଭେରୁ ଉଭିଦ' ମଣିଷ ଶରୀର ପାଇଁ କ୍ଷତିକାରକ। ଏହାର ଫଳ ଓ ଅନ୍ୟ ଅଂଶଗୁଡ଼ିକର ବିଷାକ୍ତ ପ୍ରଭାବ ରହିଛି। ଏନେଇ ଏମ୍ସ ଭୁବନେଶ୍ୱରର ଗବେଷଣା ଟିମ୍ ସୂଚନା ଦେବା ସହ ସତର୍କ କରିଛି। ଏବେ ଓଡ଼ିଶାର ବିଭିନ୍ନ ଜଙ୍ଗଲ ସମେତ ଖୋର୍ଦ୍ଧା, ଢେଙ୍କାନାଳ ଆଦି କେତେକ ଜିଲାରେ ଏହି ଉଭିଦ ପ୍ରାଚୀନ କାଳରୁ ରହି ଆସିଛି। କିଛି ଲୋକ ଏହି ଗଛର ଫଳକୁ ଖାଦ୍ୟ ଭାବେ ବ୍ୟବହାର କରୁଛନ୍ତି। ପିଠା ତିଆରି କରି ଖାଇବା ସହ ପୂଜାପର୍ବ ଓ ରୀତିନୀତିରେ ବ୍ୟବହାର କରୁଛନ୍ତି। ତେବେ ଗବେଷଣା କରୁଥିବା ବିଶେଷଜ୍ଞମାନେ ଅରୁଗୁଣ ଉଭିଦର ବିଷାକ୍ତ ପ୍ରଭାବ ଜାଣିବା ପରେ ଚିନ୍ତାବ୍ୟକ୍ତ କରିବା ସହ ଏହା ଉପରେ ବିଶ୍ୱସ୍ତରୀୟ ଗବେଷଣା ଆରମ୍ଭ କରିଛନ୍ତି।

ତଥ୍ୟ ଅନୁଯାୟୀ, ଏହି ଉଭିଦର ବିଭିନ୍ନ ପ୍ରଜାତିରେ ନ୍ୟୁରୋଟକ୍ସିନ ଚିହ୍ନଟ ହୋଇଛି। ଜାପାନ ସମେତ ବିଭିନ୍ନ ରାଷ୍ଟ୍ରରେ ଏହି ଉଭିଦକୁ ଖାଦ୍ୟ ଭାବେ ବ୍ୟବହାର କରୁଥିବା ଲୋକେ ନାନା ରୋଗର ଶିକାର ହେଉଥିବା ପ୍ରମାଣିତ ହୋଇସାରିଛି। ତେବେ ବିଭିନ୍ନ ଜଟିଳ ସ୍ନାୟୁବିକ (ନ୍ୟୁରୋଲୋଜିକାଲ) ରୋଗର ବର୍ଦ୍ଧିତ ଘଟଣା ସହିତ ସିଧାସଳଖ ଜଡିତ କି ନାହିଁ ତାହାକୁ ନେଇ ଏମ୍ସ ଟିମ୍ ପକ୍ଷରୁ ଗବେଷଣା ଆରମ୍ଭ ହୋଇଛି। ଏମ୍ସ ଭୁବନେଶ୍ୱରର ନ୍ୟୁରୋଲୋଜି ବିଭାଗ, ଅଙ୍କୋଲୋଜି, ରେଡିଓଲୋଜି, କମ୍ୟୁନିଟି ମେଡିସିନ୍, ପାଥୋଲୋଜି, ଡର୍ମାଟୋଲୋଜି ବିଭାଗ ସମେତ ପୋର୍ଟଲ୍ୟାଣ୍ଡ ଓରେଗନ୍ ସ୍ୱାସ୍ଥ୍ୟ ଏବଂ ବିଜ୍ଞାନ ବିଶ୍ୱବିଦ୍ୟାଳୟର ନ୍ୟୁରୋସାଇଣ୍ଟିଷ୍ଟ ପ୍ରଫେସର ପିଟର ଏସ୍. ସ୍ପେନ୍ସର ଏବଂ ପ୍ରଫେସର ଭ୍ୟାଲେରି ଏସ୍ ପାଲ୍‌ମର, ଫ୍ରାନ୍ସର ଷ୍ଟ୍ରାସବର୍ଗ ବିଶ୍ୱବିଦ୍ୟାଳୟ ନ୍ୟୁରୋଲୋଜି ବିଭାଗର ପୂର୍ବତନ ପ୍ରଫେସର ଜ୍ୟାକ ରେଇସ, ଲସ୍‌ଏଞ୍ଜେଲସ୍ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଡା. ରାଜର୍ଷି ମଜୁମଦାର ଏବଂ ଡା. ଜେସିକା ପାସ୍କୱା, ଏମ୍ସ ନୂଆଦିଲ୍ଲୀ ନ୍ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ମଞ୍ଜରୀ ତ୍ରିପାଠୀ ପ୍ରମୁଖ ଏହା ଉପରେ ଅଧିକ ଗବେଷଣା କରୁଛନ୍ତି। ଏହି କ୍ରମରେ ବିଶ୍ୱସ୍ତରୀୟ ବିଶେଷଜ୍ଞମାନେ ଖୋର୍ଦ୍ଧା ଜିଲାର ଧୂଆଁନାଳି ଏବଂ ଢେଙ୍କାନାଳ ଜିଲାର କାମାକ୍ଷାନଗରର ଗଙ୍ଗାମୁଣ୍ଡା, ସୁଆଗିନାଳି ଗ୍ରାମଗୁଡ଼ିକୁ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅଞ୍ଚଳରେ ସ୍ଥାନୀୟ ଆଦିବାସୀ ଲୋକେ ପାରମ୍ପରିକ ଖାଦ୍ୟ ଉତ୍ସ ଭାବରେ ସାଇକାଡ ଗଛ ଉପରେ ମୁଖ୍ୟତଃ ନିର୍ଭରଶୀଳ। ଏହା ଖାଇବାରୁ ସୃଷ୍ଟି ହେଉଥିବା ସମ୍ଭାବ୍ୟ ସ୍ନାୟୁ ଏବଂ ଏଥିସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ସମ୍ପର୍କରେ ବିଶେଷଜ୍ଞମାନେ ଗ୍ରାମବାସୀ, ରୋଗୀ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ।

ଅପରପକ୍ଷେ ସମ୍ପୃକ୍ତ ଉଭିଦରେ କୌଣସି ବିଷାକ୍ତ ପ୍ରଭାବ ଅଛି କି ନାହିଁ, ଏହି ପ୍ରଶ୍ନର ସମାଧାନ ପାଇଁ ଜାତୀୟ, ଅନ୍ତର୍ଜାତୀୟ ବୈଜ୍ଞାନିକ ଏବଂ ଚିକିତ୍ସା ବିଶେଷଜ୍ଞଙ୍କୁ ନେଇ 'ସାଇକାଡ-ସମ୍ବନ୍ଧିତ ସ୍ନାୟୁଗତ ବ୍ୟାଧି: ଏହାର ପ୍ରତିକାର ପାଇଁ ଏକ ବହୁ-ପରିମାଣୀୟ ପଦ୍ଧତି' ଶୀର୍ଷକ ଏକ ଅନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏମ୍ସ ଭୁବନେଶ୍ୱର ନ୍ୟୁରୋଲୋଜି ବିଭାଗ ଏବଂ ଉତ୍ତର-ପୂର୍ବ ହିଲ ବିଶ୍ୱବିଦ୍ୟାଳୟ (ଏନ୍‌ଇଏଚ୍‌ୟୁ) ଶିଲଂ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ସାଇକାଡ୍ ସହିତ ଜଡ଼ିତ ଗମ୍ଭୀର ସ୍ୱାସ୍ଥ୍ୟ ବିପଦ ଉପରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ସହ ବିଶ୍ୱସ୍ତରୀୟ ବିଶେଷଜ୍ଞମାନେ ଯୋଗଦେଇଥିଲେ। ଏହି ପ୍ରାଚୀନ ଉଭିଦ ପ୍ରଜାତି ୩୦୦ ନିୟୁତ ବର୍ଷରୁ ଅଧିକ ସମୟ ଧରି ଡାଇନୋସର ସହିତ ରହିଥିଲା। ଏବେ ପ୍ରାୟତଃ ଆଲଙ୍କାରିକ ଉଭିଦ ଭାବରେ ବ୍ୟବହୃତ ହେଉଛି। ଏହି ସାଇକାଡ ପ୍ରଜାତିରେ ସାଇକାସିନ ଏବଂ ମିଥାଇଲାଜୋକ୍ସିମେଥାନଲ ସମେତ ଶକ୍ତିଶାଳୀ ବିଷାକ୍ତ ପଦାର୍ଥ ଥାଏ। ଏହି ବିଷାକ୍ତ ପଦାର୍ଥଗୁଡ଼ିକ ଆମେରିକାର ଗୁଆମ ଉପଦ୍ୱୀପ ଏବଂ ଜାପାନର କିଁଓ ଉପଦ୍ୱୀପରେ ପାରମ୍ପରିକ ଖାଦ୍ୟର ଏକ ଅଂଶ ଭାବେ ବ୍ୟବହାର ହେଉଛି। ତେବେ ଏହା ପାର୍କିନସନ, ଡିମେନ୍ସିଆ ଭଳି ଜଟିଳ ସ୍ନାୟୁଗତ ରୋଗ ସୃଷ୍ଟି କରୁଥିବା ପ୍ରମାଣିତ ହୋଇଥିବା ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## 'ଧରିତ୍ରୀ' ଟିକାବାଲି ଖବରଦାତାଙ୍କ ପରଲୋକ



ଗଗନ ବିହାରୀ ପଟ୍ଟନାୟକ

ଫୁଲବାଣୀ, ୩।୧୧ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଟିକାବାଲି ବ୍ଲକ୍ 'ଧରିତ୍ରୀ' ଖବରଦାତା ଗଗନ ବିହାରୀ ପଟ୍ଟନାୟକ(୫୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ପରଲୋକ ଘଟିଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ କିଛି ଦିନ ଧରି ଚିକିତ୍ସିତ ହେଉଥିଲେ। ୨ ବର୍ଷ ହେବ ସେ 'ଧରିତ୍ରୀ'ର ଟିକାବାଲି ପ୍ରତିନିଧି ଭାବେ କାମ କରିଆସୁଥିଲେ। କୋଭିଡ୍ ସମୟରେ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା। ଏବେ ତାଙ୍କର ଅକାଳ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କର ଏକ ମାତ୍ର ଝିଅ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗଗନ ବିଜେଡି ଦଳର ତୁଙ୍ଗ ନେତା ଭାବେ ମଧ୍ୟ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ବହୁ ଖବରଦାତାଙ୍କ ସହ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଘୋଡ଼ାହାଡ଼ ନଦୀରେ ଭାସିଯାଇ ୨ ମହିଳା ମୃତ

**ପଞ୍ଚକ ପାଇଁ ଭୋର ସାଢ଼େ ୩ଟାରୁ ବୁଡ଼ ପକାଇବାକୁ ଯାଇଥିଲେ**

ଦିଗପହଣ୍ଡି,୩।୧୧ (ଅଶେଷ ନାଥ ମିଶ୍ର)

ପବିତ୍ର କାର୍ତ୍ତିକ ମାସ ପଞ୍ଚକ ପାଇଁ ବୁଡ଼ ପକାଇବାକୁ ଯାଇ ଘୋଡ଼ାହାଡ଼ ନଦୀରେ ସୋମବାର ୨ ଜଣ ମହିଳା ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ସେମାନେ ହେଲେ ସେବକ ଟିକରପଡ଼ା ଗାଁର ସୀମାଞ୍ଚଳ ପାଢ଼ୀଙ୍କ ସ୍ତ୍ରୀ ଲଳିତା ପାଢ଼ୀ (୬୪) ଏବଂ ଧନୁ ଗୌଡ଼ଙ୍କ ସ୍ତ୍ରୀ ସବିତା ଗୌଡ଼ (୪୦)। ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ପଞ୍ଚାୟତରେ ଏପରି ଦୁଃଖଦ ଘଟଣା ଘଟିଛି।



ଲଳିତା ପାଢ଼ୀ ଓ ସବିତା ଗୌଡ଼।

ସେବକ ଟିକରପଡ଼ା ଗାଁର ଲଳିତା ଓ ସବିତା ପଞ୍ଚକ ପାଇଁ ବୁଡ଼ ପକାଇବାକୁ ଭୋର ପ୍ରାୟ ସାଢ଼େ ୩ଟାରେ ଘୋଡ଼ାହାଡ଼ ନଦୀକୁ ଯାଇଥିଲେ। ସେଠାରେ ଲଳିତା ଗାଧୋଇ ସାରି ଲୁଗା ଚିପୁଡୁଥିବା ବେଳେ ଲୁଗାଟି ପାଣିରେ ଭାସି ଯାଇଥିଲା। ଲୁଗାକୁ ଆଣିବା ବେଳେ ସେ ଭାସିଯାଇ ନଦୀର ଗଭୀର ଗଣ୍ଡ ମଧ୍ୟକୁ ଚାଲିଯାଇ ବୁଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବା ବେଳେ ସବିତା ମଧ୍ୟ ନଦୀରେ ଭାସିଯାଇ ବୁଡ଼ିଯାଇଥିଲେ। ଖବର ପାଇ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ସାମାଜିକ କର୍ମୀ ସୀମାଞ୍ଚଳ କର ଦିଗପହଣ୍ଡି ଅଗ୍ନିଶମବାହିନୀକୁ ଜଣାଇଥିଲେ। ଅଗ୍ନିଶମବାହିନୀ ପ୍ରାୟ ୧ କି.ମି. ଦୂର ଗୋଲଣ୍ଡା ଗ୍ରାମ ନଦୀପଠାରେ ପହଞ୍ଚି ଗ୍ରାମର କେତେ ଜଣ ବ୍ୟକ୍ତିଙ୍କ ସହାୟତାରେ ନଦୀରୁ ଲଳିତା ଓ ସବିତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଉଭୟଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଏନେଇ ନଂ. ୪୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଲଳିତା ଓ ସବିତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବାତ୍ୟା 'ମୋନ୍ଥା' ପ୍ରଭାବରେ ପ୍ରବଳ ବର୍ଷା ହେବାରୁ ଡ୍ୟାମ୍‌ରୁ ଘୋଡ଼ାହାଡ଼ ନଦୀକୁ ପାଣି ଛଡ଼ାଯାଇଥିଲା। ନଦୀ ଭିତରକୁ କେହି ନ ଯିବା ଏବଂ ଗୃହପାଳିତ ପ୍ରାଣୀଙ୍କୁ ନ ଛାଡିବା ପାଇଁ ପୂର୍ବରୁ ଦିଗପହଣ୍ଡିସ୍ଥିତ ଘୋଡ଼ାହାଡ଼ ଜଳସେଚନ ଉପନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଥିଲା। ଅନ୍ୟପକ୍ଷରେ ସେବକ ଟିକରପଡ଼ା ଗ୍ରାମ ନିକଟ ନଦୀରେ ଲୋକେ ଗାଧୋଇବା ପାଇଁ ଏକ ଗଣ୍ଡ କରିଛନ୍ତି। ସେହି ଗଣ୍ଡରେ ଗାଧୋଉଥିବା ବେଳେ ଏପରି ଦୁଃଖଦ ଘଟଣା ଘଟିଥିବା କୁହାଯାଉଛି।

# ଭାଜପାରେ ମିଶିଲେ ଅମର ପଟ୍ଟନାୟକ

- ନୂଆପଡ଼ାରେ ଅମର ପ୍ରଚାର କଲେ ନବୀନ ତାଙ୍କ ସ୍ଥିତି କଥା ଜାଣିବେ: ମୁଖ୍ୟମନ୍ତ୍ରୀ
- ରାଷ୍ଟ୍ର ନିର୍ମାଣ କଥା ଚିନ୍ତା କଲାବେଳେ ଭାଜପା ଛଡ଼ା ଅନ୍ୟ ଦଳ କଥା ଆସିଲାନି: ଅମର

ଭୁବନେଶ୍ୱର, ୩।୧୧ (ସୁନିତ୍ ମିଶ୍ର)



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେଡି ନେତା ଅମର ପଟ୍ଟନାୟକଙ୍କୁ ସ୍ୱାଗତ କରୁଛନ୍ତି।

ବିଜେଡିର ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ବରିଷ୍ଠ ନେତା ଅମର ପଟ୍ଟନାୟକ ସୋମବାର ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଗୋଟିଏ ପଟେ ନୂଆପଡ଼ାରେ ପ୍ରଚାର କରିବା ଲାଗି ବିଜେଡି ସଭାପତି ନବୀନ ପଟ୍ଟନାୟକ ଯାଉଥିବା ବେଳେ ଅନ୍ୟପଟେ ଅମର ଆସି ଭାଜପାରେ ଯୋଗଦେବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ଅମର ପଦ୍ମ ଧରିଛନ୍ତି। ଅମରଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ରାଜନୈତିକ ଯାତ୍ରାରେ ଅମର ଜଣେ ବୌଦ୍ଧିକ ବ୍ୟକ୍ତିତ୍ୱ। ପୂର୍ବରୁ ସେ ବିଜେଡିରେ ରହି ସ୍ୱର ଉଠାଉଥିଲେ ସତ, କିନ୍ତୁ ଖୋଲା ହୃଦୟରେ ପ୍ରଶସ୍ତ ଭାବେ କାର୍ଯ୍ୟ କରିପାରୁ ନ ଥିଲେ। ଭାଜପାରେ ଯୋଗଦେବା ପରେ ସେ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରିବେ। ନୂଆପଡ଼ା ଉପନିର୍ବାଚନ ମଇଦାନରେ ଯେତେବେଳେ ପ୍ରଥମ ଥର ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି, ସେତିକିବେଳେ ତାଙ୍କ ଦଳର ବରିଷ୍ଠ ନେତା ଅମର ପଟ୍ଟନାୟକ ଭାଜପାରେ ସାମିଲ ହୋଇଛନ୍ତି। ଅମର ବାବୁ ଯେତେବେଳେ ନୂଆପଡ଼ାରେ ଯାଇ ପ୍ରଚାର କରିବେ ସେତେବେଳେ ନବୀନ ବାବୁ ତାଙ୍କ ସ୍ଥିତି ବିଷୟରେ ଜାଣିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅମର କହିଛନ୍ତି, ତାଙ୍କ ୮ ବର୍ଷର ରାଜନୈତିକ ଜୀବନ ଭିତରେ ଏହା ହେଉଛି ଏକ ବିଶେଷ ମୁହୂର୍ତ୍ତ। ଲୋକଙ୍କ ସହ ମିଶି ଜନସେବା କରିବା ପାଇଁ ସେ ଚାକିରି ଛାଡ଼ିଥିଲେ। ଯେତେବେଳେ ରାଜ୍ୟ ସଭାରେ ସୁଯୋଗ ମିଳିଲା, ସେତେବେଳେ ଓଡ଼ିଶାର ଜନସାଧାରଣଙ୍କ ଦାବି କେନ୍ଦ୍ର ନିକଟରେ ଉପସ୍ଥାପନ କରିବା ପାଇଁ ସେ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଛନ୍ତି। କିନ୍ତୁ ଯେତେବେଳେ ରାଷ୍ଟ୍ର ନିର୍ମାଣ କଥା ଚିନ୍ତାକଲେ ସେତେବେଳେ ଭାଜପା ଛଡ଼ା ଅନ୍ୟ କୌଣସି ଦଳ ନଜରକୁ ଆସି ନ ଥିଲା ବୋଲି ସେ କହିଛନ୍ତି। ଦଳ ପକ୍ଷରୁ ତାଙ୍କୁ ଯେଉଁ କାମରେ ନିୟୋଜନ କରାଯିବ ତାହାକୁ ସେ ସୁଚାରୁ ରୂପେ ସମ୍ପାଦନ କରିବେ ବୋଲି କହିଛନ୍ତି।

## ସୁବିଧାବାଦୀ ରାଜନୀତିର ଆଉ ଏକ ଉଦାହରଣ: ବିଜେଡି

ଭୁବନେଶ୍ୱର, ୩।୧୧ (ସୁନିତ୍ ମିଶ୍ର)

ଅମର ପଟ୍ଟନାୟକଙ୍କ ଭାଜପାରେ ଯୋଗଦାନର କୌଣସି ପ୍ରଭାବ ପଡ଼ିବ ନାହିଁ ଏବଂ ସୁବିଧାବାଦୀ ରାଜନୀତିର ସେ ଆଉ ଏକ ଉଦାହରଣ ସୃଷ୍ଟି କଲେ ବୋଲି ବିଜେଡି ଅଭିଯୋଗ କରିଛି। ସୋମବାର ଶଙ୍ଖ ଭବନଠାରେ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଅମରଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟ ସଭାକୁ ପଠାଇବା ସହ ଦଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରି ରାଜନୈତିକ ପରିଚୟ ଦେଇଥିଲେ। ୨୦୨୪ ନିର୍ବାଚନରେ ଭାଜପାର ଭୋଟ ଚୋରି ବାବଦରେ ସମସ୍ତ ତଥ୍ୟ ସହ ନିର୍ବାଚନ କମିଶନଙ୍କ ନିକଟରେ ବିଜେଡି ପକ୍ଷରୁ ଅଭିଯୋଗ ଦାୟର ହୋଇଥିଲା, ଯେଉଁଥିରେ ଅମର ପ୍ରମୁଖ ଭୂମିକା ନେଇଥିଲେ। ବର୍ତ୍ତମାନ ସେ ଭାଜପାରେ ସାମିଲ ହେଲା ପରେ ଭୋଟ ଚୋରି ସମ୍ପର୍କରେ ଅମର ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ। ଅବସର ଗ୍ରହଣ ପରେ ବିଜେଡି ଆଦର୍ଶ ତଥା ନବୀନ ବାବୁଙ୍କ ନେତୃତ୍ୱକୁ ସର୍ବଦା ପ୍ରଶଂସା କରିଆସୁଥିବା ଅମର ବର୍ତ୍ତମାନ ରାଷ୍ଟ୍ର ନିର୍ମାଣ କରିବା ପାଇଁ ଭାଜପାରେ ଯୋଗଦେଲି ବୋଲି କହିବା ହାସ୍ୟାସ୍ପଦ ବୋଲି ଲେନିନ୍ କହିଛନ୍ତି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଚିତ୍ରକଳା ଓ ସ୍ଥାପତ୍ୟ ପ୍ରଦର୍ଶନୀ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସିଆର୍ଆର୍ଆଇ ଏବଂ ସିଏବିଆଇ ପକ୍ଷରୁ ଆୟୋଜିତ ଷ୍ଟେକ୍‌ହୋଲ୍ଡର କନ୍‌ସଲଟେଶନ ୱାର୍କସପ୍, ସ୍ଥାନ: ହୋଟେଲ ମେଫେୟାର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଶରତ ଉତ୍ସବ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- କିଶୋର କୁମାର ଦାସଙ୍କ ପୁସ୍ତକ ପଜିଟିଭ୍ ଫିଲିଙ୍ଗସ୍ ଉନ୍ମୋଚନ, ସ୍ଥାନ: ହୋଟେଲ ଅନ୍ନପୂର୍ଣ୍ଣା, ଆଇଆର୍‌ସି ଭିଲେଜ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦର୍ପଣ ନୃତ୍ୟାନୁଷ୍ଠାନ ପକ୍ଷରୁ ଅଦ୍ୱୈତ ନୃତ୍ୟ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୩ଟା ୩୦।
- ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ସ୍ୱର୍ଣ୍ଣାଭ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା: ୬ଟା।

**ବାଲେଶ୍ୱର**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୫', ସ୍ଥାନ: ଜିଲା ସ୍କୁଲ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଜାତୀୟ ପ୍ରେସ୍ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବାହାର୍ଦ୍ଦା ଡାକବଙ୍ଗଳା, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଉଚ୍ଚଡିହାଗାଦି ଗୋସ୍ୱାଇଁ ମଠ, ବାସୁଦେବପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଚରମ୍ପା ରେଲ୍‌ୱେ ପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ କଳସ ପୂଜା ଆରମ୍ଭ, ସ୍ଥାନ: ମତୋ କଚେରି ପୋଖରୀ, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା।
- ରାମଚରିତ ମାନସ ଉଦ୍‌ଯାପନୀ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ଆମ ପରମ୍ପରା ଅନୁଷ୍ଠାନର ବୋଇତ ବନ୍ଦାଣ ଉତ୍ସବର ରୌପ୍ୟ ଜୟନ୍ତୀ ଉଦ୍‌ଘାଟନୀ, ସ୍ଥାନ: କାଳୀପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ସାଂସଦ ଖେଳ ମହୋତ୍ସବ ଦ୍ୱିତୀୟ ଦିନ, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ : ସକାଳ ୮ଟା।
- ବିଜେଡିର ଜନ ସମ୍ପର୍କ ପଦଯାତ୍ରା, ସ୍ଥାନ: କେନ୍ଦେଇପୋଷି, ପାଟଣା, ସମୟ: ସକାଳ ୮ଟା।
- ବଡ଼ଓଷା ପୂଜା, ସ୍ଥାନ: ବଡ଼ବିଲ, ହରିହର ମନ୍ଦିର ପ୍ରାଙ୍ଗଣ, ସମୟ : ରାତି ୧୦ ଟା।

**ମୟୂରଭଞ୍ଜ**
- ଜାହିରା ପୂଜା, ସ୍ଥାନ:ହଳଦୀପାଳ ସମାଇଡ଼ିହି ପୀଠ, ମୋରଡ଼ା,ସମୟ: ପୂର୍ବାହ୍ନ ୯ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ ଘଟ ଉତ୍ତୋଳନ, ସ୍ଥାନ:ଝିଙ୍କିରିଆ, ମୋରଡ଼ା, ସମୟ:ମଧ୍ୟାହ୍ନ ୧୨ଟା।
- ଶ୍ରୀ ଜଗନ୍ନାଥ ଦିବ୍ୟାଙ୍ଗ ସେବା କେନ୍ଦ୍ର ଉଦ୍‌ଘାଟନ,ସ୍ଥାନ:ଶ୍ରୀଦାମଚନ୍ଦ୍ରପୁର ସେବା କେନ୍ଦ୍ର ପରିସର, ଉଦଳା,ସମୟ:ମଧ୍ୟାହ୍ନ ୧୨ଟା୩୦।
- ଜଗଧାତ୍ରୀ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ମେଗା ରକ୍ତଦାନ ଶିବିର, ସ୍ଥାନ: କେସି ହାଇସ୍କୁଲ ପଡିଆ, ସମୟ: ସକାଳ ୮ଟା ୩୦।
- ୫୧ କୁଣ୍ଡିୟ ବୈଦିକ ମହାଯଜ୍ଞ, ସ୍ଥାନ: ପାଢ଼ି ସେଲିବ୍ରେସନ, ଗିରିରୋଡ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଗଞ୍ଜାମ**
- ବିଦ୍ୟାଳୟ ସମୂହ ଦୌଡକୁଦ ଓ ଯୋଗାସନ ପ୍ରତିଯୋଗିତା, ସ୍ଥାନ: ଛତ୍ରପୁର ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଖମାରୀ ଗାଁ ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ବିସି କଲେଜ, କେନ୍ଦୁପଦର, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଖାରିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ବିସି କଲେଜ, କେନ୍ଦୁପଦର, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭା ଗୃହ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ ଟା।

**ଗଜପତି**
- ସାଇବର ଠକେଇ ସଚେତନ, ସ୍ଥାନ: ମୋହନା ଥାନା ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ୯୨ ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କାମାକ୍ଷାନଗର ପୁରୁଣା ଆଳତୁମା କରଣସାହି, ସମୟ: ସନ୍ଧ୍ୟା ୬ ଟା।
- ୯୦ ତମ ପ୍ରତିବାର୍ଷିକ ବାଲ୍ୟଲୀଳା, ସ୍ଥାନ: କାମାକ୍ଷାନଗର ଆଳତୁମା ଅଲେଖ ଟୁଙ୍ଗି, ସମୟ ସନ୍ଧ୍ୟା ୬ ଟା।

**ଅନୁଗୋଳ**
- ବୋଇତ ବନ୍ଦାଣ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସକାଳ ୯ଟା।
- ବାବା ଧବଳେଶ୍ୱରଙ୍କ ବଡ଼ଓଷା ପୂଜାଉତ୍ସବ, ସ୍ଥାନ: ଆଠମଲ୍ଲିକ ଲିପିଲୋଇ ମହାଦେବ ମନ୍ଦିର, ସମୟ : ଅପରାହ୍ନ ୧ଟା।
- ବଡ଼ଓଷା ପାଳନ, ସ୍ଥାନ: ରାଜକିଶୋରପଡ଼ା ସର୍ପେଶ୍ୱର ମନ୍ଦିର, ସମୟ: ଅପରାହ୍ନ ୪ଟା।
- ବଡ଼ଓଷା ପର୍ବ ପାଳନ, ସ୍ଥାନ : ଆଠମଲ୍ଲିକ ରାମେଶ୍ୱର ପାଟଣା ମହାଦେବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ନିଃଶୁଳ୍କ ଅପେରା ପରିବେଷଣ, ସ୍ଥାନ: ଆଠମଲ୍ଲିକ ମହାଦେବ ମନ୍ଦିର ସମ୍ମୁଖ ଲିପିଲୋଇ, ସମୟ : ରାତି ୧୦ଟା।

**କେନ୍ଦ୍ରାପଡ଼ା**
- ଆର୍ଥିକ ଅନିୟମିତତା ବିରୋଧରେ ଶାସନ ପଞ୍ଚାୟତବାସୀଙ୍କ ଗଣଧାରଣା, ସ୍ଥନ:ବ୍ଲକ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।
- କଇଁଛ ସୁରକ୍ଷା ସଚେତନତା ଶିବିର, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ କାର୍ଯ୍ୟାଳୟ, ଶାସନପେଟା, ମହାକାଳପଡା, ସମୟ:ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ବ୍ରଜେନ୍ଦ୍ର ହାଇସ୍କୁଲ ନୟାଗଡ, ସମୟ ; ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ଉଦ୍‌ଯାପନ ଦିବସରେ ପୂର୍ଣ୍ଣାହୂତି, ସ୍ଥାନ: ଜଳେଶ୍ୱର ମହାଦେବଙ୍କ ପୀଠ, ମାଳିସାହି ଡିହଗାଁ, ସମୟ: ସକାଳ ୬ରୁ ରାତ୍ର ୧୦.୩୦
- ଜଗନ୍ନାଥ ମହାପ୍ରଭୁଙ୍କ ପଞ୍ଚକର ୩ୟ ଦିବସରେ କାଞ୍ଚି କାବେରୀ ବେଶ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।
- ମନ୍ଦିର ପ୍ରତିଷ୍ଠା, ବାର୍ଷିକ ଉତ୍ସବ ଓ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରାରେ ଅଁଳା ନବମୀ ଯାତ୍ରାର ପଞ୍ଚମ ଦିବସରେ ଘୃତ ଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତ ଭୀମରା ପାହାଡ, ସମୟ:ସକାଳ ୭ଟା।
- ଶରତ ରାସ ଯାତ୍ରା ମହୋତ୍ସବର ୫ମ ଦିବସରେ ମାନସିକ ପୂଜା, ସ୍ଥାନ: ଦଶପଲ୍ଲା ସହରର ଗୋପୀନାଥ ଜୀଉ ବିଜେ ସାତପାଟଣା, ସମୟ:ସକାଳ ୭ଟା।
- ପଞ୍ଚଦଶ ଭାଗବତ ପାରାୟଣର ସୂର୍ଯ୍ୟପୂଜା, ହୋମ, ଭାବତ ପାରାୟଣ, ଭଜନ କୀର୍ତ୍ତନ ଓ ପ୍ରବଚନର ସପ୍ତମ ଦିବସ, ସ୍ଥାନ ; ନୟାଗଡ ବ୍ଲକ ବେଗୁନିଆଁ ପାଟଣା ଗୋପୀନାଥ ଜୀଉଙ୍କ ମନ୍ଦିର, ସମୟ: ସକାଳ ୭ଟା।
- ଭାଗବତ ସପ୍ତାଙ୍ଗର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ମନ୍ଦିର, ସମୟ:ସକାଳ ୮ଟା।
- ଭାଗବତ ସପ୍ତାଙ୍ଗର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ମର୍ଦ୍ଧରାଜପୁର ମୁଣ୍ଡିଆ ହନୁମାନ ପୀଠ, ସମୟ:ପୂର୍ବାହ୍ନ ୯ଟା।
- ଭାଗବତ ସପ୍ତାଙ୍ଗର ଷଷ୍ଠ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ନାରାୟଣୀ ପୀଠ, ସମୟ:ପୂର୍ବାହ୍ନ ୯ଟା।
- ୨ୟ ତମ ବୈଦିକ ଦେବ ଯଜ୍ଞ ଓ ପଞ୍ଚକ ଜ୍ଞାନ ଜ୍ୟୋତି ପାରାୟଣ ପର୍ବର ୫ମ ଦିବସ, ସ୍ଥାନ:କଣ୍ଟିଲୋ କୁଞ୍ଜବିହାରୀପୁର ପାଟଣା, ସମୟ: ସକାଳ ୯ରୁ ରାତ୍ର ୯।
- ବୋଇତ ବନ୍ଦାଣ ଯାତ୍ରାଉତ୍ସବର ୪ର୍ଥ ଦିବସରେ ସାଂସ୍କୃତିକ ଆସର, ସ୍ଥାନ: ନୟାଗଡ ପୁରୁଣା ସହରର ମା' ଦକ୍ଷୀଣକାଳୀଙ୍କ ପଡିଆ, ସମୟ:ସଂଧ୍ୟା ୫.୩୦ରୁ ରାତି ୧୦ଟା।
- ପଞ୍ଚକ ଅବସରରେ ପାର୍ଶ୍ୱଦେବତା ଜଗନ୍ନାଥ ଜୀଉ ବିଜେଙ୍କ ରାଜା ବେଶ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସଂଧ୍ୟା ୫.୩୦ରୁ ରାତି ୧୦ଟା।
- ପଞ୍ଚକ ଅବସରରେ ଜଗନ୍ନାଥ ଜୀଉ ବିଜେଙ୍କ ଲକ୍ଷ୍ମୀନୃସିଂହ ବେଶ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ:ସଂଧ୍ୟା ୬ଟାରୁ ରାତି ୧୦ଟା।
- ପଞ୍ଚକ ଅବସରରେ ଗଜ କୃଷ୍ଣ ବଳରାମ ବେଶ, ସ୍ଥାନ: ଓଡଗାଁ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ:ସଂଧ୍ୟା ୬ଟାରୁ ରାତି ୧୦ଟା।
- ପଞ୍ଚକ ଅବସରରେ ଗରୁଡ ଯୁଗଳ ବେଶ, ସ୍ଥାନ: କଣ୍ଟିଲୋ ନୀଳମାଧବ କ୍ଷେତ୍ର, ସମୟ:ସକାଳ ୭ଟାରୁ ଅପରାହ୍ନ ୩ଟା।
- ପଞ୍ଚକ ଅବସରରେ ସଂଧ୍ୟାରେ ନୃସିଂହ ବେଶ, ସ୍ଥାନ: କଣ୍ଟିଲୋ ନୀଳମାଧବ କ୍ଷେତ୍ର, ସମୟ:ସଂଧ୍ୟା ୭ଟାରୁ ରାତି ୧୦ଟା।
- କାର୍ତ୍ତିକ ମହୋତ୍ସବର ୩ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ମର୍ଦ୍ଧରାଜପୁର ମୁଣ୍ଡିଆ ହନୁମାନ ପୀଠ, ସମୟ:ରାତି ୯ଟା।
- ଖଣ୍ଡପଡା କାର୍ତ୍ତିକେଶ୍ୱର ପୂଜାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ରଥଗଡା ଛକ, ସମୟ: ସଂଧ୍ୟା ୭ଟା।
- ପଞ୍ଚକ ଅବସରରେ ବାଦିପାଲାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ଗଡିଆସାହି ପଥରଗଣ୍ଡ ରାମମନ୍ଦିର ସମ୍ମୁଖ, ସମୟ: ସଂଧ୍ୟା ୭ଟା।

**ନବରଙ୍ଗପୁର**
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସମନ୍ୱୟ କମିଟି ବୈଠକ, ସ୍ଥାନ: ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୪୦।

**ମାଲକାନଗିରି**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ବୁଟିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଲକାନଗିରି, ସମୟ: ସକାଳ ୧୦ଟା।

**ସମ୍ବଲପୁର**
- ଭାଗବତ ସପ୍ତାହ ଜ୍ଞାନଯଜ୍ଞ, ସ୍ଥାନ: ମୁଦିପଡା ପଦ୍ମକେଶରୀ ପାର୍କ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଭାଷା ମାନ୍ୟତା ସକାଶେ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ କଥା ପ୍ରବଚନ, ସ୍ଥାନ : କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୩ଟାରୁ ରାତି ୭ଟା।

**ରାଉରକେଲା**
- ୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ଚତୁର୍ଥ ସନ୍ଧ୍ୟା ସମାରୋହ,ସ୍ଥାନ ;ଭଭବନ ମୁକ୍ତାକାଶ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।।
- ବୋଇତ ବନ୍ଦାଣ ଉଦଯାପନୀ ସମାରୋହ,ସ୍ଥାନ:ସେକ୍ଟର-୨ ଯାତ୍ରା ପଡିଆ,ସମୟ: ସନ୍ଧ୍ୟା ୭ଟା।

**ସୁନ୍ଦରଗଡ଼**
- ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଚୟନ ଶିବିରର ଉଦଯାପନ ଶିବିର,ସ୍ଥାନ: ଯତରା ପଡିଆ, ସୁନ୍ଦରଗଡ,ସମୟ:ଅପରାହ୍ନ ୪ଟା।

**ବରଗଡ଼**
- ଭାଗବତ ପଠନ, ସ୍ଥାନ:ତଳି ଟାମ୍ପରସରା, ଅତାବିରା, ସମୟ: ସକାଳ ୯ଟା।
- ବାଲିଯାତ୍ରା ଉତ୍ସବ, ସ୍ଥାନ: ଖଇରପାଲି, ଅତାବିରା, ସମୟ: ଅପରାହ୍ନ ୧ଟା।
- ରାଜ୍ୟସ୍ତରୀୟ ରାସ ଉତ୍ସବ, ସ୍ଥାନ:ନୂଆପାଲି, ସମୟ:ଅପରାହ୍ନ ୩ଟା।
- ବିରାଟ ବାଲିଯାତ୍ରା ଉତ୍ସବ,ସ୍ଥାନ:ଖୁଣ୍ଟପାଲି, ବରଗଡ଼, ସମୟ: ଅପରାହ୍ନ ୩ଟା
- ରାସ ଉତ୍ସବ, ସ୍ଥାନ:ଭୋଇପାଲି, ଅତାବିରା, ସମୟ: ଅପରାହ୍ନ ୩ଟା।

**ବୌଦ୍ଧ**
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ବୌଦ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଭୈରବୀଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ତାକୁଡ, ସମୟ: ଅପରାହ୍ନ ୨ଟା।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ୯୩ତମ ଚବିଶ ପ୍ରହର ନାମଯଜ୍ଞ ଉତ୍ସବର ତୃତୀୟ ଦିବସ, ସ୍ଥାନ: ସୋନପୁର ସହର ସ୍ଥିତ ଗଙ୍ଗାଧର ମେହେର ଛକ, ସମୟ: ଅହୋରାତ୍ର।
- ୨୨ତମ ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ପଟାଭାଡି, ସମୟ: ସକାଳ ୭ଟା।
- ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲକ୍ଷ୍ମୀନୃସିଂହ ବେଶ, ସ୍ଥାନ: କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ମନାମଯଜ୍ଞ ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ, ସ୍ଥାନ: ବିନିକା ଉର୍କେପଡା, ସମୟ: ପୂର୍ବାହ୍ନ ୧୧ଟା।
- କଳାସୀ ଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ସୋନପୁର ବ୍ଲକର ବଡଝିଙ୍କି ଗ୍ରାମ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା'ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ:ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

**ନୂଆପଡ଼ା**
- ରାହାସ ଲୀଳା ପରିବେଷଣ ଓ ପୁରାଣ କଥା, ସ୍ଥାନ: ଖଡିଆଳ ବ୍ରାହ୍ମଣପଡ଼ା, ସମୟ: ସକାଳ ୬ଟା ଓ ରାତ୍ର ୮ଟା।
- ଶ୍ରୀକୃଷ୍ଣ କଳା ପରିଷଦ ପକ୍ଷରୁ ଶ୍ରୀକୃଷ୍ଣ ଲୀଳା, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ, ସମୟ: ସକାଳ ୬ଟା ୩୦ ଓ ରାତି ୮ଟା।
- ଶ୍ରୀ ରାଧାମାଧବ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନୀପଡ଼ା, ସମୟ: ରାତ୍ର ୯ଟା।

## ଠକେଇ ଅଭିଯୋଗରେ ବାପପୁଅଙ୍କୁ ଉଠାଇନେଲା ଦୀଘା ପୋଲିସ

ମାର୍ଶାଘାଇ,୩।୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ପଶ୍ଚିମବଙ୍ଗ ଦୀଘା ମୋହନା ଥାନା ପୋଲିସ ଶନିବାର ବିଳମ୍ବିତ ରାତିରେ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ୍ ପାଟକୁରା ଥାନା ଅନ୍ତର୍ଗତ ପାଇଲୋ ଗ୍ରାମରେ ପହଞ୍ଚି ଏକ ଏନ୍‌ଜିଓ ସଂସ୍ଥା କର୍ମକର୍ତ୍ତା ଥିବା ବାପପୁଅଙ୍କୁ ଠକେଇ ଅଭିଯୋଗରେ ଉଠାଇ ନେଇଛି । ଦୀଘା ମୋହନା ଥାନାର ନଂ. ୫୬/୨୫ରେ ମାମଲା ରୁଜୁ ହୋଇଛି। ଦୀଘା ପୋଲିସ ପାଟକୁରା ଥାନା ସହାୟତାରେ ସେଠାରେ ଚଢ଼ାଉ କରି ବାପା ପ୍ରଫୁଲ୍ଲ ସାମନ୍ତରାୟ ଓ ପୁଅ ପ୍ରଭାସ ସାମନ୍ତରାୟଙ୍କୁ ଉଠାଇ ନେଇଥିବା ଜଣାପଡିଛି।

ଦୀଘା ମୋହନା ଥାନା ଅଞ୍ଚଳରେ ପ୍ରାୟ ୧୧ ଶହ ଲୋକଙ୍କୁ ଆର୍ଥିକ ଠକେଇ ଅଭିଯୋଗରେ ଦିଘା ପୋଲିସ ଏସ୍‌ଆଇ ଅମିତ ପ୍ରମାଣିକଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ଅଭିଯୁକ୍ତଙ୍କ ଘରେ ଶନିବାର ରାତିରେ ଚଢ଼ାଉ କରିଥିଲେ । ବାପପୁଅ ଘର ଉପର ମହଲାକୁ ପଳାଇଯାଉଥିବା ବେଳେ ପୋଲିସ ତାଙ୍କୁ କାବୁକରି ନେଇଥିଲା। ତେବେ ସେମାନଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି ସଫେଇ ଦେଇଥିଲେ ବି ତାଙ୍କ ଏନ୍‌ଜିଓ ଆକାଉଣ୍ଟକୁ ଲୋକମାନଙ୍କ ଟଙ୍କା ଆସିଥିବା ନେଇ ପ୍ରମାଣ ଥିବା ତଦନ୍ତ ବେଳେ ଜଣାପଡିଛି। ଏକ ର୍ୟାକେଟ ଏଭଳି ଠକେଇରେ ସମ୍ପୃକ୍ତ ଥିବା ପୋଲିସ କହିଛି। ପ୍ରାୟ ୨୮ ହଜାର ଲୋକ ଏହି ଠକେଇର ଶିକାର ହୋଇଥିବା ନେଇ ପୋଲିସ ପକ୍ଷରୁ ସୂଚନା ମିଳିଛି। ଚଢ଼ାଉରେ ପାଟକୁରା ଥାନା ଆଇଆଇସି ମହମ୍ମଦ ଜାମସେଦ୍‌ଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ବାଲେଶ୍ୱରର ସୁବ୍ରତ ନାମକ ଜଣେ ବ୍ୟକ୍ତିଙ୍କୁ ଦୀଘା ମୋହନା ପୋଲିସ ଅଟକ ରଖି ଜେରା କରିବା ପରେ ଏହି ଏନ୍‌ଜିଓର ଭୂମିକା ସନ୍ଦେହଜନକ ବୋଲି ପର୍ଦ୍ଦାଫାଶ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଘଟ ଘଟେଇ କହୁଛି କଥା;**
**ଗୋଟାଏ ଗଣ୍ଡିକି ଚାରିଟା ମଥା ।**

କେତେଜଣ ବ୍ୟକ୍ତି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ତଟସ୍ଥ ହୋଇଯାଏ। ଆଚମ୍ବିତ କଥା ଶୁଣି କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଗୋଟିଏ ଶରୀରରେ ଚାରିଟି ମୁଣ୍ଡ ରହିବା ଭଳି ନିହାତି ଅସମ୍ଭବ କଥା କହୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଧର୍ମ ବିତ୍ତ ବଢ଼େ ବହୁତ**
**ଗଲାବେଳେ ଯାଏ ମୂଳ ସହିତ ।**

ଧର୍ମ ଆଧାରରେ ଧନ ଅର୍ଜନ କରି ଜୀବନର ଆବଶ୍ୟକତା ପୂରଣ କରିବାକୁ ଶାସ୍ତ୍ର ନିର୍ଦ୍ଦେଶ ଦେଇଛି। ଅଧର୍ମ ଉପାୟ ଦ୍ୱାରା ଧନ ଅର୍ଜନ କରାଯାଇପାରେ ମାତ୍ର ଏହି ଧନ କେବେ ସ୍ଥାୟୀ ହୋଇ ରହିପାରି ନ ଥାଏ। ଅନ୍ୟାୟ ଦ୍ୱାରା ଅର୍ଜିତ ଧନ ନିଶ୍ଚିତ ଭାବେ ନଷ୍ଟ ହୋଇଯାଏ। ଏହି ନଷ୍ଟ ଯୋଗୁ ବ୍ୟକ୍ତି ତା'ର ମୂଳଧନକୁ ମଧ୍ୟ ହରାଇଥାଏ। ଅନ୍ୟାୟ ଉପାୟରେ ଧନ ଆହରଣ କରିବା ଦ୍ୱାରା ବ୍ୟକ୍ତିର ସମୃଦ୍ଧି ନଷ୍ଟ ହେବା ସହ ତା'ର ମାନ ସମ୍ମାନ ସବୁ ମାଟିରେ ମିଶିଯାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ପରିତ୍ୟକ୍ତ ଟାଙ୍କିରେ...

ଏଥିସହ ଜିଲା ରେଡ୍‌କ୍ରସ୍ ସହାୟତା ପାଣ୍ଠି ତରଫରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଖବରପାଇ ଭାଜପା ନେତା ବିଭୁଦତ୍ତ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏଭଳି ଦୁଃଖଦ ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ୧୭ ମାସରେ ୧୪ ଶୁଣାଣି...

ପ୍ରକାଶ ପାଇଛି। ଏସଂକ୍ରାନ୍ତରେ ଅକ୍ଟୋବର ୨୯ରେ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି, ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ୨୦୨୪ ଜୁଲାଇ ପହିଲାରେ ପ୍ରଥମ ଜନଅଭିଯୋଗ ସାକ୍ଷାତରେ ନେଇଥିଲେ ; ଯେଉଁଥିରେ କିସିଧାସଳଖ ୧୦୦୦ ଆବେଦନ ଗ୍ରହଣ କରାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ହେଉଛି ନାଗରିକ କୈନ୍ଦ୍ରିକ। ଏଥିପ୍ରତି ଲୋକଙ୍କ ବହୁ ଆଶା ଓ ଭରସା ରହିଛି। ଏହା ମାଧ୍ୟମରେ ସମାଜର ବହୁଲୋକ ବିଶେଷ ଭାବେ ଉପକୃତ ହୋଇପାରୁଛନ୍ତି। ଅଦ୍ୟାବଧି ମୁଖ୍ୟମନ୍ତ୍ରୀ ୧୪ଥର ଜନଅଭିଯୋଗ ଶୁଣାଣି କରି ୧୨ହଜାର ୯୫୦ ଅଭିଯୋଗ ଗ୍ରହଣ କରିଛନ୍ତି।

ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି, ଜୁଲାଇ ପହିଲାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ୧୪୨୦ଟି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୧୪୧୧ଟିର ଫଇସଲା ହୋଇଛି। ଉକ୍ତଦିନର ୯୯% ଅଭିଯୋଗର ସମାଧାନ ହୋଇଥିଲେ ବି ୯ଟିର କାହିଁକି ସମାଧାନ ହୋଇନାହିଁ ତାହା ବୁଝାପଡୁନାହିଁ। ସେହିପରି ଜୁଲାଇ ୧୫ରେ ୧୬୩୨ ଅଭିଯୋଗ ମଧ୍ୟରୁ ୧୬୦୯ଟିର ଫଇସଲା ହୋଇଥିବାବେଳେ ୨୩ଟି ବାକି ରହିଥିବାବେଳେ ଅଗଷ୍ଟ ୫ରେ ସର୍ବାଧିକ ୨୩୪୯ଟି ଅଭିଯୋଗ ମଧ୍ୟରୁ ୨୩୦୯ଟିର ଫଇସଲା ହୋଇଛି।

ସେହିପରି ସେପ୍ଟେମ୍ବର ୨୩ରେ ୭୨୭ରୁ ୭୧୦ଟିର ଫଇସଲା ହୋଇଥିବାବେଳେ ଅକ୍ଟୋବର ୨୧ରେ ୭୧୪ରୁ ୬୯୭, ଡିସେମ୍ବର ୧୬ରେ ୫୦୩ରୁ ୪୮୬, ୨୦୨୫ ଫେବୃଆରୀ ୩ରେ ୭୦୬ରୁ ୬୭୫, ମାର୍ଚ୍ଚ ୩ରେ ୬୪୦ରୁ ୫୮୭, ଏପ୍ରିଲ ୨୧ରେ ୮୫୭ରୁ ୮୧୫, ମେ' ୧୯ରେ ୬୬୦ରୁ ୬୦୩ଟିର ଫଇସଲା ହୋଇଛି। ହେଲେ ୨୦୨୫ ଜୁଲାଇ ୭ରେ ୬୨୨ଟି ଅଭିଯୋଗ ମଧ୍ୟରୁ ୪୯୫ଟି ଫଇସଲା ହୋଇଛି, ଯାହା କି ମାତ୍ର ଫଇସଲା ହାର ୮୦ ପ୍ରତିଶତ ରହିଛି। ଜୁଲାଇ ୨୮ରେ ୭୩୬ରୁ ୫୪୩ଟିର ଫଇସଲା ହୋଇଥିବାବେଳେ ୧୯୩ଟି ବକେୟା ରହିଛି। ଅଗଷ୍ଟ ୧୧ରେ ଶେଷଥର ପାଇଁ ହୋଇଥିବା ଅଭିଯୋଗ ଶୁଣାଣିରେ ୬୯୮ରୁ ମାତ୍ର ୪୩୪ଟିର ଶୁଣାଣି ହୋଇଛି। ଅଭିଯୋଗ ଫଇସଲା ହାର ମାତ୍ର ୬୨ ପ୍ରତିଶତ ରହିଛି। ଏହାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ତେଣୁ ତୁରନ୍ତ ବକେୟା ଥିବା ଅଭିଯୋଗର ଫଇସଲା କରି ୧୫ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ସୁରେନ୍ଦ୍ର କୁମାର ପତ୍ରରେ ଦର୍ଶାଇଛନ୍ତି।

## ଚାଇନା, ପାକିସ୍ତାନ...

ନିର୍ଭରଯୋଗ୍ୟତାକୁ ସୁନିଶ୍ଚିତ କରିବା ନିମନ୍ତେ ପରୀକ୍ଷା ଜରୁରୀ ବୋଲି ଟ୍ରମ୍ପ ଆମେରିକାର ଅଣୁଅସ୍ତ୍ର ପରୀକ୍ଷା ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇବାକୁ ଯାଇ କହିଛନ୍ତି। ସୂଚନାଯୋଗ୍ୟ, ଆମେରିକା ସେନା ନିୟମିତ ଭାବେ ଅଣୁଅସ୍ତ୍ରବାହୀ କ୍ଷେପଣାସ୍ତ୍ର ପରୀକ୍ଷା ଜାରି ରଖିଥିଲା। ୧୯୯୨ରୁ ଏହି ପରୀକ୍ଷାକୁ ବନ୍ଦ ରଖିଛି। ସାକ୍ଷାତ୍କାରରେ ଟ୍ରମ୍ପ ପୁଣିଥରେ ଭାରତ-ପାକିସ୍ତାନ ସଂଘର୍ଷ ରୋକିବା ଦାବି ଦୋହରାଇଛନ୍ତି। ଇତିମଧ୍ୟରେ ୮ଟି ଯୁଦ୍ଧ ବନ୍ଦ କରିଥିବା ସେ ଦାବି କରିଛନ୍ତି।

## ପ୍ରଚାର ପାଇଁ ଲୋକ...

ଗତ ରବିବାର କଂଗ୍ରେସର ଏକ ବାଇକ୍ ରାଲି କରାଯାଇଥିଲା। ଏହା ଟାନୱାଟ ଛକରୁ ଆରମ୍ଭ ହୋଇ ଖରିଆର ରୋଡ୍ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ପ୍ରାୟ ୫ଶହରୁ ଅଧିକ ବାଇକ୍ ଆସିଥିଲା। ଏମାନଙ୍କୁ ଖାଇବା ପିଇବା ଦେଇ ଜଣ ପିଛା ଟଙ୍କା ମଧ୍ୟ ଦିଆଯାଇଥିବା ଦିଆମୁଣ୍ଡା ଗ୍ରାମର ଜଣେ ବ୍ୟକ୍ତି ପ୍ରକାଶ କରିଛନ୍ତି।

ସେହିପରି ସୋମବାର କୋମନା ବ୍ଲକର ତରବୋଡରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ ନିର୍ବାଚନୀ ସଭାରେ ଯୋଗଦେଇ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ସମାବେଶରେ ପ୍ରାୟ ୧୫ରୁ ୨୦ ହଜାର ଲୋକଙ୍କ ସମାଗମ ହୋଇଥିବା କୁହାଯାଇଥିଲା। ଏହି ସମାବେଶକୁ ଆସିଥିବା ଲୋକଙ୍କୁ ଜଣପିଛା ୨ଶହ ଟଙ୍କା ଦେଇ ଗାଡ଼ିରେ ଅଣାଯାଇଥିବା ଝଗ୍ରାହି ଗ୍ରାମର ଜଣେ ବ୍ୟକ୍ତି ଆମକୁ କହିଛନ୍ତି। ଅନୁରୂପ ଭାବେ ନବୀନଙ୍କ ସଭାକୁ ଭଣ୍ଡୁର କରିବା ପାଇଁ ଭାଜପା ମଧ୍ୟ ସମାନ ଢଙ୍ଗରେ ଏହାର ନିକଟସ୍ଥ ଗାଁଗୁଡିକରେ ସଭା ସମିତି ଆୟୋଜନ କରି ଲୋକଙ୍କୁ ଖାଇବା ପିଇବା ଦେଇ ଜଣ ପିଛା ଟଙ୍କା ମଧ୍ୟ ଦେଇଥିବା ତରବୋଡ଼ ଗ୍ରାମର ଜଣେ ମହିଳା ପ୍ରକାଶ କରିଛନ୍ତି। ଭାଜପା ଲୋକଙ୍କୁ ବିଭିନ୍ନ ସଭା ଓ ରାଲିକୁ ଆଣିବାକୁ ଜଣ ପିଛା ୨ଶହରୁ ୫ଶହ ଟଙ୍କା ଦେଉଥିବା ଭାଲଡୁଙ୍ଗୁରୀ ପଞ୍ଚାୟତ ସରାଇପାଲି ଗ୍ରାମର ଜଣେ ବ୍ୟକ୍ତି ଆମକୁ କହିଛନ୍ତି।

ନୂଆପଡ଼ା ଉପନିର୍ବାଚନକୁ ଆଉ ସପ୍ତାହେ ରହିଲା। ଆଗକୁ ପ୍ରଚାର ଆହୁରି ସରଗରମ ହେବ। ତିନି ଦଳର ହେଭିୱେଟ ନେତା ନୂଆପଡ଼ା ଆସି ପ୍ରଚାର କରିବେ। ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଆସି କଂଗ୍ରେସ ପାଇଁ ପ୍ରଚାର କରିବେ ବୋଲି ଦଳ ସୂଚନା ଦେଇଛି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଆଗାମୀ ଦିନରେ ଆସି ନିର୍ବାଚନ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି। ନବୀନ ପଟ୍ଟନାୟକ ଆଉ ଥରେ ଆସି ଖରିଆର ରୋଡ୍‌ରୁ ନୂଆପଡା ପର୍ଯ୍ୟନ୍ତ ରୋଡ୍ ଶୋ କରିବେ ବୋଲି ଶୁଣିବାକୁ ମିଳୁଛି। ତେବେ ଏହି ସବୁ କାର୍ଯ୍ୟକ୍ରମରେ ଲୋକଙ୍କ ଭିଡ଼ ପାଇଁ ଗାଡ଼ିମୋଟରରେ ସେମାନଙ୍କୁ ସଭାକୁ ଆଣିବା ସହିତ ଖାଦ୍ୟ ଓ ଟଙ୍କା ଦିଆଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏପଟେ ଲୋକେ ସଭା ସମିତିକୁ ପ୍ରତ୍ୟହ ଆସୁଥିବାରୁ ଧାନ ଅମଳ ପ୍ରକ୍ରିୟା ମଧ୍ୟ ରହିଯାଉଛି ବୋଲି ପଞ୍ଚମପୁର ଗ୍ରାମର ଦେଓନାଥ ମହାନନ୍ଦ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶନି ସହ ଚନ୍ଦ୍ରଙ୍କ ସଂଯୋଗ ନିରୁତ୍ସାହିତ କରିପାରେ। ଧାର୍ମିକ କାର୍ଯ୍ୟରେ ବ୍ୟୟ ସାଙ୍ଗକୁ ଆନୁଷଙ୍ଗିକ ସହଯୋଗ ଅଭାବରୁ କୌଣସି କାମ ସମ୍ପନ୍ନ କରି ନ ପାରନ୍ତି। ଅବଶ୍ୟ କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ୍ ହେବେ। ଆଜି ବୃଥା ତର୍କ ନ କରି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ**
କର୍ମାଧିପ ଗୁରୁଙ୍କ ଦୃଷ୍ଟିରେ ଥିବାରୁ କର୍ମାରମ୍ଭ ପ୍ରତିପ୍ରଦ ରହିବା ସାଙ୍ଗକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଉନ୍ନତି କରିବେ। ବନ୍ଧୁଙ୍କ ନିକଟରୁ ଯାହା ପାଉଛନ୍ତି ତାହାକୁ ଆଦରର ସହ ଗ୍ରହଣ କରିବା ଭଲ । ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ**
ଆପଣଙ୍କ ଯୁକ୍ତିଯୁକ୍ତ ମତମନ୍ତବ୍ୟକୁ ବନ୍ଧୁମାନେ ବିରୋଧକଲେ ମଧ୍ୟ ସଫଳତା ଅବଶ୍ୟମ୍ଭାବୀ। ପାରିବାରିକ କ୍ଷେତ୍ରରେ ସମସ୍ୟା ରହିବ, କିନ୍ତୁ ହଠାତ୍ କୌଣସି ପଦକ୍ଷେପ ନେଲେ ଝମେଲା ବଢ଼ିଯିବ। ଜମିଜମା ବିବାଦ କିମ୍ବା କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଶିଳ୍ପ, ପରିବହନରେ ସଫଳତା ପାଇବେ।

**କର୍କଟ**
ଉନ୍ନତ ଚିନ୍ତାଧାରା ସାଙ୍ଗକୁ ଗଠନମୂଳକ ପରାମର୍ଶ ବନ୍ଧୁ ଗହଣରେ ଗ୍ରହଣୀୟ ହେବ। ଛୋଟ କଥାକୁ ନେଇ ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହାକି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିବ। ବାଣିଜ୍ୟ, ପରିବହନ ଓ ସଙ୍ଗଠନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ**
ଧନ ସ୍ଥାନରେ କେତୁଗ୍ରହ ପ୍ରଭାବରେ ଆର୍ଥିକ ସମସ୍ୟା ମଧ୍ୟରେ ପିଲାଙ୍କ ଅଭିଯୋଗକୁ ନେଇ ମନ ଅସ୍ଥିର ରହିବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ସରକାରୀ ଆଦେଶ ପ୍ରାପ୍ତହୋଇ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରିସ୍ଥିତି ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ହୋଇଯିବ।

**କନ୍ୟା**
ଭାଗ୍ୟସ୍ଥାନକୁ ରାଶ୍ୟାଧିପ ଦେଖୁଥିବାରୁ କୌଣସି ଶୁଭ ଖବର ପାଇବେ। ଯାତ୍ରା ସମୟରେ ପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବା ହେତୁ ବିରକ୍ତି ଅନୁଭବ କରିବେ। ଆଜି ସୁଦ୍ଧା ପାଇପାରି ନ ଥିବା ଜିନିଷଟି ପାଇ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା**
ସ୍ୱଗୃହୀଜନିତ ଆଜି ଯାହା ଓ ଯେମିତି ଚାହୁଁଛନ୍ତି ସେମିତି କାମ କରନ୍ତୁ, କିନ୍ତୁ ବିବାଦରୁ ଦୂରେଇରହନ୍ତୁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ପ୍ରଶାସନିକ ସ୍ତରରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା**
ଶନିଙ୍କ ଦୁର୍ବଳତା ହେତୁ ପରିବାରର ବିଭିନ୍ନ ସମସ୍ୟା ମୂଳକ ବିଷୟ ଚିନ୍ତାକରି ମାନସିକ ସୁସ୍ଥତା ରହିବ ନାହିଁ। ସହକର୍ମୀଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣାରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ**
ଅଷ୍ଟମସ୍ଥ ବୃହସ୍ପତି ପ୍ରଭାବରେ ବିଭିନ୍ନ ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଗୁପ୍ତକଥା, କଳାଧନ, କଚେରି ମାମଲା ସମ୍ପର୍କିତ ଅଯଥା ଚିନ୍ତା କରିପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବାର ପ୍ରଯତ୍ନ କରିପାରନ୍ତି । ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**ମକର**
ରାହୁ ମୁଖମଣ୍ଡନ କରିଥିବାରୁ ମୂଲ୍ୟହୀନ କଥାରେ ବିତର୍କକରି ପରିବାରରେ କଳହ ଲାଗିପାରେ। ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ର, ଜମିଜମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**କୁମ୍ଭ**
ଧନାଧିପ ଦ୍ୱିତୀୟକୁ ଅବଲୋକନ କରୁଥିବାରୁ ବନ୍ଧୁଙ୍କ ନିକଟରୁ ପ୍ରାପ୍ତି ଆଶା ନିରର୍ଥକ ହେବ ନାହିଁ। ନିଜ ପରିସରରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ,ଏଣୁ ସତର୍କ ରହିବା ଭଲ। କଠୋର ପରିଶ୍ରମ କାରଣରୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ ।

**ମୀନ**
ଭାଗ୍ୟଭାବସ୍ଥ ବୁଧ ଓ ମଙ୍ଗଳ ପ୍ରଭାବରେ କୌଣସି ବନ୍ଧୁଙ୍କ ସାହାଯ୍ୟରୁ ଯାନବାହନ, ନୂତନ ମେଶିନେରି ଜିନିଷ କିଣିପାରନ୍ତି। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ଫଳରେ ମନ ଏକପ୍ରକାର ହାଲୁକା ରହିବ। ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ସମ୍ପନ୍ନ ହୋଇଯାଇପାରେ।

ଆଜି ନଭେମ୍ବର ୪ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ବା ଡାଳକିଆ ବେଶ, କଳ୍ପବୃକ୍ଷୋତ୍ସବ, କାର୍ତ୍ତିକ ଶୁକ୍ଳପକ୍ଷର ବୈକୁଣ୍ଠ ଚତୁର୍ଦ୍ଦଶୀ ମଙ୍ଗଳବାର,ବଡ଼ଓଷା। ରାଶିନକ୍ଷତ୍ର-ଦିବା ଘ.୧୨।୩୩ମ. ପର୍ଯ୍ୟନ୍ତ ରେବତୀ/ମୀନ, ତା'ପରେ ଅଶ୍ୱିନୀ/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ମଙ୍ଗଳ ଚତୁର୍ଦ୍ଦଶୀ ସ୍ନାନ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ଦିବା ଘ.୦୫।୫୨ ଗତେ, ଘ.୦୬।୩୭ ମଧ୍ୟେ, ଘ.୦୮।୪୧ ମି. ଗତେ, ଘ.୧୧।୦୭ ମି. ମଧ୍ୟେ ଶୁଦ୍ଧ ଶୁଭବେଳା।

# ପୋଲିସ କବ୍‌ଜାରେ ସାର୍ପ ଶୁଟର କୁରୁପତି

**ପୀତବାସ ପଣ୍ଡା ହତ୍ୟା ମାମଲା**

**ସୁପାରିକିଲର ନିୟୋଜିତ କରିଥିବା ଉମା ବିଷୋୟୀ ବି ଧରାପଡ଼ିଲେ**

ବ୍ରହ୍ମପୁର,୩।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନ୍‌ଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଫେରାର ଥିବା ସାର୍ପ ଶୁଟର କୁରୁପତି ଭୂୟାଁ ଓ ସୁପାରିକିଲର ଯୋଗାଡ଼ କରିଥିବା ଉମା ବିଷୋୟୀ ସୋମବାର ଧରାପଡ଼ିଛନ୍ତି। ସେମାନେ ଓଡ଼ିଶା ବାହାରକୁ ଖସି ପଳାଉଥିବାବେଳେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କାବୁ କରିଛି। ଉଭୟଙ୍କୁ ଏକ ଅଜ୍ଞାତ ସ୍ଥାନରେ ରଖି ମୁହାଁମୁହିଁ ଜେରା କରାଯାଉଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସାର୍ପ ଶୁଟରଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଶନ କରାଯିବ। ପୀତବାସଙ୍କୁ ହତ୍ୟା ପାଇଁ କିଏ ସୁପାରି ଦେଇଥିଲେ, ବନ୍ଧୁକ କେଉଁଠୁ ଅଣାଯାଇଥିଲା ଓ ହତ୍ୟା ପାଇଁ କେଉଁଠି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା ସେ ନେଇ ଖୋଳତାଡ଼ ଚାଲିଛି। ଏହି ମାମଲାରେ ପୂର୍ବରୁ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୪ ଜଣ ଗିରଫ ହୋଇ ଜେଲରେ ଅଛନ୍ତି। ବିକ୍ରମ ଓ ପିଣ୍ଟୁଙ୍କ ସହ ଉମାଙ୍କର କିଭଳି ସମ୍ପର୍କ ହୋଇଥିଲା ସେ ନେଇ ମଧ୍ୟ ପୋଲିସ ଟିମ୍ ତନାଘନା ଚଳାଇଛି।

ଗତ ଅକ୍ଟୋବର ୬ ତାରିଖ ରାତିରେ ପୀତବାସଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ଘର ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ରାଜନୈତିକ, ବ୍ୟବସାୟିକ ଓ ବ୍ୟକ୍ତିଗତ ଶତ୍ରୁତାରୁ ପୀତବାସଙ୍କୁ ହତ୍ୟା କରାଯାଇଥିବା ୨୨ତାରିଖରେ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍. ସ୍ପଷ୍ଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବିକ୍ରମ ଓ ପିଣ୍ଟୁଙ୍କ ସମେତ ୧୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାର୍ପ ଶୁଟର ଦିଗପହଣ୍ଡି ଥାନା ଅନ୍ତର୍ଗତ ବନ୍ଧପଲିର କୁରୁପତି ଓ ସୁପାରିକିଲର ନିୟୋଜିତ କରିଥିବା ସଦର ଥାନା ଅନ୍ତର୍ଗତ ବାଲିପଡ଼ାର ଉମା ଫେରାର ଥିଲେ। ପୀତବାସଙ୍କ ହତ୍ୟା ପାଇଁ ୫୦ଲକ୍ଷ ଟଙ୍କାର ଡିଲ୍ ହୋଇଥିବା ଏସ୍‌ପି କହିଥିଲେ। ଶୁଟରଙ୍କ ପାଇଁ ଉମା ଆଗୁଆ ୧୦ ଲକ୍ଷ ଟଙ୍କା ନେଇଥିଲେ। ହତ୍ୟାକାଣ୍ଡ ପାଇଁ ସେ ପ୍ରଥମେ ୨ଜଣ ବିହାରୀ ଯୁବକଙ୍କୁ ନିୟୋଜିତ କରିଥିଲେ। ଉଭୟଙ୍କୁ ଅଳକାପୁରୀ ଅଞ୍ଚଳରେ ଭଡ଼ାଘରେ ରଖାଯାଇଥିଲା। ପୀତବାସ ଜଣେ ଆଇନଜୀବୀ ଜାଣିବା ପରେ ବିହାରୀ ଯୁବକଦ୍ୱୟ ଲୁଚି ପଳାଇଥିଲେ। ଏଥିରେ ଉମା ହଡ଼ବଡେଇ ଯାଇ ବନ୍ଧପଲିର କୁରୁପତି ଓ ଚିଣ୍ଟୁ ପ୍ରଧାନଙ୍କୁ ପୀତବାସଙ୍କ ହତ୍ୟା ପାଇଁ ନିୟୋଜିତ କରିଥିଲେ। ହତ୍ୟାକାଣ୍ଡର ୫ ଦିନ ପୂର୍ବରୁ ପୀତବାସଙ୍କ ଘରଠାରୁ ୨୦୦ ମିଟର ଦୂରରେ ସେମାନେ ଭଡ଼ାଘରେ ରହିଥିଲେ। ଉଭୟେ ଘଟଣା ଘଟିବା ରାତିରେ ଘରକୁ ଫେରୁଥିବା ପୀତବାସଙ୍କ ଗାଡ଼ି ନିକଟକୁ ଆସି ପଣ୍ଡା ବାବୁ ଭଲ ଅଛନ୍ତି କି ବୋଲି ପଚାରିଥିଲେ। ପରେ କୁରୁପତି ଅତି ନିକଟରୁ ପୀତବାସଙ୍କ ଛାତିକୁ ଗୁଳିମାଡ଼ କରିବା ପରେ ସହଯୋଗୀ ଚିଣ୍ଟୁଙ୍କ ବାଇକ୍‌ରେ ଚମ୍ପଟ ମାରିଥିଲେ। ଚିଣ୍ଟୁଙ୍କୁ ପୋଲିସ ବେଙ୍ଗାଲୁରୁରୁ ଗିରଫ କରିଥିଲା। ଫେରାର ଥିବା ଉମା ଓ କୁରୁପତିଙ୍କୁ ନିଜ ଫାର୍ମ ହାଉସ୍‌ରେ ଆଶ୍ରୟ ଦେଇଥିବା ବିକ୍ରମଙ୍କ ବନ୍ଧୁ ସୁନୀଲ ହୋତାଙ୍କୁ ଗତ ୨୩ ତାରିଖରେ ପୋଲିସ ଗିରଫ କରିଥିଲା। ସେହିପରି ବିହାରୀ ଯୁବକଙ୍କୁ ବ୍ରହ୍ମପୁରରେ ନିଜ ଘରେ ଆଶ୍ରୟ ଦେଇଥିବା ଅଭିଯୋଗରେ ପୋଲିସ ଶୂନ୍ୟ ଦାସଙ୍କୁ ଗତ ୨୮ ତାରିଖରେ ଗିରଫ ପରେ ଜେଲ ପଠାଯାଇଥିଲା। ପୀତବାସ ହତ୍ୟାକାଣ୍ଡରେ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ବିକ୍ରମଙ୍କ ସମେତ ୧୩ ଜଣ ଏବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବାବେଳେ ସୁରକ୍ଷା ଦୃଷ୍ଟିରୁ ଅଭିଯୁକ୍ତ ପିଣ୍ଟୁଙ୍କୁ ଗତ ଶୁକ୍ରବାର ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଛି।

# ଜେଲ ଗଲେ ଶଙ୍କର, ସିଲିକନ ଟେକ୍ ଲ୍ୟାବ ଏମ୍‌ଡି

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

ଭୁବନେଶ୍ୱର/ବ୍ରହ୍ମପୁର,୩।୧୧ (ସତ୍ୟଜିତ୍ ରାଉତ/ସୁବାସ ଚନ୍ଦ୍ର ପାଢ଼ୀ)



ସୁରେଶ ଚନ୍ଦ୍ର ନାୟକ



ଶଙ୍କର ପୃଷ୍ଟି

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି କେଲେଙ୍କାରୀରେ କ୍ରାଇମବ୍ରାଞ୍ଚ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କୁ ଗିରଫ କରିବା ପରେ ବଡ଼ ରହସ୍ୟ ପଦାକୁ ଆସିଛି। ଏହି ଜାଲିଆତିରେ ଶଙ୍କରଙ୍କ ସହ ସିଲିକନ୍ ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ମାଲିକ(ପ୍ରମୋଟର) ସୁରେଶ ଚନ୍ଦ୍ର ନାୟକ ସାମିଲ ଥିବା କ୍ରାଇମବ୍ରାଞ୍ଚ ପ୍ରମାଣ ପାଇବା ପରେ ତାଙ୍କୁ ସୋମବାର କ୍ରାଇମବ୍ରାଞ୍ଚ ଗିରଫ କରିଛି। ଶଙ୍କରଙ୍କୁ ଉତ୍ତରାଖଣ୍ଡରୁ ଶନିବାର ରାତିରେ ଗିରଫ ପରେ ୨ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇ କଟକ କ୍ରାଇମବ୍ରାଞ୍ଚ ଅଫିସରେ ରଖାଯାଇଥିବାବେଳେ ସୁରେଶଙ୍କୁ ମଧ୍ୟ ସେଠାକୁ ନିଆଯାଇଥିଲା। ପଚରାଉଚରା ପରେ ଉଭୟଙ୍କୁ ବ୍ରହ୍ମପୁର ନିଆଯାଇଥିଲା। ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ରୁରାଲ) କୋର୍ଟ ବିଚାରପତିଙ୍କ ଆବାସିକ କକ୍ଷରେ ଅଭିଯୁକ୍ତଦ୍ୱୟଙ୍କୁ ହାଜର କରାଯାଇଥିଲା। ସେଠାରୁ ଶଙ୍କର ଓ ସୁରେଶଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶଙ୍କର ଏବଂ ସୁରେଶଙ୍କ ବିରୋଧରେ ସମାନ ଦଫା ଲାଗିଛି।

କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏସ୍‌ଆଇ ପରୀକ୍ଷା ପରିଚାଳନାର ଦାୟିତ୍ୱ ପ୍ରାପ୍ତ ଆଇଟିଆଇ ଲିମିଟେଡ୍ ଏହି କାର୍ଯ୍ୟକୁ ସିଲିକନ୍ ଟେକ୍‌କୁ ସବ୍ ଟେଣ୍ଡର ଦେଇଥିଲା। ସୁରେଶ ହିଁ ପ୍ରଶ୍ନପତ୍ର ପ୍ରସ୍ତୁତି, ମୁଦ୍ରଣ ଏବଂ ପରିବହନ ପାଇଁ ଦାୟୀ ଥିଲେ। ତଦନ୍ତବେଳେ ଆହୁରି ଜଣାପଡିଛି ଯେ, ସୁରେଶ ହିଁ ଶଙ୍କରଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ। ବଡ଼ କଥା ହେଉଛି, ଶଙ୍କରଙ୍କୁ ଆଶ୍ରୟ ଦେବା ଓ ଫେରାର କରାଇବାରେ ସୁରେଶଙ୍କ ବଡ଼ ଭୂମିକା ଥିଲା। ସୁରେଶ ତାଙ୍କ ନୂଆଦିଲ୍ଲୀ କାଲକାଜୀସ୍ଥିତ କମ୍ପାନୀ ଗେଷ୍ଟ ହାଉସରେ ଶଙ୍କରଙ୍କୁ ଆଶ୍ରୟ ଦେଇଥିଲେ। ପରେ ତାଙ୍କୁ ସେହି ସ୍ଥାନରୁ ଫେରାର ହେବାକୁ ସତର୍କ କରାଇ ଗିରଫ ଓ ତଦନ୍ତ କବଳରୁ ବଞ୍ଚାଇଥିଲେ। ଯାହାକି ଉଭୟଙ୍କ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କକୁ ସ୍ପଷ୍ଟ କରିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ସଂଗଠିତ ଆପରାଧିକ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ଅନୁସନ୍ଧାନ ଚାଲିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରାପ କ୍ୟାମେରାରେ ପୁଣି ଫସିଲା ଶିକାରୀ

**୪ ଗିରଫ, ୩ ଦେଶୀ ବନ୍ଧୁକ ଜବତ**

ନୀଳଗିରି, ୩।୧୧(ପ୍ରଶାନ୍ତ ବିଶ୍ୱାଳ)



ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟରୁ ପୁଣି ଶିକାରୀଙ୍କୁ ଧରାଇ ଦେଇଛି ଟ୍ରାପ୍ କ୍ୟାମେରା। ଅହିରାଜବାଙ୍କ, ପୁରୁଣାପାଣି ବିଟ୍ ଅଞ୍ଚଳରେ ବନବିଭାଗ ପକ୍ଷରୁ ଖଞ୍ଜାଯାଇଥିବା ଗୋଟିଏ ଟ୍ରାପ୍ କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ଗତ ଅକ୍ଟୋବର ୩୧ ତାରିଖ ଅପରାହ୍ନ ୩ଟା ୨୬ରେ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ମାଙ୍କଡ଼ପଡ଼ା ପଦାଘାଟ ଚେମଚଟା ଲଧାସାହିର ଅଭିଯୁକ୍ତ ରାବଣ କଟୁଆଳ, ମହାଦେବ କଟୁଆଳ, ଶଙ୍କର ନାୟକ, ପକୋ କଟୁଆଳ କୁଲଡ଼ିହା ରେଞ୍ଜ୍‌ରେ ଶିକାର ଉଦ୍ଦେଶ୍ୟରେ ପଶିଥିଲେ। ଟ୍ରାପ୍ କ୍ୟାମେରାରେ ଫଟୋ ରହିଯିବା ଆଶଙ୍କାରେ ୪ଟି କ୍ୟାମେରାକୁ ଭାଙ୍ଗି ନେଇଆସିଥିଲେ। ସେଥିରୁ ୨ଟିକୁ ପୋଖରୀକୁ ଫିଙ୍ଗି ଦେଇଥିବା ବେଳେ ୨ଟି ଭଙ୍ଗା କ୍ୟାମେରାକୁ ମାଟିତଳେ ପୋତି ଲୁଚାଇ ରଖିଥିଲେ। ବନବିଭାଗର ରୁଟିନ ଚେକ୍ ସମୟରେ ଘଟଣା ଜଣାପଡ଼ିବା ପରେ ସେମାନଙ୍କ ସନ୍ଧାନରେ ଲାଗିଥିଲା। ସୋମବାର ଭୋର ୫ଟା ସମୟରେ କୁଲଡ଼ିହା ବନବିଭାଗ ଓ ବରହମପୁର ପୋଲିସ ସହଯୋଗରେ ଏହି ୪ଜଣ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଗୁଳି ଭର୍ତ୍ତି ୩ ଦେଶୀ ବନ୍ଧୁକ ସମେତ ଦୁଇଟି ଭଙ୍ଗା ଏଆଇ କ୍ୟାମେରାକୁ ଜବତ କରାଯାଇଛି।

# ଓଡ଼ିଶାରୁ ଅପରେଟ ହେଉଛି ଆନ୍ତଃରାଜ୍ୟ ବାଘଛାଲ ର୍‌ୟାକେଟ

**କର୍ଣ୍ଣାଟକର ବାଘଛାଲ ଭୁବନେଶ୍ୱରରେ ବିକ୍ରି ଯୋଜନା**

- ୩୦ ଲକ୍ଷ ଟଙ୍କାରେ ଡିଲ୍ କରି ଧରିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍
- କଲରାପତରିଆ ଛାଲ ଜବତ, ୩ ଗିରଫ

ଭୁବନେଶ୍ୱର,୩।୧୧(ସତ୍ୟଜିତ ରାଉତ)



ଜବତ ବାଘଛାଲ ଓ ଗିରଫ ୩ ଅଭିଯୁକ୍ତ।

ଭୁବନେଶ୍ୱରରୁ ଅପରେଟ ହେଉଛି ଆନ୍ତଃରାଜ୍ୟ ବାଘଛାଲ ର୍‌ୟାକେଟ୍। ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ବାଘ ଶିକାର ପରେ ଛାଲ ବିକ୍ରି ପାଇଁ ଭୁବନେଶ୍ୱର ଆସୁଛି। କର୍ଣ୍ଣାଟକର ଏକ କଲରାପତରିଆ ଛାଲ ବିକ୍ରି ଯୋଜନା ହେଉଥିବାବେଳେ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ତାହାକୁ ଧରିବା ସହ ସମ୍ପୃକ୍ତ ଏକ ବଡ଼ ର୍‌ୟାକେଟର ପର୍ଦ୍ଦାଫାଶ କରିଛି। ଏସ୍‌ସିୟୁର ଅଧିକାରୀମାନେ ଗ୍ରାହକ ବେଶରେ ରହି ଜୟଦେବ ବିହାର ଅଞ୍ଚଳରୁ ସମ୍ପୃକ୍ତ ୩ଜଣ ବାଘଛାଲ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ପଞ୍ଚସଖାନଗରର ରୋହିତ ମହାପାତ୍ର (୨୬), ଗଣ୍ଡମୁଣ୍ଡାର ଶମ୍ଭୁ ବିଷୋଇ (୨୩) ଓ ଗଞ୍ଜାମ ଭଞ୍ଜନଗରର ମଞ୍ଜିତ୍ ସାବତ (୨୧)। ସେମାନଙ୍କ ପାଖରୁ ଏକ କଲରାପତରିଆ ବାଘଛାଲ ଓ ୫ ମୋବାଇଲ ଜବତ ହୋଇଛି। ଏ ନେଇ ଏସ୍‌ସିୟୁ ପକ୍ଷରୁ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ହାତଗୋଡ଼ ବାନ୍ଧି ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

**ଗୁରୁତର ଅବସ୍ଥାରେ ଉଦ୍ଧାର, ଅଭିଯୁକ୍ତ ଗିରଫ**

ଆଗରପଡ଼ା,୩।୧୧(ସୁଶାନ୍ତ ଦାଶ)


ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବଡ଼ମହିଷଗୋଠ ଅଞ୍ଚଳରେ ସୋମବାର ଜଣେ ୧୨ ବର୍ଷର ଆଦିବାସୀ ନାବାଳିକାଙ୍କୁ ହାତଗୋଡ଼ ବାନ୍ଧି ବଳାତ୍କାର ଉଦ୍ୟମ କରାଯାଇଛି। ଏଥିସହ ନାବାଳିକାଙ୍କୁ ହତ୍ୟା ଉଦ୍ୟମ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଗୁରୁତର ନାବାଳିକା ଏବେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ପୁରୁଷଣ୍ଡ ପଞ୍ଚାୟତ ମୁଣ୍ଡଳୀ ଗ୍ରାମରୁ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଥିବା ବେଳେ ତାଙ୍କ ନାମ ଗୋପନ ରଖାଯାଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୦୫/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ସକାଳ ୬ଟା ବେଳେ ନାବାଳିକା ଜଣକ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟସ୍ଥ କେନାଲକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ଥିବା ଏକ କ୍ରଶରରେ କାମ କରୁଥିବା ଦୁଇଭାଇ କେନାଲରେ ମାଛ ଧରୁଥିଲେ। ସେମାନଙ୍କ ମଧ୍ୟରୁ ସାନଭାଇ ନାବାଳିକାଙ୍କୁ ଏକୁଟିଆ ପାଇ ଏକ ବୁଦାମୂଳକୁ ତାଙ୍କୁ ଟେକି ନେଇ ହାତଗୋଡ଼କୁ ଗାମୁଛାରେ ବାନ୍ଧି ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ନାବାଳିକା ଜୋରରେ ଚିତ୍କାର କରିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବକ ଜଣକ କୌଣସି ଧାରୁଆ ଅସ୍ତ୍ରରେ ତାଙ୍କ କପାଳ ଏବଂ ମୁଣ୍ଡକୁ କ୍ଷତବିକ୍ଷତ କରିଦେବା ସହ ମୁହଁକୁ କାମୁଡ଼ି ଖଣ୍ଡିଆ କରି ପକାଇଥିଲେ। ସେହି ସମୟରେ କେହି ଲୋକ ଆସିବା ଦେଖି ସେ ନାବାଳିକାଙ୍କୁ ଛାଡ଼ି ପଳାଇଥିଲେ। ପରିବାର ଲୋକେ ନାବାଳିକାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନାବାଳିକାଙ୍କ ପରିବାର ମୟୂରଭଞ୍ଜ ଜିଲାର ମହୁଲଡିହା ଥାନା ଅଞ୍ଚଳର ମୂଳ ଅଧିବାସୀ।

**ରାଜ୍ୟ ଖବର**

# ପାଟଣା ରେଞ୍ଜ୍‌ରେ ବୁଲୁଛି ମହାବଳ

**ଲୋକେ ଆତଙ୍କିତ, ଖଞ୍ଜାଗଲା ୩୫ ଟ୍ରାପ୍ କ୍ୟାମେରା**



ଚିହ୍ନଟ ପାଦଚିହ୍ନ।

ପାଟଣା,୩।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ସାଉଥବିଟ୍ ଗୋପୀନାଥପୁର ଗ୍ରାମାଞ୍ଚଳରେ ମହାବଳ ବାଘ ବୁଲୁଛି। ବିଲ କାଦୁଅରୁ ଶନିବାର ସନ୍ଧ୍ୟାରେ ମହାବଳ ବାଘର ପାଦଚିହ୍ନ ଲୋକେ ଦେଖିଥିଲେ। ଖବର ପ୍ରଚାର ପରେ ଲୋକେ ଭୟଭୀତ ଅବସ୍ଥାରେ ଥିବାବେଳେ ବନ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଏ ନେଇ ସୋମବାର କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ହନୁମନ୍ତ ଧାମଧେର ସୂଚନା ଦେଇଥିବା ବେଳେ ଲୋକଙ୍କୁ ଜଙ୍ଗଲକୁ ଯିବା ପାଇଁ ବାରଣ କରାଯାଇଛି।

ସୂଚନା ଅନୁଯାୟୀ, ଗୋପୀନାଥପୁର କେନ୍ଦୁଝର ଓ ମୟୂରଭଞ୍ଜ ଜିଲା କରଞ୍ଜିଆ ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବା ବେଳେ ଗ୍ରାମଟି ଅଟେଇ ସଂରକ୍ଷିତ ଜଙ୍ଗଲକୁ ଲାଗିଛି। ଶନିବାର ଗ୍ରାମବାସୀ ଗ୍ରାମ ନିକଟରେ ମହାବଳ ବାଘର ପାଦଚିହ୍ନ ଦେଖିଥିଲେ। ଏ ନେଇ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ପାଦଚିହ୍ନ ଯାଞ୍ଚ କରିବା ସହ ବାଘ ପାଦଚିହ୍ନର ଚିତ୍ର ଉତ୍ତୋଳନ କରିଥିଲେ। ବାଘ ମନିଟରିଂ ଦଳ ପ୍ରତିଦିନ ସେହି ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି। ବାଘଟି ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ବନ ବିଭାଗ ଅନୁମାନ କରୁଛି। ଉପସ୍ଥିତି ପ୍ରମାଣ କରିବା ପାଇଁ ୩୫ଟି ଟ୍ରାପ କ୍ୟାମେରା ଅଟେଇ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ସ୍ଥାନରେ ଖଞ୍ଜାଯାଇଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି। ଡିଏଫ୍‌ଓ ଧନ୍‌ରାଜ କହିଛନ୍ତି, ୨ ଦିନ ପୂର୍ବେ ପାଟଣା ରେଞ୍ଜରୁ ମହାବଳ ବାଘର ପାଦଚିହ୍ନ ଟ୍ରେସ୍ ହୋଇଛି। ବାଘ ଉପରେ ମନିଟରିଂ କରାଯାଉଛି। ବାଘକୁ ଟ୍ରେସ୍ କରିବା ପାଇଁ ଟ୍ରାପ୍ କ୍ୟାମେରା ଲଗାଯାଇଛି। ବାଘର ଫଟୋ ଏ ପର୍ଯ୍ୟନ୍ତ କ୍ୟାମେରାରେ କଏଦ ହୋଇନାହିଁ। ଅଟେଇ ସଂରକ୍ଷିତ ଜଙ୍ଗଲରେ ତୃଣଭୋଜୀ ପ୍ରାଣୀ ସଂଖ୍ୟା ବୃଦ୍ଧି ପାଉଛି, ଏଣୁ ବିଶେଷ କରି ମାଂସାଶୀ ପ୍ରାଣୀଙ୍କ ଏହି ଜଙ୍ଗଲକୁ ଆଗମନ ହେଉଛି। ଏହା ଅଟେଇ ସଫାରି ପାଇଁ ଶୁଭ ସୂଚନା ବୋଲି ସେ କହିଥିଲେ। ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି, ବାଘଟି ଶିମିଳିପାଳରୁ ପାଟଣା ରେଞ୍ଜ ଓ ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲ ଦେଇ ଢେଙ୍କାନାଳ ପର୍ଯ୍ୟନ୍ତ ଯିବା ଆସିବା କରୁଥିବା ଅନୁମାନ କରାଯାଉଛି।

## ଠାକୁରମୁଣ୍ଡାରେ ବାଘ ଆତଙ୍କ

ଠାକୁରମୁଣ୍ଡା,୩।୧୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ମହାବଳ ବାଘ ଆତଙ୍କ ଦେଖାଦେଇଛି। ମାସେ ହେଲା ବାଘଟି ଗ୍ରାମ ନିକଟବର୍ତ୍ତୀ ସଂରକ୍ଷିତ ଜଙ୍ଗଲରେ ଘୂରି ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିବା କହିଛନ୍ତି। ଶିମିଳିପାଳରୁ ଏହି ବାଘଟି ଚାଲି ଆସିଥିବା ବନ ବିଭାଗ ଅନୁମାନ କରିଛି। ଅକ୍ଟୋବର ୧୦ ତାରିଖରେ ସାଲେଇବେଡ଼ା ଗ୍ରାମପଞ୍ଚାୟତ ଖପରଖାଇ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ ବାଘ ବୁଲୁଥିବାବେଳେ ଏକ ଗାଈକୁ ଆକ୍ରମଣ କରି ମାରି ଦେଇଥିଲା। ପରଦିନ ଗାଈ ମାଲିକ ସନ୍ତୋଷ ମହାନ୍ତ ଖୋଜାଖୋଜି କରି ଜଙ୍ଗଲ ଭିତରେ ବାଘ ଆକ୍ରମଣରେ ଗାଈଟି ମରି ପଡ଼ିଥିବା ଠାବ କରିଥିଲେ। ଏହାର ୧୦ ଦିନ ପରେ ସେହି ଗ୍ରାମର ଯୋଗେନ୍ଦ୍ର ଗଗରାଇଙ୍କ ୨ଟି ଛେଳିକୁ ଜଙ୍ଗଲରେ ବାଘ ଆକ୍ରମଣ କରି ମାରି ଦେଇଥିଲା। ବାଘଟି ହାତୀଗୋଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଳିଆଜିଆଣି ଗ୍ରାମ ନିକଟ ଜଙ୍ଗଲରେ ବୁଲୁଥିବା ଲୋକେ ଦେଖିବା ସହ ତା'ର ପାଦ ଚିହ୍ନ ଦେଖିଥିଲେ। ସେହି ଜଙ୍ଗଲରେ ବାଘ କିଛିଦିନ ରହିବା ପରେ ଏବେ ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୁରୁଣାପଣି ଗ୍ରାମକୁ ଲାଗିଥିବା ସଂରକ୍ଷିତ ଜଙ୍ଗଲରେ ଥିବା ଲୋକେ କହିଛନ୍ତି। ବାଘର ଗତିବିଧି ନିରୀକ୍ଷଣ କରିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଖଞ୍ଜା ଯାଇଛି। ଏଥି ସହିତ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି।

# ଶବଗୃହରେ ଜଳିଗଲା ମୃତଦେହ

ବାସୁଦେବପୁର,୩।୧୧ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)




ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶବଗୃହରେ ଜଳିଯାଇଥିବା ମୃତଦେହ।

ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ସୋମବାର ନିଆଁ ଲାଗି ବ୍ୟବଚ୍ଛେଦ ପାଇଁ ରଖାଯାଇଥିବା ଏକ ମୃତଦେହ ଜଳିଯାଇଛି। ଜଳିଯାଇଥିବା ମୃତଦେହଟି ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ଗୋପବନ୍ଧୁନଗର ପଞ୍ଚାୟତ ବୁଢ଼ାଛକ ଗ୍ରାମର କମଳାକାନ୍ତ ଡଗରାଙ୍କ ସ୍ତ୍ରୀ ଯଶୋଦା ଡଗରା(୫୯)ଙ୍କର। ଧୂପ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଯଶୋଦା ସକାଳେ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ ତାଙ୍କ ମୃତଦେହ ଶବଗୃହରେ ରଖାଯାଇଥିଲା। ତାଙ୍କ ସମ୍ପର୍କୀୟମାନେ ମୃତଦେହକୁ ଧଳା କପଡ଼ାରେ ଘୋଡ଼ାଇବା ସହ ଧୂପ ଲଗାଇଥିଲେ। ଶବଗୃହର କବାଟ ବନ୍ଦ ଥିବାବେଳେ ମୃତଦେହ ରଖାଯାଇଥିବା ଗଦିରେ ଧୂପ ନିଆଁ ଲାଗି ମୃତଦେହ ଅଧା ପୋଡ଼ିଯାଇଥିଲା। ଶବଗୃହରୁ ଧୂଆଁ ବାହାରିବା ପରେ ମେଡିକାଲ କର୍ତ୍ତୃପକ୍ଷ ଓ ମୃତ ମହିଳାଙ୍କ ସମ୍ପର୍କୀୟ ନିଆଁ ଲାଗିଥିବା ଜାଣିଥିଲେ। ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ଏଭଳି ଘଟଣା କେଉଁ ପରିସ୍ଥିତିରେ ଡାକ୍ତରଖାନାରେ ଘଟିଲା ତାହାର ତଦନ୍ତ ପାଇଁ ମୃତ ମହିଳାଙ୍କ ସମ୍ପର୍କୀୟମାନେ ଦାବି କରିଛନ୍ତି।

# ହାତୀ ଆକ୍ରମଣରେ ୫ ବର୍ଷର ସାନଭାଇ ମୃତ

**ମା' ପଛେ ଦୁଇ ଭାଇ ବିଲକୁ ଯାଇଥିଲେ**

ଲାଞ୍ଜିଗଡ଼,୩।୧୧(ରମେଶ ଚନ୍ଦ୍ର ନାୟକ)



ପୋଲିସ, ବନବିଭାଗ କର୍ମଚାରୀମାନେ ତଦନ୍ତ କରୁଛନ୍ତି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ହରଡାଗୁଡ଼ା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ମା' ବାପା ପଛେ ପଛେ ବିଲକୁ ଯାଇଥିବା ୨ ଭାଇଙ୍କୁ ରାସ୍ତାରେ ଦନ୍ତା ହାତୀ ଆକ୍ରମଣ କରିଛି। ଏଥିରେ ୫ ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରଡାଗୁଡ଼ା ଗ୍ରାମର କାଣ୍ଡୁ ମାଝୀଙ୍କ ସାନପୁଅ ରବି ମାଝୀ। ବଡ଼ ପୁଅ ସାମ୍ବରୁ ମାଝୀ (୮) ଗୁରୁତର ହୋଇଛନ୍ତି। ଏ ନେଇ ବିଜେପୁର ଥାନା ପୋଲିସ ଏକ (ନଂ. ୯/୨୫) ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, କୁନାକାଡୁ ଗାଁର କାଣ୍ଡୁ ମାଝୀ କିଛି ବର୍ଷ ପୂର୍ବରୁ ନିକଟସ୍ଥ ହରଡାଗୁଡ଼ା ଗ୍ରାମରେ ନିଜ ସମ୍ପର୍କୀୟଙ୍କ ଜାଗାରେ ଘର ତିଆରି କରି ସ୍ତ୍ରୀ ଓ ତିନିପୁଅଙ୍କ ସହିତ ରହୁଥିଲେ। ସୋମବାର ସକାଳ ପ୍ରାୟ ୭ଟାରେ କାଣ୍ଡୁ ଓ ତାଙ୍କ ସ୍ତ୍ରୀ ଚାଷଜମିକୁ ଯାଉଥିବା ବେଳେ କିଛି ସମୟ ପରେ ଦୁଇପୁଅ ମଧ୍ୟ ସେମାନଙ୍କ ପଛେ ପଛେ ଯାଇଥିଲେ। ଏହି ସମୟରେ ନିକଟସ୍ଥ ଜଙ୍ଗଲରୁ ଏକ ଦନ୍ତା ହାତୀ ଆସି ଦୁଇଭାଇଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ସାନଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ବଡ଼ଭାଇ ଗୁରୁତର ହୋଇ ପାଟି କରିଥିଲେ। ପାଟି ଶୁଣି ଘଟଣାସ୍ଥଳରେ ପରିବାର ଓ ଗାଁ ଲୋକେ ପହଞ୍ଚି ହାତୀକୁ ଘଉଡ଼ାଇ ଦେଇଥିଲେ। ଖବରପାଇ ବିଶ୍ୱନାଥପୁର ଏସିଏଫ୍ ନରୋତ୍ତମ ମାଝୀ, ଲାଞ୍ଜିଗଡ ବ୍ଲକ ବିଡିଓ ଦାଇତ୍ୱ ତଥା ପ୍ରେବେଶନାରୀ ଆଇଏଏସ୍ ଅନିମେଶ ପ୍ରଧାନ, ଲାଞ୍ଜିଗଡ ବନପାଳ ଧରଣୀଧର ପଣ୍ଡାଙ୍କ ସମେତ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏଥିସହିତ ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନୀଙ୍କ ନେତୃତ୍ୱରେ ଏସ୍‌ଆଇ ଶ୍ୟାମ କୁଲସୀକାଙ୍କ ସମେତ ପୋଲିସ ଦଳ ମଧ୍ୟ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ବନପାଳ ଧରଣୀଧରଙ୍କୁ ପଚାରିବାରୁ କ୍ଷତିପୂରଣ ବାବଦକୁ ସରକାରଙ୍କ ତରଫରୁ ଯାହା ଥିବ ମୃତକଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ ଦିଆଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ବର୍ଷ ସାରା ଜଙ୍ଗଲୀ ହାତୀଙ୍କ ଉପଦ୍ରବ ହେଉଥିବା ବେଳେ ଲୋକଙ୍କ ଧନଜୀବନ ସମେତ ଚାଷବାସ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଗତ ଫେବୃଆରୀ ୧ ତାରିଖ ରାତିରେ କାଦମାଳି ଗ୍ରାମରେ ଏକ ଦନ୍ତା ହାତୀ ବୃଦ୍ଧ ମୁଗୁନା ମାଝୀ (୭୦) ଓ ସ୍ତ୍ରୀ ଗାଦ ମାଝୀ(୬୬)ଙ୍କୁ ଘର ଭିତରେ ପଶି ଦଳି ଦେଇଥିଲା। ପରେ ଉଭୟଙ୍କ ମୃତଦେହକୁ ଘୋଷାରି ଘୋଷାରି ଦଳି ଚକଟି ଶରୀରର ବିଭିନ୍ନ ଅଂଶ ଛିନ୍ନ ବିଚ୍ଛିନ୍ନ କରି ବିଭିନ୍ନ ଜାଗାରେ ପକାଇଥିବା ଦେଖିବାକୁ ମିଳିଥିଲା।

# ହାତୀ ଆକ୍ରମଣରେ ଜୀବନଗଲା: ଜଣେ ଗୁରୁତର

ମୋରଡ଼ା,୩।୧୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ତଥା ବେତନଟୀ ରେଞ୍ଜ ଅଞ୍ଚଳରେ ରବିବାର ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ମୁଣ୍ଡାବଣି ଗ୍ରାମର ଅଶୋକ ଟୁଡୁ(୫୩)।

ସୂଚନା ଅନୁଯାୟୀ, ବେତନଟୀ ରେଞ୍ଜ ଅଧୀନ ଗଡ଼ିଗାଁ ପଞ୍ଚାୟତର ଫୁଲବାଡ଼ିଆ ଗ୍ରାମସ୍ଥିତ ଏକ କାଜୁ ବଗିଚାରେ ରବିବାର ଅପରାହ୍ନ ୧ଟା ସମୟରେ ୬ଟି ଦନ୍ତା ହାତୀ ବିଚରଣ କରୁଥିଲେ। ଏହି ସମୟରେ ସେହି ବାଟ ଦେଇ ଅଶୋକ ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ଏକ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀଟି ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ଖବରପାଇ ଫରେଷ୍ଟର ଦୀପକ ପାତ୍ର ଏବଂ ଫରେଷ୍ଟ ଗାର୍ଡ ବିଜୟ ଶଙ୍କର ଦାସ ଘଟଣାସ୍ଥଳରେ ପହଞ୍ଚି ଅଶୋକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ୩ଟା୪୦ରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଅଶୋକଙ୍କ ପରିବାରକୁ ମୋଟ ୧୦ ଲକ୍ଷ ଟଙ୍କାର କ୍ଷତି ପୂରଣ ମିଳିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଏକ ଲକ୍ଷ ଟଙ୍କା ମିଳିବ ବୋଲି ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାଏକ କହିଛନ୍ତି। ସେହିପରି ଉକ୍ତ ରେଞ୍ଜ ଅଧୀନ ଶହୀଦପୁର ଗ୍ରାମରେ ରବିବାର ରାତି ୮ଟାରେ ଉପଦ୍ରବ ଚଳାଇ ଥିବା ହାତୀଙ୍କୁ ଦେଖିବା ପାଇଁ ଯାଇଥିବା ବେଳେ ଫାଲଝରୀ ଗ୍ରାମର ଯୁବକ ଭଞ୍ଜକିଶୋର ମହାନ୍ତ ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ଭଞ୍ଜକିଶୋରଙ୍କୁ ବାରମାଇଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଉଲ୍ଲେଖଯୋଗ୍ୟ, ମୋରଡ଼ା ଅଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ବନ ବିଭାଗ ନୀରବଦ୍ରଷ୍ଟା ସାଜି ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଲାସ୍ ଭେଗାସ୍‌ର ନୂଆ ସଙ୍କେତ

ଲାସ୍ ଭେଗାସ୍ ଆମେରିକାର ନେଭେଡା ରାଜ୍ୟର ଏକ ଜନବହୁଳ ନଗର। ଜୁଆଖେଳ, ଶପିଂ, ମନୋରଞ୍ଜନ ଓ ନାଇଟ୍ ଲାଇଫ୍ ଭଳି ଅସରନ୍ତି ଆନନ୍ଦର ଏକ ଭୂଖଣ୍ଡ ଭାବେ ଏହା ପରିଚିତି ହାସଲ କରିଆସିଛି। ହେଲେ ଚଳିତବର୍ଷ ପ୍ରଥମାର୍ଦ୍ଧରୁ ସେଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ଜୁଲାଇରୁ ଏହାର ପ୍ରଭାବ ଅନୁଭୂତ ହେଲାଣି। ଲାସ୍ ଭେଗାସ୍ କନ୍‌ଭେନଶନ୍ ଆଣ୍ଡ ଭିଜିଟର୍ସ ଅଥରିଟି ଅନୁଯାୟୀ ଜୁଲାଇ ଆରମ୍ଭରେ ହୋଟଲ ବୁକିଂ ୬୬.୭ ପ୍ରତିଶତ ହ୍ରାସ ପାଇଛି। କାରଣ ଗତବର୍ଷ ତୁଳନାରେ ଅନ୍ତର୍ଜାତୀୟ ପର୍ଯ୍ୟଟକ ୧୩ ପ୍ରତିଶତ କମିଛନ୍ତି। ଏପରି କି ଘରୋଇ ଆଗମନ ୬.୫ ପ୍ରତିଶତ ହ୍ରାସ ପାଇଛି। ଭୂ-ରାଜନୈତିକ ସ୍ଥିତି ସହ ମୁଦ୍ରାସ୍ଫୀତି ଓ ଆର୍ଥିକ ଅସ୍ଥିରତା ସବୁ ପ୍ରକାର ସାମଗ୍ରୀ ଓ ସେବାର ମୂଲ୍ୟକୁ ବଢ଼ାଇ ଦେଇଛି। ବିଶେଷଜ୍ଞମାନେ ଏହାକୁ ପର୍ଯ୍ୟଟନରେ ଟ୍ରମ୍ପ୍ ସ୍ଲମ୍ପ ଆଖ୍ୟା ଦେଇଛନ୍ତି। ସେମାନଙ୍କ ମତରେ ଟାରିଫ୍, ଅନ୍ତର୍ଜାତୀୟ ସମ୍ପର୍କରେ ତିକ୍ତତା ଓ ଯାତ୍ରୀଙ୍କ ପାଇଁ ବଢ଼ିଥିବା ଭିଜା ଫି’ ଯୋଗୁ ଏବେ ସେଠାରେ ସ୍ଥିତି ଅସମ୍ଭାଳ ହୋଇଛି। ସ୍ଥିତି ଏମିତି ହୋଇଛି ଯେ, ଲୋକମାନେ ଅନୁଭବ କରୁଛନ୍ତି ସେମାନେ ଠକାମିର ଶିକାର ହେଉଛନ୍ତି। କାରଣ ସେଠାରେ ଥିବା କ୍ୟାସିନୋକୁ ଧନୀ କମ୍, ମଧ୍ୟମ ବର୍ଗର ବହୁ ଅଧିକ ପର୍ଯ୍ୟଟକ ଯାଇଥାଆନ୍ତି। ତେଣୁ ଏମିତି ଏକ ସ୍ଥିତି ହେବ ଯେଉଁଠାରେ ଲାସ୍ ଭେଗାସ୍‌ର କ୍ୟାସିନୋ ମନୋରଞ୍ଜନ ପ୍ରେମୀଙ୍କୁ ଜାବୁଡ଼ି ଧରିପାରୁ ନ ଥିବ ଭାବିଲେ ଏହାର ହେତୁ ଖୋଜିବାକୁ ପଡୁଛି। ଆର୍ଥିକ ଦୃଷ୍ଟିକୋଣକୁ ତର୍ଜମା



କରି ନିରୋଳା ଅର୍ଥନୈତିକ ବ୍ୟାଖ୍ୟାନ ରଖୁଥିବା ବିଶ୍ଳେଷକଙ୍କ ଭିନ୍ନ ଆଉ କେତେକ ବିଶେଷଜ୍ଞ ଦେଉଥିବା ମତକୁ ମଧ୍ୟ ଏଠାରେ ଥୋଇବାର ଆବଶ୍ୟକତା ପଡୁଛି। କୁହାଯାଉଛି ଆଗଭଳି ନୂଆପିଢ଼ି ମଦମତ୍ତ ଓ କାମୁକ ପ୍ରବଣତାକୁ ଗୁରୁତ୍ୱ ନ ଦେଇ ବାସ୍ତବ ଜୀବନ ଜିଇବାକୁ ଚାହୁଁଛନ୍ତି। ସେଥିପାଇଁ ସେମାନଙ୍କ ଲାଗି କ୍ୟାସିନୋ, ନାଇଟ୍ ଲାଇଫ୍ ସହିତ ମଦ୍ୟପାନର ଆକର୍ଷଣ କମି ଆସିଛି। ଅନ୍ୟପକ୍ଷରେ ବୟସ୍କମାନଙ୍କ ଉପସ୍ଥିତି ଲାସ୍ ଭେଗାସ୍‌ର କିଛି ଅଞ୍ଚଳକୁ ଚଳଚଞ୍ଚଳ ରଖିଛି।

ନିକଟ ଅତୀତରେ ଆମେ ଯେଉଁ ‘ଜେନ୍ ଜି’ଙ୍କ ସ୍ୱଭାବ ନେପାଳରୁ ମାଡାଗାସ୍କର ପର୍ଯ୍ୟନ୍ତ ଦେଖିଲେ ସେମାନେ ବାସ୍ତବ ପରିସ୍ଥିତିରେ ବଞ୍ଚିବାକୁ ଚାହୁଁଛନ୍ତି। ଉପରଠାଉରିଆ ଜୀବନ ଓ ଭାଟ (ପ୍ରଶଂସାମୂଳକ) ସଂସ୍କୃତିକୁ ଘୃଣା କରିବା ସହ ଦୁର୍ନୀତି ବିରୋଧୀ ଅଭିଯାନ ମାଧ୍ୟମରେ ପରିବର୍ତ୍ତନ ଆଣିବା ସେମାନଙ୍କ ଲକ୍ଷ୍ୟ। ଗୋଟେ ପିଢ଼ି ଯେତେବେଳେ ତା’ର ଅଧିକାରରୁ ବଞ୍ଚିତ ହେବ, ସେତେବେଳେ ସେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବ। ଅବଶ୍ୟ ଏହି ପରିବର୍ତ୍ତନ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ପରିଚାଳିତ ହୋଇ ସ୍ଥଳବିଶେଷରେ ଭୁଲ୍ ପଦକ୍ଷେପ ନେଇଯାଉଥିବାରୁ ସମାଲୋଚନାର ଶିକାର ହେଉଛି। ଏକ ସକାରାତ୍ମକ ଲକ୍ଷ୍ୟ ହାସଲ ଦିଗରେ ଏକଜୁଟ ହୋଇ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରୁଥିବା ବର୍ଗ ଉପରେ ନୂଆ ପିଢ଼ି ଏକ ଚାପ ଗୋଷ୍ଠୀରେ ପରିଣତ ହେଲେ ତାହାର ସୁଫଳ ମିଳିପାରନ୍ତା। ‘ଜେନ୍ ଜି’ ଇଣ୍ଟରନେଟ୍, ସ୍ମାର୍ଟଫୋନ୍, ସୋସିଆଲ ମିଡିଆ ଏବଂ ପ୍ରଯୁକ୍ତି ସହ ତାଳ ଦେଇ ଚାଲୁଥିବାରୁ ଆଗକୁ ବଢୁଛି। ସେହିପରି ଏବର ପିଢ଼ି ଔଦ୍ୟୋଗିକ ଚିନ୍ତାଧାରାକୁ ପଥେୟ କରି କିଛି ନୂଆ କରିବାକୁ ଯାଇ ଜୀବନରେ ଆହ୍ୱାନର ସମ୍ମୁଖୀନ ହେବାକୁ ପସନ୍ଦ କରୁଛି। ଚାକିରି କିମ୍ବା ନିର୍ଦ୍ଦିଷ୍ଟ ଆୟ ଉତ୍ସକୁ ଦେଖି ପାରମ୍ପରିକ ଚିନ୍ତା ପୁରୁଣା ପିଢ଼ିରୁ ଯେଉଁଭଳି ଗଢ଼ି ଆସୁଥିଲା ସେଥିରେ ଏହି ବର୍ଗ ବ୍ୟତିକ୍ରମ ସୃଷ୍ଟି କରିବାକୁ ଚାହୁଁଛି। ନବସୃଜନ ତା’ ପାଇଁ ନୂଆ ସୁଯୋଗର ଅପେକ୍ଷା ରଖୁଛି। ଦେଖାଦେଉଥିବା ସାମାଜିକ ଓ ପରିବେଶଗତ ଅସଙ୍ଗତି ବିଷୟରେ ଏମାନେ ବେଶ୍ ସଚେତନ। ସେଥିପାଇଁ ନୂଆ ପିଢ଼ିକୁ ଦରକାର ନୈତିକ ସମର୍ଥନ। ଉଚିତ ନିଷ୍ପତ୍ତି ନେବାର ସୂକ୍ଷ୍ମ ବାଟ ପାଇଗଲା ପରେ ସେମାନଙ୍କ କାର୍ଯ୍ୟଧାରାରେ ଘଟୁଥିବା ପରିବର୍ତ୍ତନକୁ ବୁଝିହେବ। ଲାସ୍ ଭେଗାସ୍ ଏହାର ଏକ ନୂଆ ସଙ୍କେତ ଦେବା ଆରମ୍ଭ କରିଛି।

ଚାକିରି କିମ୍ବା ନିର୍ଦ୍ଦିଷ୍ଟ ଆୟ ଉତ୍ସକୁ ଦେଖି ପାରମ୍ପରିକ ଚିନ୍ତା ପୁରୁଣା ପିଢ଼ିରୁ ଯେଉଁଭଳି ଗଢ଼ି ଆସୁଥିଲା ସେଥିରେ ଏହି ବର୍ଗ ବ୍ୟତିକ୍ରମ ସୃଷ୍ଟି କରିବାକୁ ଚାହୁଁଛି। ନବସୃଜନ ତା’ ପାଇଁ ନୂଆ ସୁଯୋଗର ଅପେକ୍ଷା ରଖୁଛି। ଦେଖାଦେଉଥିବା ସାମାଜିକ ଓ ପରିବେଶଗତ ଅସଙ୍ଗତି ବିଷୟରେ ଏମାନେ ବେଶ୍ ସଚେତନ। ସେଥିପାଇଁ ନୂଆ ପିଢ଼ିକୁ ଦରକାର ନୈତିକ ସମର୍ଥନ। ଉଚିତ ନିଷ୍ପତ୍ତି ନେବାର ସୂକ୍ଷ୍ମ ବାଟ ପାଇଗଲା ପରେ ସେମାନଙ୍କ କାର୍ଯ୍ୟଧାରାରେ ଘଟୁଥିବା ପରିବର୍ତ୍ତନକୁ ବୁଝିହେବ। ଲାସ୍ ଭେଗାସ୍ ଏହାର ଏକ ନୂଆ ସଙ୍କେତ ଦେବା ଆରମ୍ଭ କରିଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | | | | | |
| | 7 | | 4 | | 9 | | | |
| 1 | 8 | | | | 6 | | 9 | 7 |
| | | 6 | | 3 | | | | |
| 8 | | | | | 5 | | 7 | 4 |
| | | 1 | | | 4 | 9 | 8 | |
| | | | | | | 7 | | |
| | | | 2 | | | | | |
| | 6 | | 7 | | 8 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 1 | 4 | 6 | 8 | 3 | 5 | 7 |
| 3 | 8 | 6 | 5 | 9 | 7 | 2 | 4 | 1 |
| 7 | 4 | 5 | 1 | 3 | 2 | 6 | 8 | 9 |
| 5 | 7 | 3 | 9 | 4 | 1 | 8 | 2 | 6 |
| 6 | 1 | 2 | 3 | 8 | 5 | 9 | 7 | 4 |
| 8 | 9 | 4 | 7 | 2 | 6 | 1 | 3 | 5 |
| 4 | 6 | 7 | 8 | 1 | 3 | 5 | 9 | 2 |
| 2 | 3 | 9 | 6 | 5 | 4 | 7 | 1 | 8 |
| 1 | 5 | 8 | 2 | 7 | 9 | 4 | 6 | 3 |

ଗତକାଲିର ଉତ୍ତର

# ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା



ରାଜୀବ କୁମାର ନାୟକ

୨୦୧୨ରେ ହୋଇଥିବା ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଘଟଣା ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଥିଲା। ଫଳତଃ ସରକାର ବାଧ୍ୟ ହୋଇଥିଲେ ଶିଶୁଙ୍କ ସକାଶେ ଅଭିପ୍ରେତ କିଶୋର ନ୍ୟାୟ(ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷା ଅଧିନିୟମ)୨୦୦୦ରେ ଆମୂଳଚୂଳ ପରିବର୍ତ୍ତନ ପୂର୍ବକ କିଶୋର ନ୍ୟାୟ(ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷା ଅଧିନିୟମ)୨୦୧୫ ତଥା ଶିଶୁମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଅଧିନିୟମ ୨୦୧୨ର ପ୍ରଣୟନ କରିଥିଲେ। ଉଲ୍ଲେଖଯୋଗ୍ୟ ପ୍ରଥମ ଥର ସକାଶେ ନିର୍ଭୟା ଘଟଣାରେ ଦେଶର ସଚେତନ ନାଗରିକ ପ୍ରତିକ୍ରିୟାଶୀଳ ହୋଇ ଉଠିଲେ ଏବଂ ଏଭଳି ଦୁଇଟି ଆଇନର ପ୍ରଣୟନ ସେମାନଙ୍କ ମନରେ ଆଶ୍ୱସ୍ତି ଆଣିଦେଲା।

ଦୁଇଟି ଆଇନକୁ ଅବଲୋକନ କଲେ ଜଣାଯାଏ ଯେ ସରକାର ଅନେକ ଦିଗକୁ ବିବେଚନା କରି ଆଇନ ଦ୍ୱୟ ପ୍ରଣୟନ କରିଛନ୍ତି। କିଶୋର ନ୍ୟାୟ(ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା ଅଧିନିୟମ)୨୦୧୫ରେ ଜାତିସଂଘ ଦ୍ୱାରା ଅନୁଷ୍ଠିତ ଶିଶୁମାନଙ୍କ ଅଧିକାର ସମ୍ପର୍କିତ ସମ୍ମିଳନୀ ୧୯୮୯ରେ ପାରିତ ସନନ୍ଦ ପତ୍ରରେ ୧୮ ବର୍ଷରୁ କମ ବ୍ୟକ୍ତି ବିଶେଷଙ୍କୁ ଧରାଯିବାକୁ ସମ୍ମତି ପ୍ରଦାନ କରାଯାଇଛି। କିନ୍ତୁ ସମଗ୍ର ଭାରତବାସୀଙ୍କ ଚାପ କାରଣରୁ ୧୬ ବର୍ଷରୁ ଅଧିକ ଏବଂ ୧୮ ବର୍ଷରୁ କମ୍ ବର୍ଗଙ୍କ କ୍ଷେତ୍ରରେ କୌଣସି ଶିଶୁ ନାମରେ ଜଘନ୍ୟ ଅପରାଧ (ବଳାତ୍କାର, ହତ୍ୟା ଭଳି)ରେ ସମ୍ପୃକ୍ତିର ଅଭିଯୋଗ ଆସିଲେ ଏକ ପ୍ରାରମ୍ଭିକ ଆକଳନ କରାଯିବାର ବ୍ୟବସ୍ଥା ରଖାଯାଇଛି। ପ୍ରାରମ୍ଭିକ ଆକଳନ ନିମନ୍ତେ ଜଣେ ମନସ୍ତତ୍ତ୍ୱବିତ୍‌ଙ୍କୁ ଡକାଯିବା ସହ ତାଙ୍କ ରିପୋର୍ଟକୁ ଆଧାରକରି କିଶୋର ନ୍ୟାୟ ବୋର୍ଡ ତିନୋଟି ବିଷୟକୁ ଗୁରୁତ୍ୱର ସହ ବିଚାର କରିବ– ୧. ସମ୍ପୃକ୍ତ ଶିଶୁ ଶାରୀରିକ ସ୍ତରରେ ଘଟଣା ଘଟାଇବାକୁ ସକ୍ଷମ ତ ?୨. ସମ୍ପୃକ୍ତ ଶିଶୁ ମାନସିକ ଭାବରେ ଘଟଣା ଘଟାଇବାକୁ ସକ୍ଷମ ତ ? ଏବଂ ୩. ସେ ଯଦି ଘଟଣାରେ ସମ୍ପୃକ୍ତ ତେବେ ତା’ର ପରିଣାମ ସମ୍ବନ୍ଧରେ ସଚେତନ ତ ? ଯଦି ଉକ୍ତ ତିନୋଟି ପ୍ରଶ୍ନର ଉତ୍ତରକୁ ନେଇ ବୋର୍ଡର ହୃଦ୍‌ବୋଧ ହୁଏ ଯେ ଶିଶୁଟି ବୟସ୍କ ବ୍ୟକ୍ତି ବିଶେଷଙ୍କ ଭଳି ବ୍ୟବହାର କରୁଛି, ସତକୁ ଲୁଚାଇବାର ଅପଚେଷ୍ଟା କରୁଛି ତେବେ ବୋର୍ଡ ମାମଲାଟିକୁ ନିଜ ପାଖରେ ନ ରଖି ଚିଲଡ୍ରେନ କୋର୍ଟ ବା ପୋକ୍‌ସୋ କୋର୍ଟକୁ ପଠାଇ ଦେଇପାରେ। ଉକ୍ତ କୋର୍ଟକୁ ମାମଲାଟି ଗଲେ ଶିଶୁଟିକୁ ବୟସ୍କ ବ୍ୟକ୍ତିଙ୍କ ଭଳି ଧରାଯାଇ ତା’ ପାଇଁ କଠିନରୁ କଠିନତମ ଦଣ୍ଡ ମିଳିବାର ସମ୍ଭାବନା ରହିଛି। କିଶୋର ନ୍ୟାୟ ବୋର୍ଡରେ ଦଣ୍ଡର ମାତ୍ରା ଅତିବେଶିରେ ୩ ବର୍ଷ, ଯାହା ଦିଲ୍ଲୀ ଘଟଣାରେ ପ୍ରଦତ୍ତ ହୋଇଥିଲା।



ଅନ୍ୟ ଦିଗରେ ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଅଧିନିୟମ ୨୦୧୨କୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ, ଏଥିରେ ଯୌନ ନିର୍ଯାତନାକୁ ମୁଖ୍ୟତଃ ୬ ଭାଗରେ ବିଭକ୍ତ କରାଯାଇଛି– ୧. ଅନୁପ୍ରବେଶୀୟ ଯୌନ ନିର୍ଯାତନା (ପେନିଟ୍ରେଟିଭ ସେକ୍ସୁଆଲ ଏସଲ୍ଟ) ୨. ଗୁରୁତର ଅନୁପ୍ରବେଶୀୟ ଯୌନ ନିର୍ଯାତନା(ଏଗ୍ରାଭେଟେଡ ପେନିଟ୍ରେଟିଭ ସେକ୍ସୁଆଲ ଏସଲ୍ଟ) ୩. ଯୌନ ନିର୍ଯାତନା(ସେକ୍ସୁଆଲ ଏସଲ୍ଟ) ୪. ଗୁରୁତର ଯୌନ ନିର୍ଯାତନା (ଏଗ୍ରାଭେଟେଡ ସେକ୍ସୁଆଲ ଏସଲ୍ଟ) ୫. ସେକ୍ସୁଆଲ ହାରାସମେଣ୍ଟ ଏବଂ ୬. ପର୍ନୋଗ୍ରାଫି। ଅନୁପ୍ରବେଶୀୟ ଯୌନ ନିର୍ଯାତନା କହିଲେ ସାଧାରଣ ଭାବରେ ଆମେ ଯାହା ଦୁଷ୍କର୍ମ ବୋଲି ବୁଝିଥାଉ। କିନ୍ତୁ ଗୁରୁତର ଅନୁପ୍ରବେଶୀୟ ଯୌନ ନିର୍ଯାତନା କ୍ଷେତ୍ରରେ ନିର୍ଯାତନା ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ଯଥା– ଥାନାରେ ପୋଲିସ, ବିଦ୍ୟାଳୟରେ ଶିକ୍ଷକ, ଶିଶୁ ଯତ୍ନ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀ ଇତ୍ୟାଦି ଦାୟିତ୍ୱରେ ଥିବା ବ୍ୟକ୍ତି ଦଳଗତ ବଳାତ୍କାର, ବଳାତ୍କାର ପୂର୍ବକ ମାରିଦେବା ବା ମରଣାନ୍ତକ ଆକ୍ରମଣ, ୧୨ ବର୍ଷରୁ କମ୍ ବୟସର ଶିଶୁକୁ ବଳାତ୍କାର କରିବା ଭଳି ଅପରାଧରେ ସମ୍ପୃକ୍ତ ହୁଅନ୍ତି। ଠିକ୍ ସେହିପରି ମୋବାଇଲରେ/ଇ-ମେଲରେ ବାରମ୍ବାର ମେସେଜ ଦେବା, ପିଛା କରିବା, ଜଣେ ଗାଧୋଉଥିବା ବା ଆଉକିଛି କରୁଥିବା ସମୟରେ ଲୁଚି ଲୁଚି ଦେଖିବା ଇତ୍ୟାଦି ଯୌନ ନିର୍ଯାତନା ଶ୍ରେଣୀଭୁକ୍ତ। କୌଣସି ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରିବା, ଭାଇରାଲ କରିବା, ଦେଖାଇବା ଇତ୍ୟାଦି ପର୍ନୋଗ୍ରାଫିକ ଶ୍ରେଣୀଭୁକ୍ତ। ଉପରୋକ୍ତ ପ୍ରତ୍ୟେକ ଅପରାଧ କ୍ଷେତ୍ରରେ ନିଜେ କରିବା ବା ଅନ୍ୟଦ୍ୱାରା କରାଇବା ସକାଶେ ମଧ୍ୟ ସମାନ ଦଣ୍ଡର ପ୍ରାବଧାନତା ରହିଛି।

ସବୁଠାରୁ ଚିନ୍ତାଜନକ ବିଷୟ ବର୍ତ୍ତମାନ ସମୟରେ ଶିଶୁ ମଙ୍ଗଳ ସମିତି ଦ୍ୱାରା ହସ୍ତଗତ ହେଉଥିବା ଅଧିକାଂଶ ମାମଲାରେ ୧୫ରୁ ୧୮ ବର୍ଷ ବୟସର ପୁଅ ଏବଂ ଝିଅ ବିବାହର ପ୍ରଲୋଭନ ଦେଖାଇ ହେଉ ବା ଅନ୍ୟ କିଛି କଥା ଛଳରେ ସହମତି ପୂର୍ବକ ଶାରୀରିକ ସମ୍ପର୍କ ସ୍ଥାପନ କରୁଛନ୍ତି। ପରବର୍ତ୍ତୀ ସମୟରେ ଘଟଣା ପ୍ରଘଟ ହୋଇଗଲାପରେ/ପଳାୟନ କଲେ ବା ବାପାମାଆଙ୍କ ନଜରକୁ ଆସିଲେ ବାପାମାଆ ନିଜସ୍ୱ ଇଚ୍ଛାରେ ବା ଜାତି ସମାଜର ଚାପରେ ଥାନାର ଦ୍ୱାରସ୍ଥ ହେବା ଦ୍ୱାରା ଅଧିକାଂଶ ମାମଲାରେ ପୋକ୍‌ସୋ ଆଇନ ଅନୁଯାୟୀ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏଭଳି କ୍ଷେତ୍ରରେ ପୁଅଟିକୁ ଯଦି ପୋଲିସ ଧରିବାରେ ସକ୍ଷମ ହେଉଛି ତ ତାକୁ ତା’ର ବୟସ ଅନୁସାରେ ପର୍ଯ୍ୟବେକ୍ଷଣ ଗୃହ ବା ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଉଛି। ଏପଟେ ଝିଅ କିଛି ସ୍ଥାନରେ ଡାକ୍ତରୀ ପରୀକ୍ଷାର ସାମନା କରିବାକୁ ମନା କରୁଥିବାବେଳେ ଅନେକ କ୍ଷେତ୍ରରେ ବାପାମାଆଙ୍କ ଚାପର ବଶବର୍ତ୍ତୀ ହୋଇ ତା’ର ମତ ବଦଳାଇ ଦେଉଛି। ଏଠାରେ ପୁଅଝିଅ ଉଭୟେ ଘଟଣାରେ ସମ୍ପୃକ୍ତ ଥିବାବେଳେ କେବଳ ପୁଅ ଦଣ୍ଡ ପାଉଛି। ଡାକ୍ତରୀ ପରୀକ୍ଷା ସକାଶେ ମନା କରୁଥିବା କ୍ଷେତ୍ରରେ ଅବଶ୍ୟ ପୁଅଟି ସହଜରେ ଦଣ୍ଡ ପାଉନାହିଁ ଏବଂ ବାପାମାଆ କେସ୍‌ଟିକୁ ଦଫାରଫା କରି ଦେଉଛନ୍ତି। କିଛି ସ୍ଥାନରେ ପୁଅଝିଅ ଘର ଛାଡ଼ି ଅନ୍ୟତ୍ର ରହିବା ଫଳରେ ଅଭାବ ଅନଟନରେ ଦିନ କାଟୁଛନ୍ତି ଏବଂ କେସ୍‌ଟି ଗଡ଼ି ଗଡ଼ି ଅନେକ ଦିନ ପର୍ଯ୍ୟନ୍ତ ଚାଲୁଛି ଏବଂ ବିବାହ ଯୋଗ୍ୟ ବୟସ ହେଲାପରେ ଉଭୟଙ୍କ ସହମତି ଥିବାରୁ ସେମାନେ ସ୍ୱାମୀ ସ୍ତ୍ରୀ ହୋଇ ରହୁଛନ୍ତି।

ଅସଲ କଥା ହେଲା ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଅନେକ ସମୟରେ ଅଣଦେଖା କରାଯାଇଥାଏ। କିନ୍ତୁ ବାସ୍ତବ କଥା ହେଲା ଏଥିରେ ଝିଅ ଓ ପୁଅ ଉଭୟଙ୍କ ଭବିଷ୍ୟତ ଜଡ଼ିତ। ଉଭୟଙ୍କ ସହମତିରେ ଯୌନ ସମ୍ପର୍କ ସ୍ଥାପନ ସତ୍ତ୍ୱେ ପୋକ୍‌ସୋ ଭଳି ଏକ କଠୋର ଆଇନ ମାଧ୍ୟମରେ କଠିନରୁ କଠିନତମ ଦଣ୍ଡ ମିଳିବା କେତେଦୂର ସମୀଚୀନ। ଅନେକ ସମୟରେ କଥା ଉଠୁଛି ଯେ ପୋକ୍‌ସୋ ଆଇନ ମାଧ୍ୟମରେ ଦଣ୍ଡ ପ୍ରାୟତଃ କ୍ୱଚିତ ପାଉଛନ୍ତି। ଏଭଳି ଘଟିବା ସ୍ୱାଭାବିକ, କାରଣ କିଛି ସ୍ଥାନରେ ଡାକ୍ତରୀ ପରୀକ୍ଷାକୁ ପୀଡ଼ିତା ମନା କରିବା, ବାପାମାଆ ପୀଡ଼ିତାର ବିନା ସହମତିରେ କେସ୍ ପଞ୍ଜୀକରଣ କରିବା ଫଳରେ ଦୁର୍ବଳ ସାକ୍ଷ୍ୟ କାରଣରୁ ଦଣ୍ଡ ମିଳୁନାହିଁ। ଏଭଳି ଘଟଣାରେ ଶିଶୁ ମଙ୍ଗଳ ସମିତିର ନିଷ୍ପତ୍ତି ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଯତ୍ନ ଏବଂ ସୁରକ୍ଷା ନିମିତ୍ତ ପୀଡ଼ିତାକୁ ସମିତି ଆଗରେ ଉପସ୍ଥାପନ କରିବା ବାଧ୍ୟତାମୂଳକ। ଅନେକ ସ୍ଥଳେ ମାଆବାପା ଜାତି ସମାଜର ଚାପ, ପୁନଃ ପଳାୟନର ଭୟରେ ଝିଅକୁ ଘରକୁ ନେବାପାଇଁ ରାଜି ହେଉନାହାନ୍ତି। ଏପଟେ ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ସଖୀ-ୱାନ ଷ୍ଟପ ସେଣ୍ଟରରେ ସ୍ୱଳ୍ପ ରହଣିର ବ୍ୟବସ୍ଥା ରହିଛି। ଶିଶୁଗୃହରେ ମଧ୍ୟ ଅନ୍ୟସବୁ ଅନ୍ତେବାସୀ ବିଦ୍ୟାଳୟ ଯାଉଥିବାବେଳେ ପୀଡ଼ିତାଙ୍କ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା ସମ୍ଭବ ହୋଇ ପାରୁନାହିଁ। ତେଣୁ ପରାମର୍ଶ ସେବା ପ୍ରଦାନ ପୂର୍ବକ ସମିତି ପୀଡ଼ିତାକୁ ମାଆବାପା ଦାୟିତ୍ୱରେ ଛାଡ଼ିବାକୁ ଉଚିତ ମଣୁଛି। ତେଣୁ ସରକାର ବାଳିକାବାଳକଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଏସବୁ ବିଷୟରେ ଦାୟିତ୍ୱର ସହ ଚିନ୍ତା କରିବା ଆବଶ୍ୟକ ଏବଂ ତେବେ ଯାଇ ଆମେ ଏକ ଗଠନମୂଳକ ସମାଜ ପ୍ରତିଷ୍ଠା କରିପାରିବା।

ପଦରପଡ଼ା, ବୌଦ୍ଧ
ମୋ:୯୪୩୭୫୭୧୮୩୧

# ଶାକାହାରୀ ଓ ମାଂସାହାରୀ ଦୁଗ୍ଧ



ଜ୍ୟୋତିପ୍ରକାଶ କର

ଭାରତରୁ ରପ୍ତାନି ହେଉଥିବା ଦ୍ରବ୍ୟ ଉପରେ ଆମେରିକା ୫୦%ରୁ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଧାର୍ଯ୍ୟ କରି ପ୍ରକାରାନ୍ତରେ ଭାରତରେ ତା’ର ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ, ଆନୁବଂଶିକ ସଂଶୋଧିତ ଫସଲ (ଜେନେଟିକ୍ ମଡିଫାଏଡ୍ କ୍ରପ୍) ଓ ମତ୍ସ୍ୟ ସାମଗ୍ରୀର ବଜାର ସୃଷ୍ଟି କରିବା ପାଇଁ ଚାପ ସୃଷ୍ଟି କରୁଛି। ଆଲୋଚ୍ୟର ବିଷୟ ହେଉଛି ଭାରତରେ ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଶାକାହାରୀ ହୋଇଥିବା ବେଳେ ଆମେରିକାରେ ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଶାକାହାରୀ କି ? ନା, ଏହା ମାଂସାହାରୀ ଦୁଗ୍ଧ। ନୂଆକରି ନୈତିକ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଏ ମାଂସାହାରୀ ଦୁଗ୍ଧ କ’ଣ ? ଆମେରିକାରେ ଗୋପାଳନର ଦୁଇଟି ଦିଗ, ପ୍ରଥମଟି ଗୋଖାଦ୍ୟରେ ପ୍ରାଣୀମାନଙ୍କର ଅବଶିଷ୍ଟାଂଶ ମିଶ୍ରଣରେ ପୁଷ୍ଟିସାର ପ୍ରୟୋଗ କରି ଅତ୍ୟଧିକ ପୋଷଣ ବୃଦ୍ଧି ପୂର୍ବକ ଦୁଗ୍ଧ ଉତ୍ପାଦନ ଓ ଦ୍ୱିତୀୟରେ ସେମାନଙ୍କୁ ହୃଷ୍ଟପୁଷ୍ଟ ସ୍ଥୂଳକାୟ କରି ମାଂସ ଉତ୍ପାଦନ କରିବା। ସେମାନେ ଗାଈର ଚାରା ଓ ଗୋଖାଦ୍ୟରେ ଘୁଷୁରି, ଗାଈ, କୁକୁଡ଼ା, ଘୋଡ଼ା, ବିରାଡ଼ି, କୁକୁର ଓ ମାଛଙ୍କ ଅବଶିଷ୍ଟାଂଶ, ଚର୍ବି, ରକ୍ତ ଓ ପ୍ରାଣୀ ହାଡ଼ର ପାଉଡ଼ରକୁ ସୂକ୍ଷ୍ମ ଭାବରେ ମିଶ୍ରଣ କରି ଖାଇବାକୁ ଦିଅନ୍ତି ଯାହା ଦୁଗ୍ଧ ଓ ମାଂସ ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା ଦିଏ। ଏହାକୁ ମାଂସାହାରୀ ଦୁଗ୍ଧ, ଆମିଷାଶୀ ଦୁଗ୍ଧ ବା ରକ୍ତ ଦୁଗ୍ଧ କୁହାଯାଇପାରିବ। ଅଧିକ ଉତ୍ପାଦନ କ୍ଷମତାପୂର୍ଣ୍ଣ ସଙ୍କର (ହାଇବ୍ରିଡ୍) ଜାତୀୟ ଗାଈର ହାରାହାରି ଦୈନିକ ଦୁଗ୍ଧ ଉତ୍ପାଦନ କ୍ଷମତା ୩୪ ଲିଟର ଥିବାବେଳେ ଶୀର୍ଷ ଅବଧି ସମୟରେ (ପିକ୍ ପିରିୟଡ୍)ରେ ୬୦ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଇଥାଏ। ଆଇନତଃ ଏହା ଆମେରିକାରେ ସ୍ୱୀକାର୍ଯ୍ୟ ଏବଂ ସାଧାରଣ ଭାବରେ ଦୁଗ୍ଧ ଉତ୍ପାଦନ ସଂସ୍ଥା (ଡେଏରି ଫାର୍ମ)ରେ ଦୁଗ୍ଧରେ ପ୍ରୋଟିନ୍ ଓ କ୍ୟାଲୋରୀ ବୃଦ୍ଧି ନିମନ୍ତେ ବ୍ୟବହାର କରାଯାଏ। ଆମେରିକା ସରକାର ମଧ୍ୟ ଦେଶର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥାମାନଙ୍କୁ ତାଙ୍କର ବ୍ୟବସାୟିକ ସଫଳତା ଓ କର୍ମନିଯୁକ୍ତି ସୁଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଆର୍ଥିକ ସାହାଯ୍ୟ ଦେଇଥାନ୍ତି। ଆମେରିକାରେ ଗାଈ ମଧ୍ୟ ଶାକାହାରୀ କିନ୍ତୁ ବ୍ୟବସାୟିକ ଲାଭଖୋର ମନୋବୃତ୍ତି ନେଇ ସେମାନଙ୍କୁ ମାଂସାହାରୀ କରିଦିଆଯାଏ। ଭାରତରେ ଉଦ୍ଭିଦ ଆଧାରିତ ଶାକାହାରୀ ଖାଦ୍ୟ ଦିଆଯାଏ। ଭାରତୀୟ ଗୋପାଳକମାନେ ଗୋଖାଦ୍ୟରେ ସବୁଜ ଘାସ, ନଡ଼ା, ମକା, ବାଜରା, ବୋତି, ଚୋକଡ଼, ପିଡ଼ିଆ, କୁଣ୍ଡା, କୋଳଥ ଓ ବିରି ଚୂନି ଇତ୍ୟାଦି ଦେଇଥାନ୍ତି।

ଆମେରିକା ଭାରତର ଦୁଗ୍ଧଜାତ ବଜାରରେ ପ୍ରବେଶ ଅନୁମତି ପରିପ୍ରେକ୍ଷୀରେ ଭାରତର ସର୍ତ୍ତ ହେଲା, ଆମେରିକା ଏକ ସତର୍କତାମୂଳକ ସତ୍ୟ ସ୍ୱୀକୃତ ପ୍ରମାଣପତ୍ର (ସାର୍ଟିଫିକେଟ୍) ଦେଉ ଯେ, ଭାରତକୁ ଯେଉଁ ଦୁଗ୍ଧଜାତ ଦ୍ରବ୍ୟ ରପ୍ତାନି କରାଯିବ



ତାହା ସମ୍ପୂର୍ଣ୍ଣରୂପେ ନିରାମିଷ ଖାଦ୍ୟ ଖାଉଥିବା ଗାଈର ହୋଇଥିବ। ଏହାକୁ ଆମେରିକାର ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥାମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ସେମାନଙ୍କ ଯୁକ୍ତି ହେଲା, ପ୍ରାଣୀଙ୍କର ଅବଶିଷ୍ଟାଂଶକୁ ଗାଈଙ୍କ ଖାଦ୍ୟରେ ଦିଆଯାଉଛି, ଉତ୍ପାଦିତ ଦୁଗ୍ଧରେ ଦିଆଯାଉ ନାହିଁ, ଏଣୁ ଏହା କିପରି ଆମିଷ ହେଲା। ଯଦି ଆମେରିକାରୁ ଦୁଗ୍ଧ ଆମଦାନୀ କରାଯିବ ତେବେ ଏହାକୁ ଶାକାହାରୀ ନା ମାଂସାହାରୀ କୁହାଯିବ ? ପ୍ରାୟତଃ ୩୮% ଶାକାହାରୀ ଭାରତୀୟ ଦୁଗ୍ଧର ପୂର୍ଣ୍ଣ ଶୁଦ୍ଧତାକୁ ନେଇ ସମାଧାନର କୌଣସି ମଧ୍ୟମ ପନ୍ଥାକୁ କେତେଦୂର ଗ୍ରହଣ କରିବେ ତାହା ସମୟ ନିର୍ଣ୍ଣୟ କରିବ। ଭାରତ ଦୁଗ୍ଧ ଉତ୍ପାଦନରେ ସ୍ୱୟଂସମ୍ପୂର୍ଣ୍ଣ। ଶ୍ୱେତକ୍ରାନ୍ତି ପୂର୍ବରୁ ଭାରତ ପ୍ରାୟ ବାର୍ଷିକ ୨୧ନିୟୁତ ମେଟ୍ରିକ୍ ଟନ୍ ଦୁଗ୍ଧ ଉତ୍ପାଦନ କରୁଥିଲା। ଡ. ଭର୍ଗିସ୍ କୁରିୟନ୍‌ଙ୍କ ନେତୃତ୍ୱରେ ୧୯୭୦ରେ ଆରମ୍ଭ ହୋଇଥିବା ଶ୍ୱେତକ୍ରାନ୍ତି ଫଳରେ ଉଲ୍ଲେଖନୀୟ ଅଗ୍ରଗତି ହେଲା। ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ୬୩.୫୬% ବୃଦ୍ଧି ପାଇ ୨୩୯.୩ ନିୟୁତ ମେଟ୍ରିକ୍‌ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିବାବେଳେ ୨୦୨୨-୨୩ ବର୍ଷ ତୁଳନାରେ ୩.୭୮% ଅଧିକ ଉତ୍ପାଦିତ ହୋଇଛି। ବିଶ୍ୱର ମୋଟ୍ ଦୁଗ୍ଧ ଉତ୍ପାଦନରେ ଭାରତର ୨୫% ଯୋଗଦାନ ରହିଛି ଓ ୧୯୯୮ ମସିହାଠାରୁ ଭାରତ ବିଶ୍ୱର ସର୍ବୋଚ୍ଚ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର। ୧୯୫୦-୫୧ରେ ଭାରତରେ ବ୍ୟକ୍ତି ପିଛା ଦୈନିକ ୧୨୪ଗ୍ରାମ୍ ଦୁଗ୍ଧ ଉପଲବ୍ଧ ହେଉଥିବା ବେଳେ ୨୦୨୩-୨୪ବର୍ଷ ବେଳକୁ ବୃଦ୍ଧି ପାଇ ଭାରତର ଦୈନିକ ମୁଣ୍ଡ ପିଛା ୪୭୧ଗ୍ରାମ୍ ଦୁଗ୍ଧ ଉପଲବ୍ଧ ଓ ବିଶ୍ୱରେ ଏହା ୩୨୨ଗ୍ରାମ୍।

ଭାରତରେ କୃଷି ଓ କୃଷକ ସହିତ ଦୁଗ୍ଧ ଉତ୍ପାଦନ ସମ୍ପୂର୍ଣ୍ଣ ରୂପେ ଜଡ଼ିତ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ତଥ୍ୟ ଅନୁସାରେ ଯଦି ଭାରତର ଦୁଗ୍ଧ ବଜାରରେ ଆମେରିକାର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ପ୍ରବେଶ ପାଇଁ ଅନୁମତି ଦିଆଯାଏ ତେବେ ପାଖାପାଖି ବାର୍ଷିକ ୧.୦୩ ଲକ୍ଷ କୋଟି ଆର୍ଥିକ କ୍ଷତି ସହିବାକୁ ପଡ଼ିବ ଓ ଏଥିପାଇଁ ଛୋଟ ଛୋଟ ପଶୁପାଳକମାନେ କ୍ଷତିଗ୍ରସ୍ତ ହେବେ। ପ୍ରାୟ ଦୁଇଲକ୍ଷ ତିରିଶ ହଜାର ଗ୍ରାମ ଏଥିରେ ସମ୍ପୃକ୍ତ ଥିବାବେଳେ ୮କୋଟି ଲୋକଙ୍କର ଏହା ଜୀବିକାର୍ଜନର ପନ୍ଥା ଓ ଚାଳିଶକୋଟି ଲୋକଙ୍କର ଆବଶ୍ୟକତା ପୂରଣ କରେ। ଆମେରିକାରୁ ଆମଦାନୀ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ପ୍ରାୟ ୧୫% କମ୍ ମୂଲ୍ୟରେ ବଜାରରେ ଉପଲବ୍ଧ ହେବ। କମ୍ ଦାମ୍ ହେତୁ ଆମେରିକା ଦୁଗ୍ଧର ଚାହିଦା ବୃଦ୍ଧି ହେବ ଓ ଭାରତୀୟ ଦୁଗ୍ଧର ଚାହିଦା କମିଯିବ। ଗ୍ରାମ୍ୟ କୃଷି ବାଧାପ୍ରାପ୍ତ ହେବା ଆଶଙ୍କା ଥିବା ସହ ଭାରତୀୟଙ୍କର ସ୍ୱାସ୍ଥ୍ୟ, ଧର୍ମ, ସଂସ୍କୃତି, ଶାକାହାରୀ ଉପଭୋକ୍ତାଙ୍କର ଚିନ୍ତାଧାରା ପ୍ରଭାବିତ ହେବ। ଏତଦ୍‌ବ୍ୟତୀତ ଆଗାମୀ ସମୟରେ ପ୍ରଚୁର ଦୁଗ୍ଧ ଉତ୍ପାଦନ କରୁଥିବା ରାଷ୍ଟ୍ର ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ମଧ୍ୟ ଭାରତର ଦୁଗ୍ଧ ବଜାରରେ ପ୍ରବେଶ କରି ବାଣିଜ୍ୟ କରିବା ପାଇଁ ଚାପ ସୃଷ୍ଟି କରିବାକୁ ଚାହିଁବେ। ଏ ସବୁ ଦୃଷ୍ଟିରୁ ଭାରତ ଛୋଟ କୃଷକଙ୍କ ସ୍ୱାର୍ଥ ପାଇଁ ଢାଲ ହୋଇ ପ୍ରତିବନ୍ଧକ ସାଜିଛି।

ଶକ୍ତିନଗର କଟକ, ମୋ: ୯୪୩୮୫୩୨୪୫୭

## ଏଇ ଭାରତରେ

ଏକ ସୁନ୍ଦର କ୍ୟାରିୟର ଓ ଆକର୍ଷଣୀୟ ଦରମାର ମୋହ ଜନସେବା ସମ୍ମୁଖରେ ଗୌଣ ହୋଇଯାଏ, ଯାହା ଦେଖିବାକୁ ମିଳିଛି ସୌରଭ ବୋଥ୍ରାଙ୍କ ଜୀବନରେ। ସୌରଭ ଆଇଆଇଟି, ଭିଏଚ୍‌ୟୁରୁ ଡିଗ୍ରୀ ହାସଲ କରିବା ପରେ ଚାକିରି ନ କରି ଯୋଗ ଶିକ୍ଷା ଦେଉଛନ୍ତି। ସୌରଭ ପ୍ରତିଦିନ ଭର୍ଚୁଆଲ ଯୋଗ କ୍ଲାସ୍ ଚଳାଉଛନ୍ତି। ‘ଶୁଭ ସକାଳ, ଆସନ୍ତୁ ଆରମ୍ଭ କରିବା’ରୁ ତାଙ୍କ ଯୋଗ କ୍ଲାସ୍ ଆରମ୍ଭ ହେଉଛି। କୋଭିଡ୍ ଲକ୍‌ଡାଉନ ଆରମ୍ଭ ସମୟରେ ୩ଜଣ ଲୋକଙ୍କୁ ନେଇ ସେ ଅନ୍‌ଲାଇନ ଯୋଗ କ୍ଲାସ୍ ଆରମ୍ଭ କରିଥିଲେ। ଏବେ ୧୬୯ ଦେଶର ଲୋକେ ତାଙ୍କ ଯୋଗ କ୍ଲାସ୍‌ରେ ଯୋଡ଼ିହୋଇଛନ୍ତି ଏବଂ ଏମାନଙ୍କ ସଂଖ୍ୟା ୧ କୋଟି ୨୬ ଲକ୍ଷରୁ ଅଧିକରେ ପହଞ୍ଚିଲାଣି। ଏଥିପାଇଁ ସେ ଗୋଟିଏ ଦିନରେ ଅଧିକ ଭ୍ୟୁୟର, ଯୋଗ କ୍ଲାସ୍‌ରେ ଅଧିକ ଲୋକ ଭାଗନେବା, ଅଧିକ ଦେଶରୁ ଲୋକେ ଭାଗ ନେବା, ଅଧିକ ସମୟ ଯୋଗ କ୍ଲାସ୍ ଆୟୋଜନ କରିବା ଆଦିରେ ସେ ୬ଟି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ସୌରଭଙ୍କ ଜେଜେବାପା ଜଣେ ଡାକ୍ତର ଥିଲେ ବି ଚାକିରି ନ କରି ଦୁର୍ଗମ ଗାଁରେ ରହି ଲୋକଙ୍କ ପାଇଁ ନିଃସ୍ୱାର୍ଥପର ଭାବେ ସେବା ଯୋଗାଉଥିଲେ। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଯୋଗ ଶିକ୍ଷା ଦେଇ ଲୋକଙ୍କୁ ସୁସ୍ଥ ରଖିବାର ପ୍ରୟାସ ଜାରି ରଖିଛନ୍ତି ବୋଲି କହନ୍ତି ସୌରଭ।

## ୫୦ ବର୍ଷ ତଳର ଧରିତ୍ରୀ

୪ ନଭେମ୍ବର ୧୯୭୬

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସଭାପତିତ୍ୱରେ ଭାରତ ସରକାର ଏକ ଜାତୀୟ ମହିଳା କମିଟି ଗଠନ କରିଛନ୍ତି।
- ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ଭାରତର ୫୫ ନିୟୁତ ଟଙ୍କା ଦାନ।

## ଚିରନ୍ତନୀ

ତୁମରି ଲାଗି ଜଳଇ ମୋର ଆରତି
ପରାଣ ଦେହ ତୁମେ ମୋ’ ଯଶ କୀରତି
ଯାତନା ଶତ ମରଣ ମମ
ଲଢ଼ିଲେ ପଛେ ହେ ପ୍ରିୟତମ
ଅମର ହେବ ଜୀବନ ମମ
ଲଭିଲେ ତିଳେ ପୀରତି !
–(ପ୍ରସାଧନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲୁଟୁଛନ୍ତି ବସ୍‌ବାଲା

ମହାଶୟ,

ନବରଙ୍ଗପୁରରୁ ଭୁବନେଶ୍ୱର ଆସିବା ପାଇଁ ୨ଦିନ ଆଗରୁ ଅଗ୍ରିମ ଟିକେଟ ବୁକିଂ କାଉଣ୍ଟରରୁ ପ୍ରକାଶ ବସ୍ ସର୍ଭିସ୍ ନାମକ ବସ୍‌ରୁ ୩ଟି ଟିକେଟ କାଟିଥିଲୁ। ଟିକେଟରେ ଏସି ସ୍ଲିପର ଲେଖାଥିଲା। କାଉଣ୍ଟର ବାଲା କହିଥିଲେ, ଉମରକୋଟରୁ ଏକ ହଳଦିଆ ରଙ୍ଗର ବସ୍ ଆସିବ। ଛାଡ଼ିବା ସମୟ ସନ୍ଧ୍ୟା ୫ଟା। ବସ୍ ନମ୍ବର କଲମରେ ଲେଖାହୋଇଥିଲା। ଭଡ଼ା ଜଣକା ୯୦୦ଟଙ୍କା, ପ୍ରକୃତରେ ଭଡ଼ା ୭୦୦ଟଙ୍କା। କିଙ୍ଗଫିସର ବସ୍‌ର ଭଡ଼ା। ୫ଟା ପର୍ଯ୍ୟନ୍ତ ବସ୍ ଆସିଲା ନାହିଁ। ୬.୩୦ରେ ଏକ ସ୍ଲିପର ବସ୍ ଆସିଲା। ହଳଦିଆ ରଙ୍ଗର ଆଇଚର ବସ୍। ବସ୍‌ର ନାଁ ନାହିଁ। ଗନ୍ତବ୍ୟସ୍ଥଳ ବୋର୍ଡରେ ଲେଖା ନାହିଁ। କଣ୍ଡକ୍ଟର ଡାକ ମାରିଲେ ଭୁବନେଶ୍ୱର କିଏ ଟିକେଟ କାଟିଥିଲେ ବସନ୍ତୁ। ଆମ ଟିକେଟ ପୂରା ପଛ ୩୬, ୩୭, ୩୮ ନମ୍ବର ଥିଲା। ୧୨ ଘଣ୍ଟା ପଛ ସିଟ୍‌ରେ ବସି ଆସିବା କେତେ କଷ୍ଟକର ତାହା ଅନୁଭବ କରିଛୁ। ବସ୍‌ବାଲା ଏମିତି ଲୋକଙ୍କୁ ହଇରାଣ କରୁଥିଲେ ମଧ୍ୟ ଅଭିଯୋଗ କେହି ଶୁଣୁନାହାନ୍ତି।

–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ସୁରକ୍ଷା ଢିଲା

ଅନୁଗୋଳ,୩।୧୧(ବିଦ୍ୟାଶଙ୍କର ନାଥ)

■ପର୍ଯ୍ୟଟନ ଋତୁ ଆରମ୍ଭରୁ ନିୟମ ଉଲ୍ଲଂଘନ

■ନନ୍ଦିନୀ ନାଳ ନିକଟରେ ଚାଲିଲାଣି ଭୋଜିଭାତ


ନନ୍ଦିନୀ ନାଳ ନିକଟରେ ଭୋଜିଭାତ କରାଯାଉଛି।

ଅନୁଗୋଳ ଜିଲ୍ଲା ସାତକୋଶିଆସ୍ଥିତ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ସୁରକ୍ଷା ବ୍ୟବସ୍ଥା ଢିଲା ପଡ଼ିଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଅଭୟାରଣ୍ୟର କୋର୍ ଏରିଆରେ ପଶି ରାତିରେ ଭିଡିଓ ଉତ୍ତୋଳନ କରିବା ଘଟଣା କିଛିଦିନ ତଳେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପୁରୁଣାକୋଟ-ଟିକରପଡ଼ା ରାସ୍ତା ପାର୍ଶ୍ୱରେ ଥିବା ନନ୍ଦିନୀ ନାଳ ନିକଟରେ ବର୍ତ୍ତମାନ ଭୋଜିଭାତର ଆସର ଜମୁଥିବା ଭାଇରାଲ ଭିଡିଓରୁ ଜଣାପଡ଼ୁଛି। ପର୍ଯ୍ୟଟନ ଋତୁ ଆରମ୍ଭରୁ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାର ଏପରି ଖୋଲା ଉଲ୍ଲଂଘନକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବା ବେଳେ ନଭେମ୍ବର ୨ ରବିବାର ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଟିକରପଡ଼ାକୁ ଅନେକ ପର୍ଯ୍ୟଟକ ପରିଭ୍ରମଣରେ ଆସିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୧୦ଜଣ ପୁରୁଣାକୋଟ ବନାଞ୍ଚଳ କାର୍ଯ୍ୟାଳୟରୁ କିଛି ଦୂରରେ ଥିବା ନନ୍ଦିନୀ ନାଳ ପାଖରେ ଭୋଜିଭାତ କରୁଥିବା ଦେଖାଯାଇଥିଲା। ଏହି ସ୍ଥାନଟି ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ଯାଉଥିବା ହେତୁ ବନ୍ୟଜୀବ ସଂରକ୍ଷଣ ଆଇନ ଏଠାରେ ବଳବତ୍ତର ରହିଛି। ଅନ୍ୟପକ୍ଷରେ ବନ୍ୟଜନ୍ତୁମାନଙ୍କ ପାଣି ପିଇବା ସ୍ଥାନ ଏହି ନନ୍ଦିନୀ ନାଳ। ପ୍ରାୟ ସମୟରେ ଏହି ସ୍ଥାନରେ ବନ୍ୟଜନ୍ତୁଙ୍କ ଯାତାୟାତ ରହିଥାଏ। ପୂର୍ବରୁ ଏହି ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଲଗାତର ପାଟ୍ରୋଲିଂ କରାଯାଉଥିଲା। ଏପରିକି ଅନେକ ପର୍ଯ୍ୟଟକଙ୍କୁ ପ୍ରାୟ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯାଇଥିଲା। ହେଲେ ବର୍ତ୍ତମାନ ଏଠାରେ ସୁରକ୍ଷା ବ୍ୟବସ୍ଥା ଏକପ୍ରକାର ଢିଲା ପଡ଼ିଯାଇଛି। ଗତ ୫ଦିନ ତଳେ ବିଦ୍ୟୁତ୍ ଫାଶରେ ପଡ଼ି ଏକ ବାଘୁଣ୍ଡୀର ମୃତ୍ୟୁ ହୋଇଥିଲା। ଏଥିରୁ ସୁରକ୍ଷା ବ୍ୟବସ୍ଥା କିପରି ରହିଛି ତାହା ସ୍ପଷ୍ଟ ବାରି ହୋଇପଡୁଛି। ସାତକୋଶିଆକୁ ସୁରକ୍ଷା ଦେବା ପାଇଁ ପମ୍ପାସରଠାରେ ଏକ ତନଖି ଫାଟକ ରହିଛି। ଏଠାରେ ଅଭୟାରଣ୍ୟକୁ ପ୍ରବେଶ ପାଇଁ ରାସ୍ତା ରହିଛି। ଏହି ଫାଟକ ନିକଟରେ ଯାତାୟାତକାରୀଙ୍କୁ ଯାଞ୍ଚ କରିବା ସହ କିଏ କେଉଁ କାମରେ କେଉଁଠିକୁ ଯାଉଛନ୍ତି ତାହାର ବିବରଣୀ ରଖାଯିବା କଥା। ନନ୍ଦିନୀ ନାଳ ପାଖରେ ଭୋଜି କରୁଥିବା ଲୋକେ ଏହି ତନଖି ଫାଟକ ଦେଇ ଆସିଥିବା ବେଳେ କିପରି ଏମାନଙ୍କୁ ଯାଞ୍ଚ ନ କରି ଛଡ଼ାଗଲା ସେ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାଢ଼ୀଙ୍କୁ ଯୋଗାଯୋଗ ପାଇଁ ସରକାରୀ ଫୋନ ନମ୍ବରକୁ କଲ୍ କରାଯାଇଥିଲେ ମଧ୍ୟ କଲ୍ ଉଠାଇ ନ ଥିବାରୁ ମତାମତ ମିଳିପାରି ନାହିଁ। ଅନ୍ୟପକ୍ଷରେ ବନବିଭାଗର ଜଣେ ଅଧିକାରୀ କହିଛନ୍ତି, ରବିବାର ଅନେକ କର୍ମଚାରୀ କାହାକୁ ନ ଜଣାଇ ଛୁଟିରେ ପଳାଉଛନ୍ତି। କେତେଜଣ ପାଟ୍ରୋଲିଂ କର୍ମଚାରୀ ରାତି ସମୟରେ ବନ୍ତଲା ଓ ଆଖପାଖ ଅଞ୍ଚଳରେ ଆସି ପୂଜା ମେଲାଘେରି ବୁଲୁଛନ୍ତି। ଫେରିବା ସମୟରେ ଜଙ୍ଗଲ ରାସ୍ତାରେ ଛିଡ଼ା ହୋଇ ଡ୍ୟୁଟି ଫଟୋ ଉଠାଇ ପଠାଇ ଦେଉଛନ୍ତି।

# ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିକ୍ଷୟିତ୍ରୀ ସମ୍ମିଳନୀ

ତାଳଚେର,୩।୧୧(ମନୋଜ ନନ୍ଦ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଅନୁଗୋଳ ଜିଲ୍ଲା ପକ୍ଷରୁ ଏକ ଜିଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ପ୍ରାଣବନ୍ଧୁ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ବିଶିଷ୍ଟ ଅତିଥି ଭାବେ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଉପସଭାପତି ଶ୍ରୀକାନ୍ତ ସାହୁ, ପ୍ରମୋଦ କୁମାର ସ୍ୱାଇଁ, ଉପସଭାପତି ରାଜଲକ୍ଷ୍ମୀ ବେହେରା, ସମ୍ପାଦିକା ଯୁଗପ୍ରଭା ସାବତ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମ୍ପାଦକ ପ୍ରଣବ ଜେନା, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ପ୍ରଧାନ ଓ ମଧୁସୂଦନ ଦେ ପ୍ରମୁଖ ଯୋଗଦାନ କରିଥିଲେ। ଜିଲା ସମ୍ପାଦକ ତ୍ରିଲୋଚନ ଦାସ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।

# ପିଟିସି, ସିଆଇଏସ୍ଏଫ୍ ଚାମ୍ପିୟନ

ଅନୁଗୋଳ,୩।୧୧(ଜ୍ୟୋତିରଞ୍ଜନ ସାହୁ)


ଅତିଥିଙ୍କ ସହ ଚାମ୍ପିୟନ ହୋଇଥିବା ଖେଳାଳି।

ଅନୁଗୋଳ ଜିଲା ପୋଲିସ ପକ୍ଷରୁ ଆୟୋଜିତ ପ୍ରଥମ ପୋଲିସ ଉତ୍ତର କେନ୍ଦ୍ରୀୟ ରେଞ୍ଜ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଏସ୍‌ପି ରାହୁଲ ଜୈନ, ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟ ପ୍ରମୁଖ ଉପସ୍ଥିତ ଥିଲେ। ୨ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଅନୁଗୋଳ, ଢେଙ୍କାନାଳ, ଦେବଗଡ଼ ଜିଲାରୁ ମୋଟ ୮୩ଟି ଦଳର ୧୮୦ ଜଣ ଅଂଶଗ୍ରହଣ କରିଥିଲେ। ସିଆଇଏସ୍ଏଫ୍ ଏବଂ ଓଆଇଏସ୍ଏଫ୍‌ର ଦଳମାନେ ଯୋଗ ଦେଇଥିଲେ। ଓପନ ଡବଲ୍‌ସରେ ପିଟିସିର ହେମନ୍ତ କୁମାର ବିଲୁଙ୍ଗ ଓ ଲିଙ୍ଗରାଜ କିଶନ ବିଜୟୀ ହୋଇଥିବା ବେଳେ ଭେଟେରାନ ଡବଲ୍‌ସରେ ସିଆଇଏସ୍ଏଫ୍‌ର କେ. ଶିବ କୁମାର ଓ କେ. ଅନନ୍ତୁ ଏବଂ ମହିଳା ଡବଲ୍‌ସରେ ପିଟିସିର ସଙ୍ଗୀତା ଟୋପୋ ଓ ଟିକିଲି ସେଠୀ ବିଜୟୀ ହୋଇଥିଲେ।

# ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର

ପାଲଲହଡ଼ା,୩।୧୧(ବିଦ୍ୟୁଜ୍ୟୋତି ଦାଶ)

ଭୁବନେଶ୍ୱର ଓଏସ୍‌ଇପିଏ ଦ୍ୱାରା ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏସ୍) ପୋର୍ଟାଲ ମାଧ୍ୟମରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଦୈନିକ ଉପସ୍ଥାନ ବାଧ୍ୟତାମୂଳକ ଅନଲାଇନ ଦାଖଲକୁ ବିରୋଧ କରି ପାଲଲହଡ଼ା ଉପଖଣ୍ଡରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ପୂର୍ବତନ କ୍ୟାଡର ଶିକ୍ଷକ ଏବଂ କନିଷ୍ଠ ଶିକ୍ଷକମାନେ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ୟୁଏସ୍ ପୋର୍ଟାଲ ଏକ ତୃତୀୟ ପକ୍ଷ ମୋବାଇଲ ଅପ୍ଲିକେସନ। ଏହା ବ୍ୟକ୍ତିଗତ ଗୋପନୀୟତା ଏବଂ ତଥ୍ୟ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିବାର ଭୟ ସୃଷ୍ଟି କରୁଛି। ଏହାସହିତ ଶିକ୍ଷକ ତଥା କର୍ମଚାରୀଙ୍କ ୟୁଏସ୍ ପୋର୍ଟାଲ ନିରବଚ୍ଛିନ୍ନ ବ୍ୟବହାର ପାଇଁ ଆବଶ୍ୟକ ଡାଟା ପ୍ୟାକ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ସହାୟତା ପ୍ରଦାନ କରାଯାଉନାହିଁ। ତେଣୁ ପ୍ରତ୍ୟେକ ସ୍କୁଲରେ ସରକାରଙ୍କ ଦ୍ୱାରା ଅନୁମୋଦିତ ସିମ୍ କାର୍ଡ, ମୋବାଇଲ ଟ୍ୟାବ୍, ଡିଜିଟାଲ ଡିଭାଇସ୍ ଏବଂ ଡାଟା ପ୍ୟାକ୍ ଭଳି ସୁବିଧା ପର୍ଯ୍ୟାପ୍ତ ଭାବେ ଯୋଗାଇ ନ ଦେବା ପର୍ଯ୍ୟନ୍ତ ୟୁଏସ୍ ପୋର୍ଟାଲର ବାଧ୍ୟତାମୂଳକ ବ୍ୟବହାରକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖିବାକୁ ଶିକ୍ଷକ ସଙ୍ଗଠନର ମୁଖ୍ୟ କୁଗାର୍ଥ ଗଡ଼ନାୟକ, ବୁଲୁ ଦେହୁରୀ, ସରୋଜ ଷଡ଼ଙ୍ଗୀ, କୃଷ୍ଣ ଚନ୍ଦ୍ର ବେହେରା, ପ୍ରତିଭା ମିଶ୍ର ପ୍ରମୁଖ ଦାବି କରିଛନ୍ତି।

# ଏନ୍ଏସ୍ଏସ୍ ପକ୍ଷରୁ ସଚେତନତା ଶିବିର



ବନ୍ତଲା,୩।୧୧(ସୁଜିତ୍ ସାହୁ)

ଅନୁଗୋଳ ଜିଲା ବନ୍ତଲା ଉଚ୍ଚତର ମହାବିଦ୍ୟାଳୟ ପରିସରରେ ୭ଦିନିଆ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମଲୋଚନ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଏନ୍ଏସ୍ଏସ୍‌ମାନେ ଭଲୁଣ୍ଟିୟରଙ୍କ ଶିବିର ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ସହ ଚାରାରୋପଣ ଓ ତାହାର ଯତ୍ନ ସମ୍ପର୍କରେ ଆଲୋକପାତ କରିଥିଲେ। ୨ୟ ଦିବସରେ ଦୁର୍ନୀତି ନିବାରଣ ସପ୍ତାହ ସମ୍ବନ୍ଧରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଆଲୋକସେବୀ ସଂଯୋଜକ ଅରୁପ ପରିଡ଼ା ଯୋଗ ଦେଇଥିଲେ। ୩ୟ ଦିବସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ୪ର୍ଥ ଦିନରେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ନିମନ୍ତେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୫ମ ଦିନରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଏନ୍ଏସ୍ଏସ୍‌ର ଜିଲା ପ୍ରକଳ୍ପ ଅଧିକାରୀ ଶାନ୍ତିଲତା ରଥ ପୁରସ୍କାର ବିତରଣ କରିଥିଲେ। ୬ଷ୍ଠ ଦିନରେ ସଡ଼କ ସୁରକ୍ଷା ଜୀବନ ରକ୍ଷା ସମ୍ବନ୍ଧରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରସାୟନ ବିଜ୍ଞାନ ମୁଖ୍ୟ ବିବେକାନନ୍ଦ ପଟ୍ଟନାୟକ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପ୍ରୋଗ୍ରାମ ଅଧିକାରୀ ବବିତା ପ୍ରଧାନ, ଗଙ୍ଗାଧର ସାହୁ, ପଦ୍ମନ ସାମନ୍ତ, ସୁଧାଂଶୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଭୁଜାଲି ଦେଖାଇ ଦମ୍ପତିଙ୍କଠାରୁ ଲୁଟ୍

ପବିତ୍ରନଗର,୩।୧୧(ନିରୋଜ ପ୍ରଧାନ): ଅନୁଗୋଳ ଜିଲା କଣିହା ବ୍ଲକ ସଲାଲ ଥାନା ବଲାଙ୍ଗି ନିକଟରେ ସୋମବାର ସକାଳେ ଖମାର ଥାନା ଶଙ୍ଖପୁର ଗ୍ରାମର ପ୍ରଭାକର ଆଚାର୍ଯ୍ୟ ଓ ସ୍ତ୍ରୀଙ୍କୁ ଭୁଜାଲି ଦେଖାଇ ଲୁଟ୍ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଦମ୍ପତି କଣିହା ଅଞ୍ଚଳରୁ ବାଇକ୍‌ରେ ଘରକୁ ଆସୁଥିବା ବେଳେ ବଲାଙ୍ଗି ନିକଟରେ ୩ ଜଣ ଦୁର୍ବୃତ୍ତ ଭୁଜାଲି ଦେଖାଇ ସୁନା ଚେନ ଓ ମୋବାଇଲ ଲୁଟି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ପୂର୍ବଗଣୋଷ୍ଠୀ, ଗତ ୪ ମାସରେ ୫ଟି ଲୁଟ୍ ଘଟଣା ଘଟିଥିଲେ ମଧ୍ୟ ପୋଲିସ ଅଭିଯୋଗ ଦୁର୍ବୃତ୍ତମାନଙ୍କୁ ଧରିପାରି ନାହିଁ। ସେହିପରି ମହାଧନପୁର ଗ୍ରାମରେ ୩ଟି ଚୋରି ଘଟଣାରେ ମଧ୍ୟ ପୋଲିସ ହାତ ଖାଲି।

# ଜିଲା କାର୍ଯ୍ୟାଳୟରେ ୪୪ ଅଭିଯୋଗ ଗ୍ରହଣ

ଅନୁଗୋଳ,୩।୧୧(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୪୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଥିଲା। ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୫ ହଜାର ଓ ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୭ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।


**ଦ.ପୂ. ରେଳପଥ - ଟେଣ୍ଡର**

[illegible]

www.ireps.gov.in

(PR-795)

[illegible]

www.ireps.gov.in

(PR-790)



**नालको NALCO**
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**RFQ FOR INTERNAL AUDIT ASSIGNMENTS**

No. NALCO/IA/ RFP/2025 Dated: 03/11/2025

National Aluminium Company Limited (NALCO) invites applications from reputed and experienced Chartered Accountant / Cost Accountant Firms or LLPs for undertaking **Internal Audit assignments** for a period of three years at its various locations. The detailed Request for Proposal (RFP) is available on the following websites: **www.nalcoindia.co.in / www.icmai.in / www.pdicai.org**

Interested CA/CMA Firms/LLPs having their Head Offices in Odisha or Visakhapatnam(AP) are requested to submit their profiles both by email and in physical form, as specified in the RFP documents. Last date for receipt of both email and signed physical copies: **24.11.2025 (by 5:00 pm)**

**Alok Tripathy**
DGM(F)



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SUNDARGARH**
E-mail : eemisundargarh@yahoo.co.in
'e' Procurement Notice
Bid Reference No. SE MID SNG 10/2025-26

No.A-843 : Bid documents consisting name of Works, Estimated cost, Cost of tender paper, EMD, Time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in

| | | |
|---|---|---|
| 1 | Name of the works | Civil Construction work |
| 2 | No. of Works | 10 (Ten) Nos. |
| 3 | Estimated cost | Varies from Rs.4.66 lakh to Rs.16.78 lakh (Approximately) |
| 4 | Period of completion | 02 (Two) to 03 (Three) Calendar months |
| 5 | Date and Time of availability of bid documents in the portal | From dt.05.11.2025 at 10.00 AM to dt.14.11.2025 up to 5.30 PM |
| 6 | Last date / time of receipt of bids in the portal | Dt.14.11.2025 up to 5.30 PM |
| 7 | Date of opening of Bid | Dt.15.11.2025 at 11.00 AM onwards |
| 8 | Name and address of the OIT | Superintending Engineer, Minor Irrigation Division, Sundargarh |

**Further details can be seen from the e-Procurement market place http://tendersodisha.gov.in

OIPR- Sd./- Superintending Engineer M.I.Division, Sundargarh



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OFFICE OF THE SENIOR GENERAL MANAGER, PROJECT- I

**NOTIFICATION**

No. Sr.GM(TP&C)/Publication/Gaz/08/(Vol.V)/542 Dated : 30.10.2025

In accordance with Section-164 of the Indian Electricity Act, 2003 and in exercising the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which is intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 36.05 Crores. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.General Manager(Elect.), EHT(Projects)-I, Bhubaneswar, Odisha Power Transmission Corporation Limited, Tech Tower (7th floor), OPTCL, Janpath, Saheed Nagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.),EHT (Projects) Division Angul as mentioned against the work, on any working day during office hours.

**Name of the Work:-** Construction of 220kV S/C Line from existing 220/33kV Grid Sub-station at Rengali to proposed RTSS at Khamar (line length- 25 kms. Approx.)

**Name of the Village in which the line will Pass :**
**Tahasil:** Kaniha, **R.I Circle:** Bajrakote, **Revenue Village:** Rengali, Deynali, **R.I Circle:** Sipur, **Revenue Village:** Podagarh, Susuba, Gengutia, Batibaspur, **Tahasil:** Pallahara ,**R.I Circle:** Khamara,**Revenue Village:** Besalia, Panihara, Nitiam, Sankhamur, Baidyanathapur, Sahupada, Jaitdimiria, Khamara.

**Perceived benefit that may accrue :** This will facilitate the un-interrupted power supply to the villages' covers under the Tahasil of Kaniha, Pallahara & overall development of Odisha State in general.

**ER. SUNIL KUMAR DANDSENA**
Sr. General Manager Project- I

FIPR-54/2025-26

/optcl.odisha /optcl_odisha



**कार्यपालक अभियन्ता का कार्यालय, लघु सिंचाई प्रमंडल, राँची**
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची- 834001
ई-मेल - eemidran-cemr-jhr@nic.in, midranchi2018@gmail.com
फोन नं० – 0651-3512781

पत्रांक........................ राँची, दिनांक ........./......../2025

**शुद्धि-पत्र**

कार्यपालक अभियंता, लघु सिंचाई प्रमण्डल, राँची का पत्रांक – 616 दिनांक– 25.09.25 द्वारा आमंत्रित e-Tender Reference No. WRD/MID/RANCHI F2 -08/2025-26, PR No.362990 Minor Irrigation (25-26).D दिनांक 27.09.2025 को प्रकाशित निविदा में निम्न प्रकार संशोधन किया जाता है:-

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of e-tender on website | 18.10.2025 up to 2:00 pm | 13.11.2025 up to 2.00 pm |
| 2 | Last date for /time for submission of e- tender BID's | 25.10.2025 up to 5:00pm | 19.11.2025 up to 3:00 pm |
| 3 | Last date for online Submission of tender fee and EMD | 25.10.2025 up to 5:00pm | 19.11.2025 up to 3:00 pm |
| 4 | Date of opening tender | 30.10.2025 at 2:00 Pm | 21.11.2025 at 4:00 pm |

निविदा की शेष सभी शर्तें पूर्ववत बनी रहेंगी।

PR 365186 Minor Irrigation (25-26)_D

विश्वासभाजन
कार्यपालक अभियन्ता, लघु सिंचाई प्रमंडल, राँची



**ଭାରତ ସରକାର**
**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ**
**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ**

**ପ୍ରୋଗ୍ରାମ୍ ମନିଟରିଂ ୟୁନିଟ୍ (ପିଏମୟୁ) ଅଧୀନରେ ରାଜ୍ୟ ସମନ୍ୱୟକାରୀଙ୍କ ପାଇଁ ଖାଲିପଦବୀ ସମ୍ବନ୍ଧୀୟ ଘୋଷଣା**

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ତୃଣମୂଳ ସ୍ତରରେ ଯୋଜନାଗୁଡ଼ିକର ତତ୍ତ୍ୱାବଧାନ ଓ ମୂଲ୍ୟାୟନ କରିବା ତଥା ସେଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ଲାଗି ମତାମତ ଯୋଗାଇବା ଏବଂ ମଧ୍ୟବର୍ତ୍ତୀକାଳୀନ ସୁଧାର ଲାଗି ଯୁକ୍ତ ବ୍ୟକ୍ତିବିଶେଷଙ୍କ ସହ ଏକ ପ୍ରୋଗ୍ରାମ୍ ମନିଟରିଂ ୟୁନିଟ୍ (ପିଏମୟୁ) ୨୦୨୫ ଗଠନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ନୂଆଦିଲ୍ଲୀସ୍ଥିତ ପିଏମୟୁ ପାଇଁ **ନିଯୁକ୍ତି ତାରିଖଠାରୁ ୨ ବର୍ଷ ଲାଗି ଅଣ-ନବୀକରଣଯୋଗ୍ୟ ଚୁକ୍ତିରେ** ୪୯ ଜଣ ରାଜ୍ୟ ସମନ୍ୱୟକାରୀଙ୍କ ଚୟନ ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ପଦବୀରେ ମାସିକ ଟ.୭୫,୦୦୦/-ର ଏକତ୍ରିତ ବେତନ ରହିବା ସହ ଆବଶ୍ୟକତା ଅନୁସାରେ ପ୍ରତିମାସ ପ୍ରାୟ ୨୦-୨୫ ଦିନର ବ୍ୟାପକ ଭ୍ରମଣର ଆବଶ୍ୟକତା ରହିଛି। ଯୋଗ୍ୟତା: କୌଣସି ଶୃଙ୍ଖଳାରେ ସ୍ନାତକ କିମ୍ବା ଚଳିତ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହେବାକୁ ଯାଉଥିବା ସ୍ନାତକ (ଏନ୍ଆଇଆରଏଫ୍ ମାନ୍ୟତା ଅଧୀନରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପାହ୍ୟାପ୍ରାପ୍ତ ହୋଇଥିବା ଅନୁଷ୍ଠାନ - ଦେଶର ୧୦୦ଟି ସାମଗ୍ରିକ ଶୀର୍ଷ ଅନୁଷ୍ଠାନ, ୧୦୦ ଶୀର୍ଷ ମହାବିଦ୍ୟାଳୟ, ୧୦୦ ଶୀର୍ଷ ବିଶ୍ୱବିଦ୍ୟାଳୟ ଏବଂ ୫୦ ଶୀର୍ଷ ଗବେଷଣା ଅନୁଷ୍ଠାନରୁ) ଏହି ପଦବୀ ନିମନ୍ତେ ଆବେଦନ କରିବା ପାଇଁ ଯୋଗ୍ୟ ହେବେ। ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା, ଦାୟିତ୍ୱ ଆଦି ସମ୍ବନ୍ଧୀୟ ଅଧିକ ବିବରଣୀ ତଥା ଅନଲାଇନ ଆବେଦନ ପାଇଁ ଦୟାକରି ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ୱେବସାଇଟ୍ **https://socialjustice.gov.in/** ପରିଦର୍ଶନ କରନ୍ତୁ।
ପଞ୍ଜୀକରଣ ଓ ଦରଖାସ୍ତ ଦାଖଲ ପ୍ରକ୍ରିୟା **୦୪ ନଭେମ୍ବର ୨୦୨୫ରୁ ୦୪ ଡିସେମ୍ବର ୨୦୨୫** ପର୍ଯ୍ୟନ୍ତ ଖୋଲା ରହିବ।

cbc 38101/11/0027/2526



**ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ** pnb punjab national bank (Together for the better)
**ଡିମାଣ୍ଡ ନୋଟିସ୍**

ମଣ୍ଡଳ କାର୍ଯ୍ୟାଳୟ : ସମ୍ବଲପୁର, ବାଲାଜୀ ମିତ୍ରାଭନ, ପ୍ରଥମ ମହଲା, ଦେହେରିପାଲି, ପୋ.: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪, ଇ-ମେଲ୍: cs8310@pnb.co.in

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେସି) ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

[illegible]

| ଶାଖା/ ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ/ଉକ୍ତ ପରିମାଣ | ବକେୟା ଦେୟ | ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ନୂଆପଡ଼ା ଶାଖା (୬୭୭୫୦୦)/ ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସନ୍ତୋଷ କୁମାର ଗୁପ୍ତା, ପିତା: ଶ୍ରୀ ମୁରାରିଙ୍କ ଗୁପ୍ତା, [illegible] | ୨୪.୦୭.୨୦୨୫ / ଟ.୨୬,୦୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୨୮,୬୩,୯୮୯.୩୫ + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଦେୟ | ଶ୍ରୀ ସନ୍ତୋଷ କୁମାର ଗୁପ୍ତା, [illegible] |
| [illegible] | | | |
| ଝିଟିପାଣି ଶାଖା (୦୬୭୬୨୦)/ ଋଣଗ୍ରହୀତାମାନେ: ୧) ନିଶିକାନ୍ତ ବେହେରା, ୨) ସନ୍ଧ୍ୟାରାଣୀ ବେହେରା (ବନ୍ଧକଦାତା), [illegible] | ୨୮.୦୨.୨୦୨୫ / ଟ.୮,୦୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୮,୦୦,୯୧୩/- + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଦେୟ | ଶ୍ରୀମତୀ ସନ୍ଧ୍ୟାରାଣୀ ବେହେରା, [illegible] |
| ଝାରସୁଗୁଡ଼ା ଶାଖା (୧୫୦୩୨୦)/ ଋଣଗ୍ରହୀତା: ଶ୍ରୀ ମାନକେତନ ନାଏକ (ବନ୍ଧକଦାତା), [illegible] | ୨୦.୦୮.୨୦୨୫ / ଟ.୫୧,୨୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୩୩,୪୮,୩୩୯.୨୩ + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଦେୟ | ଶ୍ରୀ ମାନକେତନ ନାଏକ, [illegible] |

ସ୍ଥାନ : ସମ୍ବଲପୁର, ତାରିଖ : ୦୩.୧୧.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ



केनरा बैंक Canara Bank ସିଣ୍ଡିକେଟ Syndicate
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀ କମ୍ପ୍ଲେକ୍ସ, କଟକ ଚାନ୍ଦନୀ, ୟୁନିଟ୍ ନଂ: ୧୭, ମାଛୁଆ ବଜାର, ପାଣ୍ଡୁଲୁକ୍ ପଛପାର୍ଶ୍ୱ, କଟକ-୭୫୩୦୦୧
**ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍**

ପ୍ରାପ୍ତେଷୁ, (ନିମ୍ନଲିଖିତ ଆଇଡେଣ୍ଟର ସମସ୍ତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| କ୍ର. ନଂ. | ଜଗତସିଂହପୁର ଶାଖା (୧୮୦୨୭)/ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ / ବନ୍ଧକମୁକ୍ତ ନୋଟିସ୍ ତାରିଖ / ବକେୟା ରାଶି |
|---|---|---|---|
| ୧. | ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶିଲ କୁମାର ଦାସ, ପିତା: [illegible], ଜିଲ୍ଲା: ଜଗତସିଂହପୁର, ଓଡ଼ିଶା - ୭୫୪୧୧୪ | [illegible] | ୨୫.୦୮.୨୦୨୪ / ୩୧.୧୦.୨୦୨୪ / ୦୩.୧୧.୨୦୨୫ / ୦୩.୧୧.୨୦୨୫ ସୁଦ୍ଧା ଟ.୫୪,୭୯,୮୬୬.୩୭ |

ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ [illegible]

[illegible]

ସ୍ଥାନ : କଟକ
ତାରିଖ : ୦୩.୧୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନରା ବ୍ୟାଙ୍କ

# ଟାଟା ପାୱାରର ମନମୁଖି କାର୍ଯ୍ୟକୁ ରୋକାଯାଉ


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଢେଙ୍କାନାଳ ଉନ୍ନୟନ ପରିଷଦ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଉନ୍ନୟନ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

ଢେଙ୍କାନାଳ,୩।୧୧(ରତନ ନାୟାର)

ଢେଙ୍କାନାଳ ଉନ୍ନୟନ ପରିଷଦର ସଦସ୍ୟମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲାପାଳଙ୍କୁ ଭେଟି ଟାଟା ପାୱାର କମ୍ପାନୀର ମନମୁଖି କାର୍ଯ୍ୟକୁ ରୋକିବା ଏବଂ ସ୍ମାର୍ଟ ମିଟର ନ ବସାଇବାକୁ ଦାବି କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରିଷଦ ପକ୍ଷରୁ ଦାବିପତ୍ରରେ ଦର୍ଶାଯାଇଛି, ଟାଟା ପାୱାର କମ୍ପାନୀର ମନମୁଖି କାର୍ଯ୍ୟକୁ ନେଇ ଜିଲାବାସୀଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି ହୋଇଛି। ସ୍ମାର୍ଟ ମିଟର ବସାଇ ସାଧାରଣ ଉପଭୋକ୍ତାମାନଙ୍କୁ ଶୋଷଣ କରିବା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଛି। ଢେଙ୍କାନାଳ ସହରକୁ ସ୍ମାର୍ଟସିଟିରେ ପରିଣତ କରିବା, ସହର ଓ ପୁଷ୍କରିଣୀଗୁଡିକୁ ସୁନ୍ଦର କରିବା, ଭଗବାନପୁର ଠାରୁ କପିଳାସ ପର୍ଯ୍ୟନ୍ତ ରାସ୍ତାର ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ କରିବା, ପୁରୁଣା ଚିକିତ୍ସାଳୟକୁ ସିଟି ହସ୍ପିଟାଲ କରି କାର୍ଯ୍ୟକ୍ଷମ କରିବା, ଜିଲାର କଳା ଓ ସଂସ୍କୃତି କାର୍ଯ୍ୟରେ ସହଯୋଗ କରିବା ଏବଂ ଆବଶ୍ୟକ ଅନୁଯାୟୀ ଜିଲାର ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବା ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ସ୍ମାର୍ଟ ମିଟରକୁ ବର୍ଜନ କରିବା ଏବଂ ମାରାଥନ କାର୍ଯ୍ୟକ୍ରମ ସହ ସମସ୍ତ ବିକାଶମୂଳକ କାର୍ଯ୍ୟ କରିବାକୁ ଜିଲାବାସୀ ଦାବି କରିଥିଲେ। ସ୍ମାର୍ଟ ମିଟର ଲଗାଇବା କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରଖି ଉନ୍ନୟନ କାର୍ଯ୍ୟ ଆରମ୍ଭ କରିବା ସହିତ ଯଦି ମାରାଥନ କରାଯାଏ, ଜିଲାବାସୀ ଉପକୃତ ହେବେ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଏଥିସହିତ ଅନ୍ୟାନ୍ୟ କମ୍ପାନୀଗୁଡିକ ମଧ୍ୟ ଢେଙ୍କାନାଳର ପ୍ରଗତିରେ ଦାୟିତ୍ୱ ବହନ କରିବା ପାଇଁ ପଦକ୍ଷେପ ନେବାକୁ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଉନ୍ନୟନ ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ସମାଜସେବୀ ରାମଚନ୍ଦ୍ର ପାତ୍ର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମିଳିତବଜାର ପୂଜା କମିଟି ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ, ଜିଲା ଓକିଲ ସଂଘର ପୂର୍ବତନ ସଭାପତି ସଞ୍ଜୟ କୁମାର ମିଶ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସମାଜସେବୀ ସୁକାନ୍ତ ମିଶ୍ର, ଜିଲା କଂଗ୍ରେସର ପୂର୍ବତନ ସଭାପତି ସୁନୀଲ ଦାଶ, ଦେବାଶିଷ ମିଶ୍ର, ବିନୋଦ ମହାନ୍ତି, ସତ୍ୟ ନାରାୟଣ କର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶ୍ରମିକ ନେତା ଲକ୍ଷ୍ମୀଧର ସାହୁ, ଦେବୀ ପ୍ରସାଦ ଭୂତିଆ, ବିକାଶ କୁମାର ସାହୁ, ସୂର୍ଯ୍ୟ ପ୍ରତାପ ରାଉତ, ହୃଦୟାନନ୍ଦ ମହାନ୍ତି, କରୁଣାକର ଦଳେଇ, ପଦ୍ମଭୂଷଣ ସାହୁ, ଦେବୀ ପ୍ରସାଦ ମିଶ୍ର, ବେଣୁଧର ସାହୁ, ସୁଚିତ୍ର ବେହେରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଆଲୋଚନାପରେ ଖୁବ୍‌ଶୀଘ୍ର ମିନି ଷ୍ଟାଡିୟମଠାରେ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଡକାଇ ଢେଙ୍କାନାଳର ବିକାଶ ପାଇଁ 'ମଧ୍ୟ ଓଡ଼ିଶା ବିକାଶ ପରିଷଦ' ଗଠନ ଦିଗରେ ପ୍ରୟାସ ଆରମ୍ଭ ହେବ ବୋଲି ରାମଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ। ସ୍ମାର୍ଟ ମିଟର ଓ ଗ୍ରାହକ ଶୋଷଣକୁ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପାତ୍ର କହିଥିଲେ।

## ଢେଙ୍କାନାଳର ପ୍ରତ୍ୟୁଷଙ୍କୁ ସ୍ୱର୍ଣ୍ଣ ପଦକ


ସ୍ୱର୍ଣ୍ଣ ପଦକ ସହ ପ୍ରତ୍ୟୁଷ ପରିଡ଼ା।

ଢେଙ୍କାନାଳ,୩।୧୧(ରତନ ନାୟାର)

ଭୁବନେଶ୍ୱରଠାରେ ଗତ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ରାଜ୍ୟ ଭରୋ ଉତ୍ତୋଳନ ପ୍ରତିଯୋଗିତା-୨୦୨୫ରେ ୯୪ କେଜି କାଟେଗୋରି, ୯୮ କେଜି ସ୍ନାଚ୍ ଓ ୧୨୫ କ୍ଲିନ୍ ଏବଂ ଜର୍କରେ ଢେଙ୍କାନାଳର ପ୍ରତ୍ୟୁଷ ପରିଡ଼ା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୯ବର୍ଷୀୟ ପ୍ରତ୍ୟୁଷଙ୍କ ଏହି ସଫଳତା ପାଇଁ ତାଙ୍କୁ ବହୁ କ୍ରୀଡ଼ାବିତ୍ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସେ ଢେଙ୍କାନାଳ କଲେଜ ରୋଡ୍‌ରେ ରହୁଥିବା ଦୀପାଞ୍ଜଳି ପରିଡ଼ା ଓ କାର୍ତ୍ତିକେଶ୍ୱର ପରିଡ଼ାଙ୍କ ପୁତ୍ର। କିଟ୍ ଶିକ୍ଷାନୁଷ୍ଠାନରେ ସେ ଅଧ୍ୟୟନ କରୁଛନ୍ତି।

## ୯ ବର୍ଷ ବିତିଲା, ଜିଲା ସଂସ୍କୃତି ପରିଷଦ ପୁନର୍ଗଠନ ହେଲାନି

**କୁମ୍ଭକର୍ଣ୍ଣ ନିଦ୍ରାରେ ସଂସ୍କୃତି ବିଭାଗ**

ଢେଙ୍କାନାଳ,୩।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସଂସ୍କୃତି ପରିଷଦ ୯ବର୍ଷ ହେଲା ପୁନର୍ଗଠନ ହୋଇପାରି ନାହିଁ। ଜିଲାରେ ୨ ବର୍ଷ ହେଲା ସଂସ୍କୃତି ଅଧିକାରୀ ପଦବୀ ଖାଲି ପଡିଛି। ୨୦୨୩ ଡିସେମ୍ବରରେ ତତ୍କାଳୀନ ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁଙ୍କ ଦେହାନ୍ତ ପରେ ଜିଲା ପଞ୍ଚାୟତ ଅଧିକାରୀ ଏବଂ ବର୍ତ୍ତମାନ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଭାବେ ଦାୟିତ୍ୱରେ ରହିଛନ୍ତି। ସେହିପରି ଢେଙ୍କାନାଳସ୍ଥିତ ବଳରାମଙ୍କ ପୀଠକୁ ସିଦ୍ଧ ଶ୍ରୀକ୍ଷେତ୍ର ନାମରେ ନାମିତ କରାଯିବାକୁ ନେଇ ଜିଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଢେଙ୍କାନାଳ ଇତିହାସରେ ଏହା ବଳରାମ ଉଲ୍ଲେଖ ଥିବା ପରିଷଦ ପକ୍ଷରୁ କୁହାଯାଇଛି। ୨୦୧୮ ମସିହାରେ ତତ୍କାଳୀନ ଜିଲାପାଳ, ବ୍ଲକ କଳା ସଂସ୍କୃତି ସଂଘର ପୁନର୍ଗଠନ ପାଇଁ ଜିଲାର ସମସ୍ତ ବିଡିଓ ତଥା ବ୍ଲକ କଳା ସଂସ୍କୃତି ସଂଘ ସଭାପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲାପାଳଙ୍କ ବଦଳି ହୋଇଯିବାରୁ ଏହା ଆଉ କାର୍ଯ୍ୟକାରୀ ହୋଇପାରି ନ ଥିଲା। ଜିଲା ଲୋକକଳା ସଂଘର ଉପଦେଷ୍ଟା ଏବଂ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷଙ୍କୁ ଜିଲା ସଂସ୍କୃତି ବିଭାଗ ପକ୍ଷରୁ କୌଣସି ବିଷୟରେ ଅବଗତ କରାଯାଉନାହିଁ। ରାଜ୍ୟ ସଂସ୍କୃତି ବିଭାଗ ଏ ସମ୍ପର୍କରେ ଅନୁସନ୍ଧାନ କରି ସରକାରଙ୍କ ଦୃଷ୍ଟିକୁ ଆଣିବା ନିମନ୍ତେ ପରିଷଦ ପକ୍ଷରୁ ଦାବି ହେଉଛି। ଏ ବିଷୟରେ ସମୀକ୍ଷା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲା ସକ୍ରିୟ ନାଗରିକ ପରିଷଦର ଆବାହକ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ସମ୍ପାଦକ ଅଶୋକ କୁମାର ନନ୍ଦ, ଉପସଭାପତି ଅଖିଳ ମହାପାତ୍ର, ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦର ପ୍ରେମ ଶଙ୍କର ମିଶ୍ର, ମନୋରଞ୍ଜନ ମିଶ୍ର, କ୍ଷେତ୍ରବାସୀ ସାହୁ, ଶିବ ପ୍ରସାଦ କର, ପ୍ରଦୀପ କୁମାର ଧଳ ଓ ପଣ୍ଡିତ ପ୍ରମୋଦ ମିଶ୍ର ପ୍ରମୁଖ ଜିଲା ସଂସ୍କୃତି ପରିଷଦର ତୁରନ୍ତ ପନର୍ଗଠନ କରିବା ସହିତ ଢେଙ୍କାନାଳ ଇତିହାସକୁ ବିକୃତ କରା ନ ଯାଉ ବୋଲି ୨ ଅନୁଷ୍ଠାନ ପକ୍ଷରୁ ପ୍ରଦ୍ୟୁମ୍ନ ରଥ ଜଣାଇଛନ୍ତି।

## ମହିଳା ସଂକୀର୍ତ୍ତନ ଦ୍ୱିତୀୟ ସମାରୋହ

ଢେଙ୍କାନାଳ,୩।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତର ରାମ ମନ୍ଦିରରେ କାର୍ତ୍ତିକ ପଞ୍ଚକ ପାଳନ ଅବସରରେ ଶନିବାର ଠାରୁ ବୁଧବାର ଯାଏ ମହିଳା ସଂକୀର୍ତନ ସମାରୋହ ଅନୁଷ୍ଠିତ ହେଉଛି। ଗତବର୍ଷରୁ ପଞ୍ଚକ କମିଟି ଗଠନ ହୋଇଥିବା ବେଳେ ଚଳିତବର୍ଷ ଗୁଆଗରିଆ-ଅସନବାହାଳୀ, ପତଳା-ରେଙ୍କୁଳା, ରାଧାଦେଇପୁର-ପର୍ବତିଆ ମଧ୍ୟରେ ସଂକୀର୍ତ୍ତନ ପ୍ରତିଯୋଗିତା ହେଉଛି। ମଙ୍ଗଳବାରେ ରସାସିଂହ-ବଙ୍ଗା, ବୁଧବାର ଇନ୍ଦିପୁର-ଚନ୍ଦନମଣ୍ଡପ ସାହି, ବଉଳଛକ-ଉପର ନୂଆସାହି ମଧ୍ୟରେ ସଂକୀର୍ତ୍ତନ ପ୍ରତିଯୋଗିତା ହେବ। ଏହାକୁ ପ୍ରମୋଦ ସାହୁ, ବିଜୟ ପୃଷ୍ଟି, ମନୋଜ ସାହୁ, ଗିରିଧାରୀ ବେହେରା, ହରିହର ସାହୁ, ବିଜୟ ବେହେରାଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି।

## କୃଷକ ଉତ୍ପାଦକ ସଙ୍ଗଠନର ତାଲିମ ଶିବିର

ଢେଙ୍କାନାଳ,୩।୧୧(ରତନ ନାୟାର)

କୃଷକ ଓ କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକୁ ସଶକ୍ତ, ସମୃଦ୍ଧ କରିବା ଉଦ୍ଦେଶ୍ୟରେ ସୋମବାର ଏକ ଜିଲାସ୍ତରୀୟ ତାଲିମ ଶିବିର ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ୧୦ଟି କୃଷକ ଉତ୍ପାଦକ ସଙ୍ଗଠନର ୨୫ ଜଣ ନିର୍ଦ୍ଦେଶକ ଯୋଗ ଦେଇଥିଲେ। କୃଷକ ଉତ୍ପାଦକ ସଙ୍ଗଠନର ପରିଚାଳନା, ବ୍ୟବସାୟିକ ଯୋଜନା ପ୍ରସ୍ତୁତି ଓ ମାର୍କେଟ ରିସର୍ଚ୍ଚ ଆଦି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଅଂଶଗ୍ରହଣ କରିଥିବା କୃଷକ ଉତ୍ପାଦକ ସଙ୍ଗଠନର ନିର୍ଦ୍ଦେଶକମାନେ ନିଜର ବ୍ୟବସାୟ ଯୋଜନା ପ୍ରସ୍ତୁତ କରି ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ବିମଳେନ୍ଦୁ ମହାନ୍ତି ପରିଚାଳନା କରି କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକ କିପରି ବ୍ୟବସାୟକୁ ଆଗକୁ ବଢ଼ାଇବେ ସେ ନେଇ ଆଲୋଚନା କରିଥିଲେ। କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଡ. ରୋଜାଲିନ ମହାନ୍ତ ତାଲିମ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀ ସହାୟତା କରିଥିଲେ।

## ପ୍ରାଣୀ ଆଶୁ ଚିକିତ୍ସା ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ


ପ୍ରାଣୀ ଆଶୁ ଚିକିତ୍ସା ଆମ୍ବୁଲାନ୍ସ ସେବା ଉଦ୍‌ଘାଟନ ଅବସରରେ ଅଧିକାରୀଙ୍କ ସହ ଅନ୍ୟମାନେ।

ଢେଙ୍କାନାଳ,୩।୧୧(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରାଣୀ ଆଶୁ ଚିକିତ୍ସା ଆମ୍ବୁଲାନ୍ସ ସେବାକୁ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଆମ୍ବୁଲାନ୍ସ ସେବା ଢେଙ୍କାନାଳ ପୌରାଞ୍ଚଳ ଭିତରେ ଦିନକୁ ୧୬ ଘଣ୍ଟା ସେବା ପ୍ରଦାନ କରିବ। ଏହି ଆମ୍ବୁଲାନ୍ସରେ ୨ଜଣ ପ୍ରାଣୀ ଚିକିତ୍ସକ, ୨ ଆସିଷ୍ଟାଣ୍ଟ ଓ ୨ଜଣ ଆଟେଣ୍ଡାଣ୍ଟ ରହିବେ। ପ୍ରାଣୀଧନ ଆଶୁ ଚିକିତ୍ସା ଆମ୍ବୁଲାନ୍ସ ସେବା ପାଇବାକୁ ହେଲେ ଟୋଲ ଫ୍ରି ନଂ. ୧୯୬୨ରେ କଲ୍ କରିପାରିବେ। ଏହି ନମ୍ବରକୁ କଲ୍ କଲେ ତୁରନ୍ତ ସେବା ଯୋଗାଇ ଦିଆଯିବ ବୋଲି ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରଭାସ ବେହେରା ସୂଚନା ପ୍ରଦାନ କରିଥିଲେ। ପ୍ରତିଦିନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସେବା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଡା. ଶ୍ରୀକାନ୍ତ ପରିଡା, ଡା. ଲକ୍ଷ୍ମୀନାରାୟଣ ନନ୍ଦ, ଡା. ଦୀପକ କୁମାର ଷଡ଼ଙ୍ଗୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଢେଙ୍କାନାଳର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ନାବାଳିକା ଭଉଣୀଙ୍କୁ ବଳତ୍କାର ଅଭିଯୋଗ

ଛେଣ୍ଡିପଦା,୩।୧୧(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ ଏକ ଲଜ୍ୟାଜନକ ଘଟଣା ଘଟିଛି। ଘରେ ଏକା ଥିବା ନାବାଳିକା ଭଉଣୀଙ୍କୁ ବଡ଼ ବାପା ପୁଅ ଭାଇ ବଳାତ୍କାର କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ନାବାଳିକାଙ୍କ ବୟାନ ରେକର୍ଡ କରିବା ସହ ଘଟଣାର ତଦନ୍ତ ଚଳାଇଛି। ଏ ସଂକ୍ରାନ୍ତରେ ନଂ. ୫୬୧/୨୫ରେ ଏକ ମାମଲା ରୁଜୁ କରାଯାଇଛି।

## ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର



ସାତମାଇଲ,୩।୧୧(ସୁଶାନ୍ତ ପତି)

ହିନ୍ଦୋଳ ଉପଖଣ୍ଡରେ ଥିବା ଛୋଟ ଏକ ପ୍ରୟାସ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେପିଏମ୍ ରୋଟାରି ଚକ୍ଷୁ ଚିକିତ୍ସାଳୟ କଟକ ଓ ଫାର୍ ହିନ୍ଦୋଳ ପ୍ରକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ କରିଥିଲେ। ବାଲିମିଠାରେ ଏହି କାର୍ଯ୍ୟକ୍ରମକୁ ଫାର ହିନ୍ଦୋଳ ପ୍ରକଳ୍ପର ସଂଯୋଜିକା ସ୍ମିତିସୌମ୍ୟା ରାଉତ ଶୁଭାରମ୍ଭ କରିଥିଲେ। ସମୁଦାୟ ୯୮ ଜଣଙ୍କ ଚକ୍ଷୁ ଚିକିତ୍ସା କରାଯାଇଥିଲା। ୫ ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇ ଅପରେଶନ ପାଇଁ ଜେପିଏମ୍ ରୋଟାରି ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ୨୦ ଜଣଙ୍କୁ ନିଃଶୁଳ୍କ ଚଷମା ପ୍ରଦାନ କରାଯାଇଥଲା। ଅନୁଷ୍ଠାନର ପ୍ରଭାତ ବିଶ୍ୱାଳ, ଶ୍ରୀକାନ୍ତ ସାହୁ, ବିବେକାନନ୍ଦ ସାହୁ, ସଞ୍ଜୟ ବାରିକ, ଅରବିନ୍ଦ ବେହେରା, ସୁକାନ୍ତ ମାଝୀ, ଅମ୍ରିତ ସାମଲ, ବାପୁନି ବାରିକ, ଶୋଭେନ ଜେନାମଣି, ସୁନୀଲ ସାମଲ, ସୁମନ୍ତ ଜେନାମଣି, ଲିପୁ ନାଏକ, ଶଶିକାନ୍ତ ସାହୁ ଓ ବିଶ୍ୱଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଫାଙ୍କା ଗୁଳି ଚାଳନା କରି ୨ ଘରୁ ଡକାୟତି

ପରଜଙ୍ଗ,୩।୧୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆମ୍ବପଳାସ ଗଙ୍ଗାଧରପୁର ଉପର ସାହିରେ ସୋମବାର ରାତି ୮ ଟାବେଳେ ୨ଜଣଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ସାହିର ଗଗନ ମହାପାତ୍ର ଏବଂ ରମେଶ ମହାପାତ୍ରଙ୍କ ଘରେ ଡକାୟତମାନେ ପଶି ଟଙ୍କା, ସୁନା ଗହଣା ନେଇ ଫେରାର ହୋଇଯାଇଛନ୍ତି। ଉଭୟ ପରିବାରର ଲୋକ ଘରେ ଥିବାବେଳେ କିଛି ଦୂରରେ ବାଇକ୍ ରଖି ଡକାୟତମାନେ ଘରେ ପଶିଥିଲେ। ଫାଙ୍କା ଗୁଳି ଚାଳନା କରିବା ସହ ପରିବାର ଲୋକଙ୍କୁ ଭୟଭୀତ କରାଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ସମେତ ନଗଦ ଟଙ୍କା ଲୁଟି ନେଇଥିଲେ। ପ୍ରାୟ ୮/୯ଜଣ ଡକାୟତ ବନ୍ଧୁକ ଏବଂ ମାରଣାସ୍ତ୍ର ଧରିଥିବା ବେଳେ ମୁହଁରେ କପଡ଼ା ଢାଙ୍କିଥିଲେ। ଖବରପାଇ ପରଜଙ୍ଗ ଥାନା ଏଏସ୍‌ଆଇ ଅଜୟ ସାମଲ ପହଞ୍ଚି ତଦନ୍ତ କରିବା ସହ ଫୁଟା ଗୁଳିର ଖୋକା ଜବତ କରିଛନ୍ତି।

## କମଳାଙ୍ଗ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ରଦ୍ଦ



ଓଡ଼ାପଡ଼ା,୩।୧୧(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ସରପଞ୍ଚ ଜିତେନ୍ଦ୍ର କୁମାର ବେହେରାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ନୋଟିସ ଉପରେ ସୋମବାର ଅନୁଷ୍ଠିତ ବୈଠକ ରଦ୍ଦ ହୋଇଯାଇଛି। ସୂଚନା ଅନୁଯାୟୀ, ପଞ୍ଚାୟତର ୧୨ ଜଣ ୱାର୍ଡମେମ୍ବରଙ୍କ ମଧ୍ୟରୁ ୮ ଜଣ ସେପ୍ଟେମ୍ବର ୧୫ରେ ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ପାଇଁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗତ ଅକ୍ଟୋବର ୧୭କୁ ଦିନ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ୨ ନଂ. ୱାର୍ଡମେମ୍ବରଙ୍କ ବିରୋଧରେ ଅଦାଲତରେ କେସ୍ ରୁଜୁ ପରେ ବୈଠକକୁ ବାତିଲ କରାଯାଇଥିଲା। ପୁନର୍ବାର ଆଲୋଚନା ପାଇଁ ଏବଂ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ନିମନ୍ତେ କମଳାଙ୍ଗ ପଞ୍ଚାୟତରେ ବୈଠକ ବସିଥିଲା। ବୈଠକରେ ତହସିଲଦାର ମନୋଜ କୁମାର ମାଝୀ ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ ଯୋଗଦେଇଥିଲେ। ଅଧିକାରୀମାନେ ଦୀର୍ଘ ସମୟ ଅପେକ୍ଷା କରିଥିଲେ ମଧ୍ୟ କୌଣସି ୱାର୍ଡମେମ୍ବର ବୈଠକକୁ ଆସି ନ ଥିଲେ। ଫଳରେ ଅନାସ୍ଥା ପ୍ରସ୍ତାବ ରଦ୍ଦ ହେଲା ବୋଲ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାହୁ କହିଛନ୍ତି।

## ଭୁବନରେ ୨୪ ପ୍ରହର ନାମଯଜ୍ଞ

ଭୁବନ,୩।୧୧(ବିପିନ ବିହାରୀ ସେଠୀ)

ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଏହା ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ବୁଧବାର ନଗର ସଂକୀର୍ତ୍ତନ କରାଯିବ। ଚଳିତବର୍ଷ ୫୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ସାମିଲ ହୋଇଛନ୍ତି। ପ୍ରତିଦିନ ୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ବରିଷ୍ଠ ସଂକୀର୍ତ୍ତନ ଗୁରୁ ହୃଦାନନ୍ଦ ବେହେରା ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଆୟୋଜକ କମିଟିର ପର୍ଶୁରାମ ନାୟକ, ଶତ୍ରୁଘ୍ନ ଦାସ, ଅଜୟ ଦାସ, ଶରତଚନ୍ଦ୍ର ବାରିକ, ଗୋବର୍ଦ୍ଧନ ଗୁରୁ, ଟିଙ୍ଗୁଆ ନାୟକ, ବାପି ନାୟକ, ତ୍ରିଲୋଚନ ନାୟକ ଓ ବୁଦ୍ଧେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ସହଯୋଗ କରାଯାଉଛି।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ୪୫ ଅଭିଯୋଗ

ପାଲଲହଡା,୩।୧୧(ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତର ଅଧ୍ୟକ୍ଷତା କରିଥିଲେ। ସମୁଦାୟ ୪୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। କୁରୁମୂଳା ଗ୍ରାମର ଗଣେଶ୍ୱର ନାଏକଙ୍କୁ ୭୫୦୦ ଟଙ୍କା ଜିଲା ରେଡକ୍ରସ୍ ପାଣ୍ଠିରୁ ଚିକିତ୍ସା ନିମନ୍ତେ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ଉପଖଣ୍ଡ ଆରକ୍ଷୀ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ତହସିଲଦାର ଆକାଂକ୍ଷା ମହାପାତ୍ରଙ୍କ ସମେତ ଜିଲା ଓ ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆସର ମହୋତ୍ସବ ଉଦ୍‌ଯାପିତ



ଆସର ମହୋତ୍ସବ-୨୦୨୫ରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୩।୧୧(ରତନ ନାୟାର)

ଢେଙ୍କାନାଳର ଅଭିନୟ ଫାଉଣ୍ଡେଶନ ତରଫରୁ ପ୍ରଥମ ନବଗୁଞ୍ଜନ ନୃତ୍ୟ ଏବଂ ସଙ୍ଗୀତ ଉତ୍ସବ 'ଆସର ୨୦୨୫' ଗତ ୧ ଓ ୨ ତାରିଖ ଦୁଇଦିନ ଧରି ସହରସ୍ଥିତ ଗୋପବନ୍ଧୁ ଟାଉନହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, ସୁଶାନ୍ତ ପାଣି ଓ ନାଟ୍ୟକାର ଶତ୍ରୁଘ୍ନ ମାଟି ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟବକ୍ତା ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବାଣିଜ୍ୟ କର ଓ ଜିଏସ୍‌ଟି ବିଭାଗର ସାଧାରଣ ସଚିବ ହରପ୍ରିୟା ମିଶ୍ର, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟ ସ୍ୱରୂପ ଦାସ ଓ ମାଇକ୍ରୋ ମିଡିଆ ନିର୍ଦ୍ଦେଶକ ଅଥୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସ ପୂର୍ବାହ୍ନରେ ଗୁରୁ ତପନ କୁମାର ତରାଇ, ଗୁରୁ କୃଷ୍ଣଚନ୍ଦ୍ର ଜେନା ଓ ସମ୍ପାଦିକା ରଶ୍ମିତା ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ସାନ୍ଧ୍ୟ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଯୋଗୀନାଥ ମହାନ୍ତି, ଶିଳ୍ପୀ ପରେଶ ପଟ୍ଟନାୟକ, ଚନ୍ଦ୍ରଶେଖର ଆଇଟିଆଇ ଉପାଧ୍ୟକ୍ଷା ସସ୍ମିତା ପରିଡା ପ୍ରମୁଖ ଯୋଗଦେଇ ଲୁକାୟିତ ପ୍ରତିଭାମାନଙ୍କୁ ଆଗକୁ ବଢ଼ିବା ପାଇଁ ଏଭଳି ମଞ୍ଚ ପ୍ରକୃଷ୍ଟ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ସଭାପତି ଗୁରୁ ସୁଚିସ୍ମିତା ମାନ୍ନା ସଭାପତିତ୍ୱ କରିଥିଲେ। ସଂସ୍ଥାପକ ଗୁରୁ ଆଲୋକ ରଞ୍ଜନ ଦାସଙ୍କ ସମେତ ଅବନ୍ତୀ ସାହୁ, ସସ୍ମିତା ସରକାର, ସରିତା ମାନ୍ନା ଓ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଅଭିଭାବକ ସହଯୋଗ କରିଥିଲେ। ଏହି ଅବସରରେ ନୁପୁର ଅନୁଷ୍ଠାନର ଗୁରୁ ନିରଞ୍ଜନ ରାଉତ, ଭାରତୀୟ ସଙ୍ଗୀତ ନିଳୟ ଅନୁଷ୍ଠାନର ଯାମିନୀ ରଞ୍ଜନ ଦାସ, ମିନାକ୍ଷୀ ରାଣୀ ଜେନା, ସନ୍ତୋଷ କୁମାର ଦାସ, ସଞ୍ଜୟ କୁମାର ଦାସ, ଅଭିନବ ବରାଳ, ବିଜୟ କୁମାର ସ୍ୱାଇଁ, ଏସ୍‌ଏସ୍ ଗୌରବ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଚନ୍ଦନ କୁମାର ମଲ୍ଲିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନୁଷ୍ଠାନ ସମ୍ପାଦିକା ରଶ୍ମିତା ପଟେଲ ଧନ୍ୟବାଦ ପ୍ରଦାନ କରିଥିଲେ।

## ଟିପିସିଓଡିଏଲ୍‌ର ମନମୁଖି କାର୍ଯ୍ୟକୁ ଜିଲା ଓକିଲ ସଂଘର ବିରୋଧ

**ଉନ୍ନତମାନର ସେବା ଦିଅ, ଭିତ୍ତିଭୂମି ସଜାଡ଼**



ଜିଲା ଓକିଲ ସଂଘର ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଢେଙ୍କାନାଳ,୩।୧୧(ରତନ ନାୟାର)

ବିଦ୍ୟୁତ୍ ବିତରଣ ସଂସ୍ଥା ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ତଥା ଟାଟା ପାୱାର କମ୍ପାନୀର ମନମୁଖି କାର୍ଯ୍ୟ ଏବଂ ଗ୍ରାହକ ଶୋଷଣ ନୀତିକୁ ଢେଙ୍କାନାଳ ଜିଲା ଓକିଲ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯିବା ସହ ଏହାର ପ୍ରତିବାଦ କରାଯାଇଛି। ଏ ସଂକ୍ରାନ୍ତରେ ସୋମବାର ସଂଘ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଟିପିସିଓଡିଏଲ୍‌ର ମନମୁଖି କାର୍ଯ୍ୟ ସମ୍ପର୍କରେ କହିଲେ ଯେ, ଢେଙ୍କାନାଳ ସହର ଏବଂ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମି ଅସଜଡ଼ା ହୋଇଥିବା ବେଳେ ଗ୍ରାହକମାନଙ୍କ ଉପରେ ଜବରଦସ୍ତି ସ୍ମାର୍ଟମିଟରକୁ ଲଦିଦିଆଯାଉଛି। ଏ ସଂକ୍ରାନ୍ତରେ ଜନସାଧାରଣଙ୍କ ପକ୍ଷରୁ ଜିଲା ଓକିଲ ସଂଘ ନିକଟରେ ଅଭିଯୋଗ ହୋଇଥିଲା। ଏହା ଏକ ପ୍ରମୁଖ ଜନ ସମସ୍ୟା ହୋଇଥିବାରୁ ଅଭିଯୋଗକୁ ଗ୍ରହଣ କରାଯାଇଥିଲା। ସ୍ମାର୍ଟ ମିଟର ଲଗାଇବା ପୂର୍ବରୁ ଗ୍ରାହକମାନଙ୍କୁ ଉତ୍ତମ ସେବା ଓ ଭିତ୍ତିଭୂମି ସଜଡ଼ାଯାଉ ବୋଲି ଓକିଲ ସଂଘ ସଭାପତି ଦାବି କରିଥିଲେ। ସେହିପରି ଅଘୋଷିତ ବିଦ୍ୟୁତ୍‌କାଟ ଏକ ଚିନ୍ତାଜନକ ବିଷୟ ହୋଇଛି। ଗତ ୨ ବର୍ଷ ମଧ୍ୟରେ ବ୍ୟାପକ ଅଘୋଷିତ ବିଦ୍ୟୁତ୍‌କାଟ ହେଉଛି। ଏପରିକି ସ୍ମାର୍ଟ ମିଟର ଲଗାଇ ଅଯଥା ବିଲ୍ ବକେୟା ଥିବା ଦର୍ଶାଇ ଗ୍ରାହକମାନଙ୍କୁ ଶୋଷଣ କରାଯାଉଛି। ଜିଲା ଓକିଲ ସଂଘ ପକ୍ଷରୁ ଏ ସଂକ୍ରାନ୍ତରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଥିବା ଜାଣିବା ପରେ ଗତ ୨୧ ତାରିଖରେ ଟିପିସିଓଡିଏଲ୍‌ର ଏକ ପ୍ରତିନିଧି ଦଳ ସଂଘ କାର୍ଯ୍ୟାଳୟକୁ ଆସି କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ତଦନୁଯାୟୀ ଆସନ୍ତା ୬ ତାରିଖ ଅପରାହ୍ନରେ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଜିଲା ଓକିଲ ସଂଘ ଓ ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଗଣମାଧ୍ୟମ ଉପସ୍ଥିତିରେ ଖୋଲାଖୋଲି ଆଲୋଚନା କରାଯିବ। ସେ ପର୍ଯ୍ୟନ୍ତ କୌଣସି ଠାରେ ମିଟର ବଦଳିବନି କିମ୍ବା ଦେୟ ଆଦାୟ ହେବନି ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ୬ତାରିଖ ବୈଠକରେ ଆଲୋଚନା ପରେ ଯାହା ନିଷ୍ପତ୍ତି ହେବ, ସେ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଂଘ ସଭାପତି ସୂଚନା ଦେଇଥିଲେ। ଏହି ବୈଠକରେ ସଂଘ ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କବିଶତପଥୀ, ସହ ସମ୍ପାଦକ ଉତ୍ତମ ଦାସ, ବରିଷ୍ଠ ଆଇନଜୀବୀ ପଙ୍କଜ ଲୋଚନ ସାହୁ, ସୁରେନ୍ଦ୍ର ମିଶ୍ର, ଦୁର୍ଗାପ୍ରସାଦ ଶତପଥୀ, ଦୀପକ ପ୍ରସାଦ ପଟ୍ଟନାୟକ, ପୂର୍ବତନ ସଭାପତି ଶିବସାଇ ମହାପାତ୍ର, ପ୍ରତାପ ନାରାୟଣ ତ୍ରିପାଠୀ, ନିର୍ମଳ ମିଶ୍ର, ବିକ୍ରମ ପ୍ରକାଶ ଜେନା, ଗୁପ୍ତେଶ୍ୱର ମିଶ୍ର, ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଘରୁ ରଣା ସାପ ଉଦ୍ଧାର

ବଇଣ୍ଡା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲା କିଶୋରନଗର ବ୍ଲକ ଲୁହାମୁଣ୍ଡା ଗ୍ରାମର ରତିକାନ୍ତ ବେହେରାଙ୍କ ଘରୁ ସୋମବାର ଏକ ରଣା ସାପ ଉଦ୍ଧାର କରାଯାଇଛି। ବାହାର ଅଞ୍ଚଳରୁ ସାପଟି ଘର ଭିତରକୁ ପଶି ଆସୁଥିବା ଦେଖି ରତିକାନ୍ତ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଦେଇଥିଲେ।

# ପ୍ରଶାସନର ଅବହେଳା, ବିକାଶ ଠପ୍

## ସରପଞ୍ଚ ସଂଘର ଦାବିପତ୍ର ପ୍ରଦାନ



ସରପଞ୍ଚ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଇଣ୍ଡା, ୩।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକର ୨୩ଟି ପଞ୍ଚାୟତରେ ବ୍ୟାପକ ସମସ୍ୟା ଲାଗି ରହିଛି। ବିଶେଷକରି କେତେଜଣ ପିଇଓ ଏବଂ ଏଡିଇଓଙ୍କ ମନମୁଖି କାର୍ଯ୍ୟ ସହ ବ୍ଲକ ପ୍ରଶାସନର ଅବହେଳା ଯୋଗୁ ପଞ୍ଚାୟତଗୁଡ଼ିକର ବିକାଶ ହୋଇପାରୁ ନାହିଁ ବୋଲି ଅଭିଯୋଗ କରି ସୋମବାର କିଶୋରନଗର ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଏକ ଦାବିପତ୍ର ବିଡିଓ ସୁବ୍ରତ କୁମାର ବେହେରାଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ମନୋଜ ବାଘ, ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନଙ୍କ ନେତୃତ୍ୱରେ ସରପଞ୍ଚମାନେ ଏକାଠି ହୋଇ ଏହି ଦାବିପତ୍ର ପ୍ରଦାନ କରିଥିଲେ।

ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ସରକାରଙ୍କ ସମସ୍ତ ଯୋଜନା କିପରି ପ୍ରତ୍ୟେକ ଗ୍ରାମରେ ପହଞ୍ଚିବ ସେ ନେଇ ବ୍ଲକ ପ୍ରଶାସନ ଗୁରୁତ୍ୱ ଦେଉନାହାଁନ୍ତି। ଏପରିକି ଆମ୍ବପାଳ ଓ ବାମୁର ପଞ୍ଚାୟତକୁ ଏଡିଇଓ ଆସୁ ନ ଥିବା ବେଳେ ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ଅନେକ ଶ୍ରମିକ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରିଥିବା ବେଳେ ମଜୁରି ମିଳୁନାହିଁ ସେହିପରି କେତେଜଣ ପିଇଓ ମଧ୍ୟ ବିଭିନ୍ନ ଆଳ ଦେଖାଇ ଅନୁପସ୍ଥିତ ରହୁଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳୁଥିବା ଘର ସରପଞ୍ଚଙ୍କ ଅଜଣାତରେ ବଣ୍ଟନ କରାଯାଉଛି । ସେମାନଙ୍କ ଉପସ୍ଥିତିରେ ଏହି ଆବାସ ବଣ୍ଟନ କରାଯିବା ସହ ପଞ୍ଚାୟତଗୁଡିକରେ ହୋଇଥିବା ବିଭିନ୍ନ ପ୍ରକଳ୍ପର ବିଲ୍ ୭ ଦିନ ମଧ୍ୟରେ ପାସ୍ କରାଯାଉ ବୋଲି ସଂଘ ଦାବି କରିଛି। ବ୍ଲକ ପ୍ରଶାସନ, ପିଇଓ ଓ ଏଡିଇଓମାନେ ସରପଞ୍ଚଙ୍କ ସହ ସମନ୍ୱୟ ରଖି କାମ କରନ୍ତୁ ବୋଲି ସଂଘ ଦାବି କରିଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସିଆରିମଳିହାରେ କାର୍ତ୍ତିକେଶ୍ୱର ପୂଜା



ବଇଣ୍ଡା, ୩।୧୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସିଆରିମଳିହା ଗ୍ରାମରେ ରବିବାରଠାରୁ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି। ଏଥିପାଇଁ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ରଙ୍ଗବେରଙ୍ଗର ଆଲୋକମାଳା ଯୋଗୁ ଗ୍ରାମ ଝଲସି ଉଠୁଛି। ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ସାହୁ, ସନ୍ତୋଷ ପ୍ରଧାନ, ଦିବାକର ପ୍ରଧାନ, ମାନସ ରଞ୍ଜନ ବିଶ୍ୱାଳ, ଆମସରମୁଣ୍ଡା ସମବାୟ ସମିତି ସମ୍ପାଦକ ମନୋଜ ପ୍ରଧାନ ପ୍ରମୁଖ ପୂଜାରେ ଯୋଗ ଦେଇଥିଲେ। କାର୍ତ୍ତିକେଶ୍ୱର ପୂଜା କମିଟି ସଭାପତି ଦୋଳଗୋବିନ୍ଦ ମାଝୀ ଓ ସମ୍ପାଦକ ସୁନ୍ଦର ଗଡ଼ନାୟକଙ୍କ, ଗ୍ରାମ ସଭାପତି ଲୋଚନ ମାଝୀଙ୍କ ତତ୍ତ୍ୱାବଧାନରେ ଏହି ପୂଜା ପାଳିତ ହେଉଛି।

## ବାମୁର ଷ୍ଟେଶନରେ ଇଣ୍ଟରସିଟି ଟ୍ରେନ୍ ରହଣି ଦାବି



ବଇଣ୍ଡା, ୩।୧୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ରେଳ ଷ୍ଟେଶନରେ ରାଉରକେଲା- ଭୁବନେଶ୍ୱର ଇଣ୍ଟରସିଟି ଟ୍ରେନ୍ ରହଣି କରୁନାହିଁ। ଫଳରେ ସ୍ଥାନୀୟ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ଏ ନେଇ ଦାବି ହେଉଥିଲେ ମଧ୍ୟ ରେଲୱେ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଏହି ଟ୍ରେନ୍ ରହଣି ପାଇଁ ଦାବି କରି ସୋମବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କିଶୋରନଗର ଆଞ୍ଚଳିକ କମିଟି ପକ୍ଷରୁ ସମ୍ବଲପୁର ଡିଆର୍‌ଏମ୍‌ଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାମୁର ଷ୍ଟେଶନ ମାଷ୍ଟରଙ୍କୁ ପ୍ରଦାନ କରାଯାଇଛି। ଏଥିସହ ସମ୍ବଲପୁର-ପୁରୀ ଇଣ୍ଟରସିଟି ଟ୍ରେନ୍‌ରେ ସାଧାରଣ କୋଚ ସଂଖ୍ୟା ବୃଦ୍ଧି କରିବା, ଷ୍ଟେଶନରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଟ୍ରେନ୍‌ରେ ପରିମଳ ବ୍ୟବସ୍ଥା କରିବା, ବରିଷ୍ଠ ନାଗରିକମାନଙ୍କ ପାଇଁ ରିହାତି ବ୍ୟବସ୍ଥା ପୁନଃ ପ୍ରଚଳନ, ରେଢ଼ାଖୋଲ ଠାରୁ କଟକ ଦେଇ ଏକ ନୂତନ ମେମୁ ଟ୍ରେନ୍ ଚଳାଚଳ ପାଇଁ ଦାବି କରାଯାଇଛି। କମିଟି ସମ୍ପାଦକ ତୀର୍ଥବାସୀ ଭୋଇ, ସଭ୍ୟ ଲକ୍ଷ୍ମଣ ବେହେରା, ଚିତ୍ତରଞ୍ଜନ ମେଣ୍ଡୁଲି, ରମଣି ରଞ୍ଜନ ପ୍ରଧାନ, ରବି ନାରାୟଣ ବାରିକ, ବାବାଜୀ ଚରଣ ପ୍ରଧାନ, ରମେଶ ସାହୁ ପ୍ରମୁଖ ଷ୍ଟେଶନ ମାଷ୍ଟରଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ।

## ନାଟ୍ୟ ସଂସଦ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା



ଅନୁଗୋଳ, ୩।୧୧(ମାନସ ବିଶ୍ୱାଳ)

ଓଡ଼ିଶା ନାଟ୍ୟ ସଂସଦର ନବ ନିର୍ବାଚିତ ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀଙ୍କୁ ଅନୁଗୋଳସ୍ଥିତ ନୃତ୍ୟ ନୀଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସଂସ୍ଥାର ମୁଖ୍ୟ ଯଜ୍ଞ ରାୟ ଓ ସମ୍ପାଦିକା ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସ୍ୱପ୍ନାରାଣୀ ସିହ୍ନା ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଦ୍ୱିବେଦୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଦ୍ୱିବେଦୀଙ୍କ ମଞ୍ଚ ନାଟକ ପ୍ରତି ଥିବା ନିଷ୍ଠା, ତ୍ୟାଗ ଓ ପ୍ରତିବଦ୍ଧତା ଉପରେ ସିହ୍ନା ଆଲୋକପାତ କରିବା ସହ ନାଟ୍ୟମ ସଂସ୍ଥା ମାଧ୍ୟମରେ ମଞ୍ଚ ନାଟକକୁ ନେଇ ପରୀକ୍ଷା ନିରୀକ୍ଷା କରିବା ସହ ଦର୍ଶକଙ୍କୁ କିଭଳି ମନୋରଞ୍ଜନ ଯୋଗାଇ ଆସିଛନ୍ତି ତାହା ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୃତ୍ୟ ନୀଳୟର ବହୁ ଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ।

# ପୋଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ

ବଉଁରପାଳ/ପାଲଲହଡ଼ା,୩।୧୧(ସୁବାସ ସାହୁ/ ଦିବ୍ୟଜ୍ୟୋତି ଦାଶ)




ଅନୁଗୋଳ ଜିଲ୍ଲା ବଉଁରପାଳ ପୋଲିସ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ଏହି ଅବସରରେ ସୋମବାର ସକାଳୁ ବଉଁରପାଳ ଥାନା ପରିସରରୁ ଜଗନ୍ନାଥ ମନ୍ଦିର ଦେଇ ଏକ ସାଇବର ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏଥିରେ ପଞ୍ଚଗଡ଼ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ସହର ପରିକ୍ରମା କରିଥିଲେ। ପରେ କଲେଜ ପରିସରରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଉଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂ, ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ରମାକାନ୍ତ ମହାଲିକ, ପୋଲିସ ଅଧିକାରୀ ଅର୍ଚ୍ଚନା ନାୟକ, ପଞ୍ଚଗଡ଼ ଉଚ୍ଚ ମହାବିଦ୍ୟାଳୟ ପ୍ରିନ୍ସିପାଲ ଅଶୋକ ପ୍ରଧାନ, ସ୍ୱର୍ଣ୍ଣପ୍ରଭା ମିଶ୍ର, ବିକ୍ରମ ଦଳବେହେରା, ସଂଗ୍ରାମ କେଶରୀ ମହାନ୍ତି, ବୀରେନ ମଲ୍ଲିକ, ବିଶ୍ୱରଞ୍ଜନ ମହାନ୍ତିଙ୍କ ସମେତ ପୋଲିସ ଏସ୍‌ଆଇ ଅମିତ ମିଶ୍ର, କମଳାକ୍ଷ ନାୟକ ପ୍ରମୁଖ ଯୋଗଦେଇଥିଲେ। ସାଇବର ଅପରାଧୀ ନୂତନ କୌଶଳ ଅବଲମ୍ବନ କରି ବିଭିନ୍ନ ଜନସାଧାରଣଙ୍କୁ ଠକୁଛନ୍ତି ସେ ନେଇ ସଚେତନ କରାଯାଇଥିଲା। ନିଜର ବ୍ୟକ୍ତିଗତ ତଥ୍ୟକୁ ମୋବାଇଲରେ କାହାରିକୁ ସେୟାର ନ କରିବାକୁ ଥାନା ଅଧିକାରୀ ସିଂ ପରାମର୍ଶ ଦେଇଥିଲେ।

ସେହିପରି ପାଲଲହଡ଼ା ପୋଲିସ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ସକାଳୁ ଥାନା ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ଭାଜପାର ବରିଷ୍ଠ ନେତା ଲିଙ୍ଗରାଜ ଦାସଙ୍କ ସମେତ ଅବସରପ୍ରାପ୍ତ କର୍ମଚାରୀ ସଂଘ, ଅବସରପ୍ରାପ୍ତ ସୈନିକ ସଂଘ ତଥା ମହତାବ ଉଚ୍ଚ ବିଦ୍ୟାଳୟ, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଯୋଗଦେଇ ସହର ପରିକ୍ରମା କରିଥିଲେ।

# ଜମୁଛି ରାସଯାତ୍ରା, କାର୍ତ୍ତିକେଶ୍ୱର ପୂଜା

ଆଠମଲ୍ଲିକ, ୩।୧୧(ଜୟନ୍ତ ପୁରୋହିତ)

କାର୍ତ୍ତିକ ମାସ ପଞ୍ଚକ ଅବସରରେ ରାସଯାତ୍ରା ଓ କାର୍ତ୍ତିକେଶ୍ୱରଙ୍କ ପୂଜାକୁ ନେଇ ଆଠମଲ୍ଲିକ ଚଳଚଞ୍ଚଳ ହୋଇଉଠିଛି। ସହର ମଧ୍ୟରେ ସର୍ବ ପୁରାତନ ମାହେଶ୍ୱରୀ ମନ୍ଦିର ସମ୍ମୁଖସ୍ଥ ରାସ ମଣ୍ଡପରେ ରାସଯାତ୍ରା ଶୁଭାରମ୍ଭ ହୋଇଛି। ଶେଷଦେବ ପାଣିଗ୍ରାହୀ ପୂଜାକାର୍ଯ୍ୟ କରୁଥିବା ବେଳେ କର୍ତ୍ତା ଭାବେ ରାଜା ଦାସ ଦାୟିତ୍ୱ ତୁଲାଉଛନ୍ତି। ରାସ ପୂଜା କମିଟି ସଭାପତି ସବ୍ୟସାଚୀ ସିଂ ସାମନ୍ତ, ସମ୍ପାଦକ ଗିରେଶ ସିଂହ, କୋଷାଧକ୍ଷ ଦିନେଶ ସିଂହ, ମିଲୁ ଭୋଲ୍ଡା, ଦୁଃଖିଶ୍ୟାମ ଦାସ, ସୁଧୀର ମହାପାତ୍ର, ସରୁଜୁ ଧୀର, ପ୍ରଦୀପ ପ୍ରଧାନ, ଦେବାଙ୍ଗନା ନାୟକ, ରମେଶ ଚିନରା, କାଳିଆ ମହାନ୍ତି, ଦିଲୀପ ମହାକୁଡ଼ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ସେହିପରି ନୀଳକଣ୍ଠପଡା ଗ୍ରାମରେ ରାସଯାତ୍ରା ପାଳିତ ହେଉଛି। ପୂଜକ ଭାବେ ଅରୁଣ ମିଶ୍ର, କର୍ତ୍ତା ଭାବରେ ତରୁଣ ଚାଉଳିଆ ଦାୟିତ୍ୱ ତୁଲାଉଛନ୍ତି। ରାସପୂଜା କମିଟି ବରିଷ୍ଠ ସଭ୍ୟ ପ୍ରମୋଦ ପାଣ୍ଡେ, ପ୍ରଦୀପ ଚାଉଳିଆ, ସଞ୍ଜୀବ ସାହୁ, ପ୍ରକାଶ ଡାଙ୍ଗ, ଅନିଲ ପ୍ରଧାନ, ନିରୋଦ ଚାଉଳିଆ, ଗଦାଧର ଡାଙ୍ଗଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି। ସେହିପରି ଆଠମଲ୍ଲିକ ଏନ୍‌ଏସି ୯ ନମ୍ବର ୱାର୍ଡ ସ୍ଥିତ ସିଆରପାଳରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେଉଛି। ପୂଜକ ଭାବେ ଶେଷଦେବ ପାଣିଗ୍ରାହୀ ଓ କର୍ତ୍ତା ଭାବରେ ଜ୍ୟୋତି ପ୍ରକାଶ ମିଶ୍ର ଦାୟିତ୍ୱ ତୁଲାଇଥିଲେ। କମିଟିର ବିକାଶ ଡାଙ୍ଗ, ସରୋଜ ପ୍ରଧାନ, ଶଙ୍କର ମାଝୀ, ପରେଶ କ୍ଷେତି, ରାଜୁ ବାଘଙ୍କ ସମେତ ସମସ୍ତ ସଦସ୍ୟ ଓ ସାହି ବାସିନ୍ଦା ସହଯୋଗ କରୁଛନ୍ତି।


GOVERNMENT OF ODISHA
OFFICE OF THE SUPERINTENDING ENGINEER, KANUPUR REHABILITATION, CAMPS & BUILDING DIVISION
Email:eekrcbdbasudevpur@gmail.com
At/PO- Basudevpur, Dist-Keonjhar, PIN-758047
e-PROCUREMENT NOTICE
No.A-
Bid Identification No.SE,KRC & BD-17/2025-26

| Sl. No. | Name of Work | Approx. value of work (Rs. in lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of basic amenities in the premises of UGME School at R&R colony Birikala for the DPs of village Birikala & Gobindapur of KIP" | 44.80 | 44850.00 | 6,000.00 | 08 (Eight) Calendar Months | "B" | Kanupur Reh. Camps & Building Division, At/PO-Basudevpur, Dist-Keonjhar |
| 02 | Construction of kitchen & store room of U.G.M.E. school Dadun at Dhobalabeda R&R Colony (Daduan) for the DPs of village Daduan of K.I.P" | 17.10 | 17100.00 | 6,000.00 | 06 (Six) Calendar Months | "C" & "D" | Kanupur Reh. Camps & Building Division, At/PO-Basudevpur, Dist-Keonjhar |
| 03 | "Construction of Kothi Ghara (Thakurani) at Dhobalabeda (Daduan) R&R Colony for the DPs of village Daduan of K.I.P." | 11.30 | 11300.00 | 6,000.00 | 06 (Six) Calendar Months | "C" & "D" | Kanupur Reh. Camps & Building Division, At/PO-Basudevpur, Dist-Keonjhar |
| 04 | "Construction of Kirtan Mandali house at Dhobalabeda (Daduan) R&R Colony for the DPs of village Daduan of K.I.P. | 10.35 | 10350.00 | 6,000.00 | 06 (Six) Calendar Months | "C" & "D" | Kanupur Reh. Camps & Building Division, At/PO-Basudevpur, Dist-Keonjhar |

| Procurement Officer | Bid Identification No. | Availability of tender online for bidding | | Date & Time of opening of tender | | Place of Opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C&B Division, Basudevpur, Dist-Keonjhar | SE, KRC & BD-17/ 2025-26 | 04.11.25 From 10.00 Hours | 14.11.25 Upto 17.00 Hours | 15.11.25 | 11.00 Hours | O/o the Superintending Engineer, Kanupur Reh. C&B Division. Basudevpur, Dist-Keonjhar |

Sd./- Superintending Engineer
Kanupur Reh. C & B Division, Basudevpur
OIPR-

ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness
No.CAD-2153:
E-PROCUREMENT NOTICE

| Sl. No. | NIT No. | Job Description | Availability of Tender Document | Bid Due Date |
|---|---|---|---|---|
| 1 | OMC/ E- PROC/C&P/ 025/ 2025-26, Dtd.30/10/2025 | Providing BLS (Basic Life Support) Ambulance Service alongwith drivers and paramedics on monthly hiring basis across various locations of OMC Ltd. | 31.10.2025 | 29.11.2025 |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.
OIPR-
Sd./- Head (C&P)

GOVERNMENT OF ODISHA
OFFICE OF THE SUPERINTENDING ENGINEER,
RURAL WORKS DIVISION-I, BHADRAK
E-mail: ee_rwbdk@yahoo.com
"e" Procurement Notice for Road Works
Bid Identification No. Online Tender 10 of 2025-26
No.O-1277:1.Name of the Work : Roads, 2. Total No. of Works : 10 Nos., 3. Estimated Cost: Rs.5.08 Lakh to Rs.38.05 Lakh. 4. Class of Contractor: 'C', 'D' & 'B' Class, 5. Period of Completion: As per Annexure. 6. Type of Tender: Single Cover. 7. Other Details:

| Procurement Officer | Bid Identification No. | Availability of tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-I, Bhadrak | Online-10 of 2025-26 | 04.11.2025 At-11.00 A.M. | 13.11.25 At- 4.00 P.M. | 13.11.25 At-2.00 P.M. | 14.11.25 At-11.00 A.M. |

Further details can be seen from the e-procurement portal "https://tendersorissa.gov.in". N.B.:- Transparency Lottery date will be intimated later. Signed Scan Copy of Schedule "A", "E" & "F" Sheet is mandatory. Non submission of the sheet may cause rejection of the bid.
Sd./- Er. Ganesh Chandra Hembram
Executive Engineer, R.W.Division, Bhadrak
OIPR-

OFFICE OF THE SUPERINTENDING ENGINEER, RURAL WORKS DIVISION NO-I, KEONJHAR
e-mail: eerw1_kjr@yahoo.com
1st Corrigendum to e-Procurement Notice for Building Works
Identification No. Online NCB-07 of 2025-26
O-1297: 1.The availability of tender online for bidding in column No.-3 & 4, Last date & Time of Seeking Tender Clarification in Column No-7 and Date & Time of Opening of Tender Column No-8 may be read as follows.
e-Procurement Notice No.07 of 2025-26

| Procurement Officer | Bid Identification No. | Availability of Tender on-Online for bidding as per Tender Notice | | As per Corrigendum the Availability of tender on-Online for bidding as per Corrigendum | | Last date & Time of seeking tender clarification | Date, Time & Place of Opening of Tender |
|---|---|---|---|---|---|---|---|
| | | From | To | From | To | | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, R.W. Division, No-I, Keonjhar | Road Works of NCB-07/ 2025-26 | 31.10.2025 at 11.00 A.M. | 11.11.2025 upto 5.00 P.M. | 03.11.2025 at 11.00 A.M. | 13.11.2025 upto 5.00 P.M. | 12.11.2025 at 11.00 A.M | 14.11.2025 at 11 A.M. Office of the Superintending Engineer, R.W.Division, No-I, Keonjhar |

All other terms and conditions to the original e-procurement no-07 of 2025-26 will remain unchanged.
OIPR-
Sd./- Superintending Engineer, R.W.Division-I, Keonjhar

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION: RAYAGADA
e-mail ID: rw_rayagada@yahoo.co.in
Letter No.3491, Date:30.10.2025
CANCELLATION OF TENDER
No.O-1295: The tender for the work invited vide this office bid identification No.EERWRGD-Online-08/2025-26 invited vide this office letter No.3368, dated 24.10.2025 is hereby cancelled due to unavoidable circumstances.
Sd./- Executive Engineer
Rural Works Division, Rayagada
OIPR-

ODISHA LIFT IRRIGATION CORPORATION LTD.
(A GOVT. OF ODISHA UNDERTAKING)
PLOT NO. 17/2, NAYAPALLI, BHUBANESWAR - 12
Phone No. : (0674)2390195, Fax No. : (0674)2395844,
e-Mail ID : olicltd123@bsnl.in, olicltd@ymail.com
Order No. IT-25/2025-8759/OLIC Date : 30.10.2025
No.CAD-2158: The Request for Proposal No.IT-25/2025-8359 dt.09.10.2025 towards selection of recruitment agency to conduct Computer Based Test (CBT) for recruitment to different posts for and on behalf of OLIC is hereby cancelled due to administrative reasons.
By order of Managing Director
Sd./- Executive Director (Tech)
OLIC Ltd, Bhubaneswar
OIPR-

Government of Odisha
OFFICE OF THE CHIEF CONSTRUCTION ENGINEER
CUTTACK (R&B) CIRCLE, CUTTACK
E-mail ID- sectcrb_2006@yahoo.co.in
Tel/Fax- 0671-2301751/2302751
('e'-PROCUREMENT NOTICE)
Bid Identification No.CCE.Ctc.(R&B) 8/2025-26
No.B-624:1) The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on percentage rate basis bid in double cover system in ONLINE MODE from eligible contractors for Road Works as mentioned below.
2. No. of Work : 07 Nos. 3. Nature of Work : Road Works. 4. Class of Contractor: 'B', 'A' & Special Class. 5. Tender Paper Cost: Rs.10000 (Online) 6. Available of bid document in the website: From 04.11.2025 to 17.30 Hours of 18.11.2025. 7. Date of Opening of Bid: Dt.19.11.2025 at 11.00 Hours. 8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.
Sd./- Chief Construction Engineer
Cuttack (R&B) Circle
OIPR-

Odisha State Museum
Kalpana Square, Bhubaneswar-751014
Tel-0674-2431597
Email-supdt.museum@hotmail.com, Website: www.odishamuseum.nic.in
TENDER CALL NOTICE
No.1599/OSM, dated 30.10.2025
No.RR-26:Sealed Tenders in confirmity with the terms, conditions and specifications in the tender documents are invited from reputed firms/agencies for: Supply and Installation of G.I. Creeper Shed made of G.I. Square Pipe 65x40mm (heavy) with G.I. flat bracing 25mmx6m top roof carving and covering with plastic jalli as per requiring size including painting installation with supply of all missionary work materials and transportation as per detailed specification.

| Sl. | Name of Work | Bid Security | Cost of Document | Period of Completion |
|---|---|---|---|---|
| 1 | Supply and Installation of G.I. Creeper Shed made of G.I. Square Pipe 65x40mm (heavy) with G.I. flat bracing 25mmx6m top roof carving and covering with plastic jalli as per requiring size including painting installation with supply of all missionary work materials and transportation as per detailed specification | EMD Rs.10000/- | Rs.2000.00 | 01 (One) Calendar Month |

* Availability of Tender in Odisha State Museum website: From 31.10.2025, 10.00 A.M. to 14.11.2025, 4.00 P.M. * Submission of Bid: From 31.10.2025, 10.00 A.M. to 14.11.2025, 4.30 P.M. * Date and Time of Opening of the Bid: 15.11.2025, at 11.30 A.M.
Further details can be seen from the website www.odishamuseum.nic.in regularly for any amendment, corrigendum/cancellation of the tender)
Sd./- Superintendent of Museum
Odisha, Bhubaneswar
OIPR-

Brahmapur Municipal Corporation
RFP No.15945 Date:31.10.2025
REQUEST FOR PROPOSAL (RFP)
FOR CONSTRUCTION AND SETTING UP OF ANIMAL CARCASS INCINERATION PLANT IN BRAHMAPUR FOR SMALL ANIMALS INCLUDING SUPPLY, INSTALLATION, OPERATION, MAINTENANCE AND MANAGEMENT FOR 5 YEARS
No.C-1368: Commissioner, Brahmapur Municipal Corporation, invites proposals from reputed Agencies for Setting Up of Animal Carcass Incineration Plant in Brahmapur for Small Animals including Supply, Installation, Operation, Maintenance and Management for 5 years. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BeMC website: www.berhampur.gov.in and www.tendersodisha.gov.in from 11.30 AM of 04.11.2025 till 05.00 PM of 20.11.2025. The last date of receipt of hard copy for technical and financial bids is 24.11.2025 till 03.30 P.M. and the same would be opened on 24.11.2025 at 04.30 P.M. The Pre-Bid Meeting is scheduled on 10.11.2025 at 11.30 A.M. in the OSWAN Hall, Brahmapur Municipal Corporation. Near Ramalingam Tank Rd. Gandhi Nagar, Brahmapur, Odisha-760001. Further details can be seen from the e-Procurement portal https://www.tendersodisha.gov.in. Any addendum/ Corrigendum/Cancellation of tender can also be seen in the said website. BeMC reserves the right to cancel this invitation and / or invite fresh Bid/ RFP with or without amendments to this invitation without liability or any obligation for such invitation and without assigning any reason, BeMC reserves the right to accept or reject any or all proposals without assigning any reason whatsoever.
Sd./- Commissioner
Brahmapur Municipal Corporation
OIPR-

OFFICE OF THE CHIEF CONSTRUCTION ENGINEER
BALANGIR (R&B) CIRCLE, BALANGIR
E-mail ID: sepwdbalangir@gmail.com
CANCELLATION OF TENDER
In Bid Identification No.CCE(R&B) BGR/02/2024-25
Letter No.2142, Date:28.10.2025
No.B-660: The tender for the work: Construction of RCC Drain at different location inside Balangir town such as P.R.High School to Railway Station Road (From 0/500 Km to 1/500). Collector Res. to Railway Station Road via Mahalaxmi Nagar (from 0/0 Km to 0/470 Km). Approach Road to Circuit House (Bhagirathi Chowk to Circuit House from 0/450 Km to 1/350 Km) Ring Road from NH Office to Jail Back site from 6/615 to 7/115 Km). Balangir TTG NH to Bijakhaman to Rajib Nagar from 0/0 Km to 0.700 Km) in Bid Identification No.CCE (R&B) BGR/02/2024-25 is here by cancelled under technical and Administrative ground.
Sd./- Chief Construction Engineer
Balangir (R&B) Circle, Balangir
OIPR-

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE ADDITIONAL CHIEF ENGINEER
BALANGIR MINOR IRRIGATION CIRCLE, BALANGIR
e-Procurement Notice
e-Procurement Notice No.-BMIC-BLGR/01/2025-26
No.A-827 : The Additional Chief Engineer, Balangir M.I Circle, Balangir on behalf of Hon'ble Governor of Odisha invites percentage rate bids in Double cover in ONLINE mode only for the Construction of works detailed in the table from "B & A" Class Contractors registered with the State Government and contractors of equivalent Grade/Class registered with Central Government / M.E.S / Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.
1. Name of the works : Construction of Check Dams under M.I. Divisin, Balangir for the year 2025-26
2. Total No. of works : 02 (Two)
3. Estimated Cost : Varies from Rs.100.23 lakh to 112.43 lakh (Approximately)
4. Class of Contractor : Class "B & A"
5. Period of completion : Refer DTCN
6. Date & time of Availability of Bid Document in the Portal for online bidding : From 04.11.2025 at 10.00 A.M. to 13.11.2025 up to 5.00 P.M.
7. Last date/Time for receipt of Bid only in ONLINE : 13.11.2025 up to 5.00 P.M.
8. Date and place of Opening of Technical Bid : 14.11.2025 at 11.00 A.M. at Office of the Additional Chief Engineer, Balangir M.I, Circle, Balangir
9. Date/Time of Opening of Financial Bid : 18.11.2025
10. Date of Transparent Lottery (if cases arise) : 25.11.2025
11. Name & Address of the officer Inviting the Bid : Office of the Additional Chief Engineer, Balangir M.I Circle, balangir, Near Sub-Collector Office, Women's College Chowk, Dist.-Balangir, Pin-767001 E-mail ID : acemicbalangir2023@gmail.com
Further details can be seen from the "e" Procurement Portal https://tendersodisha.gov.in
Sd./- Additional Chief Engineer,
Balangir M.I. Circle, Balangir
OIPR-

RAYAGADA AUTONOMOUS COLLEGE
PO/Dist- RAYAGADA, 765001 (ODISHA)
NAAC ACCREDITED
Email: rayagadacollege@gmail.com,
Ph:06856-222130, Fax:06856-222130
Ref.No.2512/RAC/25 Date:29.10.25
RAYAGADA AUTONOMOUS COLLEGE, RAYAGADA
TENDER NOTICE
Advertisement No:02/OHEPEE/RAC/2025 Date:1.11.2025
No.CAD-2154: Sealed tenders are invited from registered supplier/ reputed firms/ dealers/ distributors having valid GST and PAN to provide or supply Air Conditioners and Security Guards.
The Sealed tender papers alongwith DD for Rs.500/- as tender fee and respective EMDs should reach the undersigned by 5.00 P.M. on 21.11.2025 by Regd. Post/ Speed Post/ Courier only. For details and tender document visit our website www.rayagadacollege.edu.in/tenders. All the terms and conditions of government shall be strictly adhered to for finalizing the tender and placing of orders.
Sd./- Principal
Rayagada Auto College, Rayagada
OIPR-

GOVT. OF ODISHA No.A-794:
OFFICE OF THE SUPERINTENDING ENGINEER
BALASORE IRRIGATION DIVISION, BALASORE
e-Mail Id: eebid1234@gmail.com
'e'-Procurement Notice No.SEBID 01 of 2025-26

| | | | |
|---|---|---|---|
| 1. | Procurement Officer | : | Superintending Engineer, Balasore Irrigation Division, Balasore |
| 2. | Total No. of Works | : | 14 (Fourteen) No. of Works |
| 3. | Estimated Cost | : | Varies from Rs.33.75 Lakhs to Rs.83.28 Lakhs approximately (details can be seen in the DTCN of Bid documents of the respective works) |
| 4. | Class of Contractor | : | (Details can be seen in the DTCN of bid documents of the respective works) |
| 5. | Bid Security | : | Details can be seen in the DTCN of bid documents of the respective works |
| 6. | Period of Completion | : | Details can be seen in the DTCN of bid documents respective works |
| 7. | Date & Time of availability of Bid: documents in the portal for Online bidding | : | From dt.03.11.2025, 10.00 hours to 18.11.2025, upto 17.00 hours. |
| 8. | Last date/time for receipt of Bid only in online | : | 18.11.2025 upto 17.00 hours |
| 9. | Date/Time of Opening Technical Bid (Cover-I) | : | 19.11.2025 at 11.00 hours onwards at Office of the Superintending Engineer, Balasore Irrigation Division, Balasore |
| 10. | Date/Time of Opening Financial Bid for double Cover (Cover-II) | : | To be intimated after Evaluation of Technical Bid |
| 11. | e-mail Id | : | eebid1234@gmail.com |

Further details can be seen from the "e" Procurement Portal http://tendersodisha.gov.in.
Sd./- Superintending Engineer
Balasore Irrigation Division, Balasore
OIPR-

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଣ୍ୟ ବୋଝେଇ: ଶୀର୍ଷରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ

ଭୁବନେଶ୍ୱର,୩।୧୧(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଏହାର ସର୍ବୋତ୍ତମ ପଣ୍ୟ ବୋଝେଇ ପ୍ରଦର୍ଶନ ହାସଲ କରିଛି। ଖୋର୍ଦ୍ଧା ରୋଡ ରେଳମଣ୍ଡଳ ପୁଣି ଥରେ ସାମଗ୍ରିକ ଟ୍ରାଫିକ ପରିଚାଳନାରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରେଳମଣ୍ଡଳ ଭାବରେ ଉଭା ହୋଇଛି। ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ୧୮୩ ନିୟୁତ ଟନ୍ ପଣ୍ୟ କାରବାର କରିଛି । ଯେଉଁଥିରେ ୧୦୧ ନିୟୁତ ଟନ୍ ପଣ୍ୟ ବୋଝେଇ ଏବଂ ୮୨ ନିୟୁତ ଟନ୍ ପଣ୍ୟ ଅପସାରଣ କରାଯାଇଛି। ବିଳାସପୁର ରେଳମଣ୍ଡଳ ୧୪୮ ନିୟୁତ ଟନ୍ ସହିତ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଧାନବାଦ ରେଳମଣ୍ଡଳ ୧୩୨ ନିୟୁତ ଟନ୍ ଏବଂ ଚକ୍ରଧରପୁର ରେଳମଣ୍ଡଳ ୧୨୭ ନିୟୁତ ଟନ୍ ପଣ୍ୟ କାରବାର ହାସଲ କରିଛି। ଭାରତୀୟ ରେଳପଥ ଇତିହାସରେ ପ୍ରଥମ ଥର ପାଇଁ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ମାତ୍ର ୨୧୩ ଦିନରେ ୧୦୦ ନିୟୁତ ଟନ୍ ପଣ୍ୟ ବୋଝେଇ ରେକର୍ଡ ହାସଲ କରିଛି । ପୂର୍ବ ସର୍ବୋତ୍ତମ ୨୦୨୪-୨୫ ସମୟରେ ୨୩୪ ଦିନରେ ଏହି ଦକ୍ଷତା ହାସଲ କରାଯାଇଥିଲା । ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ୨୦୨୫ ଅକ୍ଟୋବରରେ ସର୍ବକାଳୀନ ସର୍ବାଧିକ ୧୪.୫୨ ନିୟୁତ ଟନ୍ ପଣ୍ୟ ବୋଝେଇ ରେକର୍ଡ କରିଛି, ଯାହା ପୂର୍ବ ସମସ୍ତ ଅକ୍ଟୋବର ରେକର୍ଡକୁ ଅତିକ୍ରମ କରିଛି। ୨୦୨୩ ଅକ୍ଟୋବରରେ ଏହି ରେଳମଣ୍ଡଳ ୧୩.୩୯୦ ନିୟୁତ ଟନ୍, ୨୦୨୨ ଅକ୍ଟୋବରରେ ୧୩.୨୦୦ ନିୟୁତ ଟନ୍ ଏବଂ ୨୦୨୧ରେ ୧୩.୦୮୦ ନିୟୁତ ଟନ୍ ପଣ୍ୟ କାରବାର କରିଥିଲା। ଏହା ପ୍ରଥମ ଥର ଯେ ଅକ୍ଟୋବରରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ମାସିକ ପଣ୍ୟ ବୋଝେଇ ୧୪ ନିୟୁତ ଟନ୍ ସୀମା ଅତିକ୍ରମ କରିଛି। ବାତ୍ୟା ମୋନ୍ଥା ଓ ପ୍ରବଳ ବର୍ଷା ଦ୍ୱାରା ଉପୁଜିଥିବା ବାଧା ଏବଂ ଅନ୍ୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ନିରବଚ୍ଛିନ୍ନ ପଣ୍ୟ ପରିବହନ ବଜାୟ ରଖି ଅନେକ ଟର୍ମିନାଲ ରେକର୍ଡ ଭାଙ୍ଗିବା ସଫଳତା ହାସଲ କରିଛି। ନିରନ୍ତର ତଦାରଖ, ଦକ୍ଷ ରେଳ ପରିଚାଳନା ଏବଂ ଗ୍ରାହକମୁଖୀ ଲଜିଷ୍ଟିକ ସମର୍ଥନ ସଫଳତା ମିଳିଥିବା ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ କୁହାଯାଇଛି।


## ବ୍ୟାଙ୍କ ଅଫ୍ ବରୋଦାର ୪,୮୦୯ କୋଟିର ନେଟ୍ ଲାଭ

ଭୁବନେଶ୍ୱର,୩।୧୧

ବ୍ୟାଙ୍କ ଅଫ୍ ବରୋଦାର ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ଏହି ଦ୍ୱିତୀୟ ତ୍ରୈମାସିକ ଆର୍ଥିକ ଫଳାଫଳରେ ବ୍ୟାଙ୍କ ୪,୮୦୯ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି। ସେହିପରି ବ୍ୟାଙ୍କର କାର୍ଯ୍ୟକାରୀ ଲାଭ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୭,୫୭୬ କୋଟିରେ ପହଞ୍ଚିଛି। ବ୍ୟାଙ୍କର ଘରୋଇ ଜମା ଶତକଡା ୯.୭ ପ୍ରତିଶତ ବୃଦ୍ଧି ହାରରେ ୧୨,୭୧,୯୯୨ କୋଟି ଟଙ୍କାରେ ପହଞ୍ଚି ପାରିଥିବା ବେଳେ ଦେଶ ମଧ୍ୟରେ ଅଗ୍ରୀମ ୧୦,୪୬,୫୦୬ କୋଟି ଟଙ୍କା ବୃଦ୍ଧି ପାଇଛି। ସେହିପରି ଆନ୍ତର୍ଜାତୀୟ ଜମା ମଧ୍ୟ ବୃଦ୍ଧି ପାଇ ୧୫,୦୦,୦୧୨ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଅଣ ସୁଧ ଆୟ ୫,୧୬୬ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ନେଟ୍ ସୁଧ ଆୟ ୧୧,୬୩୭ କୋଟିରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ଏବଂ ନେଟ୍ ଏନ୍‌ପିଏରେ ମଧ୍ୟ ଉଲ୍ଲେଖନୀୟ ହ୍ରାସ ପାଇଥିବା ବ୍ୟାଙ୍କ ପକ୍ଷରୁ ପ୍ରକାଶ ପାଇଛି।

## 'ବାଲିଯାତ୍ରା'କୁ ଆଲୋକିତ କଲା ଟିପିସିଓଡିଏଲ୍

ଭୁବନେଶ୍ୱର,୩।୧୧



କଟକରେ ଐତିହାସିକ ବାଲିଯାତ୍ରା ମହୋତ୍ସବରେ ଭରସାଯୋଗ୍ୟ ଏବଂ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ପାଇଁ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ଟିପିସିଓଡିଏଲ୍ ସମ୍ପୂର୍ଣ୍ଣ ୧୩୦ ଏକର ବାଲିଯାତ୍ରା ମେଳା ପଡିଆକୁ ବିଦ୍ୟୁତୀକରଣ କରିବା ସହିତ ମେଳା ସମୟରେ ୨୪ ଘଣ୍ଟିଆ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଇ ଦେବାକୁ ଲକ୍ଷ୍ୟ ରହିଛି । ଷ୍ଟଲ୍ ମାଲିକମାନଙ୍କ ପାଇଁ ପ୍ରାୟ ୧୦୦୦ ଅସ୍ଥାୟୀ ସଂଯୋଗ ଯୋଗାଇ ଦିଆଯାଇଛି । ଏହାସହ ପ୍ରାୟ ୩ ମେଗାୱାଟର ଆନୁମାନିକ ଲୋଡ୍ ପୂରଣ କରିବା ପାଇଁ ୧୦,୦୦୦ କେଭିଏରୁ ଅଧିକ କ୍ଷମତାର ବିଦ୍ୟୁତ ଭିତ୍ତିଭୂମି ସ୍ଥାପନ କରାଯାଇଛି। ସବ୍‌ଷ୍ଟେଶନ ଚାରିପାଖେ ଉପଯୁକ୍ତ ବାଡ଼ ତିଆରି କରାଯାଇ ବିଭିନ୍ନ କଣ୍ଡକ୍ଟରକୁ ଏଲ୍‌ଟିଏବି କେବୁଲ ସହିତ ସଂଯୋଗ କରାଯାଇଛି। ବିଦ୍ୟୁତ ସେବା ପ୍ରଦାନ ପାଇଁ ଟିପିସିଓଡିଏଲ୍‌ର ପ୍ରାୟ ୨୦୦ କର୍ମଚାରୀ ନିୟୋଜିତ ହୋଇଛନ୍ତି। ପଡ଼ିଆରେ ପ୍ରାୟ ୬୦୦ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଛି । ଯେକୌଣସି ଅଭିଯୋଗ କିମ୍ବା ବୈଷୟିକ ସମସ୍ୟାର ସମାଧାନ ପାଇଁ ୧୦ଟି ଫ୍ୟୁଜ୍ କଲ୍ ସେଣ୍ଟର ସ୍ଥାପନ କରାଯାଇଛି। ବାଲିଯାତ୍ରାରେ ପ୍ରାୟ ୧ କୋଟି ଲୋକ ଯୋଗଦେବେ ବୋଲି ଅନୁମାନ କରାଯାଉଛି। ପ୍ରସ୍ତୁତି ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ମେଳା ସମୟରେ ଯେପରି ବିଦ୍ୟୁତ ଆବଶ୍ୟକତାକୁ ଦକ୍ଷତାର ସହିତ ଏବଂ ସୁରକ୍ଷିତ ଭାବରେ ପୂରଣ କରାଯାଇପାରିବ ସେନେଇ ଚେଷ୍ଟା କରାଯାଉଛି।

## ଜାତୀୟସ୍ତରରେ ଓଡ଼ିଶା ଡିଫେନ୍ସ ଟେକ୍ନୋଲୋଜି ଷ୍ଟାର୍ଟଅପର ସଫଳତା

ଭୁବନେଶ୍ୱର,୩।୧୧

ଓଡିଶା ଭିତ୍ତିକ ଏରୋସ୍ପେଶ ଓ ଡିଫେନ୍ସ ଟେକ୍ନୋଲୋଜି ଷ୍ଟାର୍ଟଅପ, ବନ୍‌ଭି ଏରୋ ଏସଆଇଡିଏମ ଚାମ୍ପିଅନ ଆୱାର୍ଡ (ସ୍ପେଶାଲ ଜୁରୀ) ହାସଲ କରି ଜାତୀୟସ୍ତରୀୟ ସଫଳତା ହାସଲ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବନ୍‌ଭି ଏରୋର ସହ-ପ୍ରତିଷ୍ଠାତା ତଥା ସିଇଓ ସତ୍ୟବ୍ରତ ଶତପଥୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଶତପଥୀ ଏହି ଆୱାର୍ଡକୁ ଦେଶ ଓ ସଶସ୍ତ୍ର ବାହିନୀ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସୋସାଇଟି ଅଫ ଇଣ୍ଡିଆନ ଡିଫେନ୍ସ ମାନୁଫ୍ୟାକ୍ଚରର୍ସ (ଏସଆଇଡିଏମ) ଦ୍ୱାରା ସ୍ୱଦେଶୀ ପ୍ରପଲ୍‌ସନ ସିଷ୍ଟମ, ରଗ୍‌ଡ ଏୟାରଫ୍ରେମ ଓ ସେଲ୍ଫ-ଫ୍ଲାଇଙ୍ଗ ଟେକ୍ନୋଲୋଜିଗୁଡିକ ଅନ୍‌ମ୍ୟାନ୍‌ଡ ଏରିଏଲ ସିଷ୍ଟମ (ୟୁଏଏସ)ଗୁଡିକର ପରିଭାଷାକୁ ସମ୍ପ୍ରସାରିତ କରିଛି । ଏରୋସ୍ପେଶ ଓ ପ୍ରତିରକ୍ଷା ନିର୍ମାଣ କ୍ଷେତ୍ରରେ କମ୍ପାନୀର ଉଦ୍ଭାବନଗୁଡିକ ଡିଜାଇନ ସଠିକତାକୁ କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତା ସହ ଏକତ୍ରିତ କରିଥାଏ ଯାହା ପ୍ରତିରକ୍ଷା ବାହିନୀର ଉଭୟ ପରିବହନ ଓ ରଣନୈତିକ ଆବଶ୍ୟକତାକୁ ପୂରଣ କରୁଥିବା ସମାଧାନ ସୃଷ୍ଟି କରିଥାଏ। ଡିଆରଡିଓର ପୂର୍ବତନ ଅଧ୍ୟକ୍ଷ ଓ ରକ୍ଷାମନ୍ତ୍ରୀଙ୍କ ବୈଜ୍ଞାନିକ ପରାମର୍ଶଦାତା, ଡ ସତିଶ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏହି ଆୱାର୍ଡର ଜୁରୀଙ୍କ ମଧ୍ୟରେ ଡ. ପ୍ରହ୍ଲାଦ ରାମାରାଓ, ଏୟାର ମାର୍ଶଲ ଅନୀଲ ଚୋପ୍ରା(ଅବସରପ୍ରାପ୍ତ), ଭାଇସ ଆଡ୍‌ମିରାଲ ଏସ.କେ.ଏନ. ଘୋରମଡେ (ଅବସରପ୍ରାପ୍ତ) ଓ ମେଜର ଜେନେରାଲ ପି.କେ. ସାଇନି (ଅବସରପ୍ରାପ୍ତ) ପ୍ରମୁଖ ସାମିଲ ଥିଲେ।

## ୬୦୦ ଛାତ୍ରୀଛାତ୍ରଙ୍କୁ ଶୈକ୍ଷିକ ସମ୍ବଳ ପ୍ରଦାନ



### ବେଦାନ୍ତର ପ୍ରୋଜେକ୍ଟ ବିଦ୍ୟା

ଭୁବନେଶ୍ୱର,୩।୧୧ ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ ଗ୍ରାମୀଣ ଓଡ଼ିଶାରେ ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୋଜେକ୍ଟ ବିଦ୍ୟା ଜାରି ରଖିଛି। ଏହି ପ୍ରୟାସର ଏକ ଅଂଶ ଭାବରେ କମ୍ପାନୀ ଝାରସୁଗୁଡ଼ାର ଲଖନପୁର ବ୍ଲକର ସରକାରୀ ସ୍କୁଲଗୁଡ଼ିକରେ ୯ମ ଏବଂ ୧୦ମ ଶ୍ରେଣୀର ୬୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ (ଓଷ୍ଟା) ଦ୍ୱାରା ପ୍ରକାଶିତ ସନ୍ଦର୍ଭ ପୁସ୍ତକ ବଣ୍ଟନ କରି ଶୈକ୍ଷିକ ସହାୟତା ପ୍ରଦାନ କରିଛି। ଏହି ସନ୍ଦର୍ଭ ମାର୍ଗଦର୍ଶିକା, ଯେଉଁଥିରେ ବ୍ୟକ୍ତିଗତ ଏବଂ ବସ୍ତୁଗତ ଉଭୟ ସାମଗ୍ରୀ ଅନ୍ତର୍ଭୁକ୍ତ, ଛାତ୍ରୀଛାତ୍ରମାନଙ୍କର ଧାରଣାଗତ ବୁଝାମଣାକୁ ସୁଦୃଢ଼ କରିବା ଏବଂ ସେମାନଙ୍କର ସମସ୍ୟା ସମାଧାନ ଦକ୍ଷତା ବୃଦ୍ଧି କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ଆଗାମୀ ବୋର୍ଡ ପରୀକ୍ଷା ପାଇଁ ପ୍ରଭାବଶାଳୀ ଭାବରେ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଏହି ପଦକ୍ଷେପ ବଞ୍ଜାରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟ, ପିପଲିମାଲ ଉଚ୍ଚ ବିଦ୍ୟାଳୟ, ଖୈରକୁନି ଉଚ୍ଚ ବିଦ୍ୟାଳୟ, କୁରାଲୋଇ ଏବଂ ଲୁଆବାହାଲ ଉଚ୍ଚ ବିଦ୍ୟାଳୟ, ୟୁଜିଏଚ୍‌ଏସ୍ ଖାରପାଲମ ଏବଂ ସରକାରୀ ୟୁଜିଏଚ୍‌ଏସ୍ ଛତାବର ଛାତ୍ରୀଛାତ୍ରମାନେ ଏହା ଦ୍ୱାରା ଉପକୃତ ହେବେ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଶିକ୍ଷା ହେଉଛି ପ୍ରଗତି ପାଇଁ ମୂଳଦୁଆ, କାରଣ ଏହା ବ୍ୟକ୍ତିବିଶେଷଙ୍କୁ ଚିନ୍ତା କରିବା, ନବସୃଜନ କରିବା ଏବଂ ସେମାନଙ୍କର ଭବିଷ୍ୟତ ଗଠନ କରିବାରେ ସଶକ୍ତ କରିଥାଏ। ପ୍ରୋଜେକ୍ଟ ବିଦ୍ୟା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଠିକ୍ ଶିକ୍ଷଣ ଉପକରଣ ପ୍ରଦାନ ଦ୍ୱାରା ସେମାନଙ୍କ ଭବିଷ୍ୟତ ପାଇଁ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବାରେ ସାହାଯ୍ୟ କରିବ ବୋଲି ସେ କହିଛନ୍ତି। ଲଖନପୁର ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ କହିଛନ୍ତି, ପ୍ରୋଜେକ୍ଟ ବିଦ୍ୟା ଅଧୀନରେ ବେଦାନ୍ତ ଆଲୁମିନିୟମର ପଦକ୍ଷେପ ଗ୍ରାମୀଣ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଗତ ଭାବରେ ଉତ୍କର୍ଷ ହାସଲ କରିବାରେ ଯଥେଷ୍ଟ ସକ୍ଷମ କରିବ। ଏହି ସନ୍ଦର୍ଭ ପୁସ୍ତକଗୁଡ଼ିକ ବୋର୍ଡ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତିକୁ ଉନ୍ନତ କରିବାରେ ଏବଂ ସେମାନଙ୍କର ଶୈକ୍ଷିକ ଆତ୍ମବିଶ୍ୱାସକୁ ବୃଦ୍ଧି କରିବାରେ ସହାୟକ ହେବ।

## ମାସକରେ ୨୭.୨୮ ଲକ୍ଷ କୋଟିର ୟୁପିଆଇ କାରବାର

ଭୁବନେଶ୍ୱର,୩।୧୧

ଭାରତରେ ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) କାରବାର ଲୋକପ୍ରିୟ ହେବାରେ ଲାଗିଛି। ନ୍ୟାଶନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ)ର ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ୟୁପିଆଇ ମାଧ୍ୟମରେ ୨୦୨୫ ଅକ୍ଟୋବର ଏବେ ପର୍ଯ୍ୟନ୍ତର ସର୍ବାଧିକ କାରବାର ହୋଇଛି। ଏନପିସିଆଇ ଅନୁଯାୟୀ, ଏହି ମାସରେ ମୋଟ ୨୦.୭ ବିଲିୟନ କାରବାର ହୋଇଛି, ଯାହାର ମୋଟ ମୂଲ୍ୟ ୨୭.୨୮ ଲକ୍ଷ କୋଟି ଟଙ୍କା। ଏହା ମୂଲ୍ୟ ଆଧାରରେ ଏବେ ସୁଦ୍ଧା ସର୍ବୋଚ୍ଚ କାରବାର। ୨୦୨୫ ମେରେ ୨୫.୧୪ ଲକ୍ଷ କୋଟି ଟଙ୍କାର ୟୁପିଆଇ କାରବାର ରେକର୍ଡ ହୋଇଥିଲା। ତାହାର ୨ ମାସ ପରେ ଅଗଷ୍ଟରେ ପ୍ରାୟ ୨୦ ବିଲିୟନ କାରବାର କରାଯାଇଥିଲା। ୨୦୨୪ ଅକ୍ଟୋବର ତୁଳନାରେ ଚଳିତବର୍ଷର କାରବାର ମୂଲ୍ୟ ୧୬% ବୃଦ୍ଧି ପାଇଛି। ସେହପରି ୨୦୨୫ ସେପ୍ଟେମ୍ବର ତୁଳନାରେ ୯.୫%ର ବୃଦ୍ଧି ରେକର୍ଡ ହୋଇଛି। ପାର୍ବଣ ସମୟରେ ଅନଲାଇନ କାରବାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ସ୍ୱାଇସ ମନିର ସିଇଓ ଦିଲୀପ ମୋଦୀ କହିଛନ୍ତି, ଡିଜିଟାଲ ପେମେଣ୍ଟ ଏବେ ସହରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସମସ୍ତେ ଗ୍ରହଣ କରୁଛନ୍ତି। ଭାରତରେ ଡିଜିଟାଲ ୟୁପିଆଇର ଅଂଶ ୮୫% ରହିଥିବାବେଳେ ବିଶ୍ୱବ୍ୟାପୀ ରିୟଲ-ଟାଇମ ଡିଜିଟାଲ ପେମେଣ୍ଟର ଅଂଶ ପ୍ରାୟ ୫୦% ରହିଛି। ବର୍ତ୍ତମାନ ୟୁଏଇ, ସିଙ୍ଗାପୁର, ଭୁଟାନ, ନେପାଳ, ଶ୍ରୀଲଙ୍କା, ଫ୍ରାନ୍ସ ଓ ମରିଶସ ଆଦି ୭ଟି ଦେଶରେ ୟୁପିଆଇ ପ୍ରଚଳିତ ରହିଛି।

## ଓପିଜିସି ପାଳିଲା ସତର୍କତା ସଚେତନତା ସପ୍ତାହ



ଭୁବନେଶ୍ୱର,୩।୧୧(ଅନୁରାଧା ମହାରଣା)

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଟ ଲିମିଟେଡ (ଓପିଜିସି) ଭୁବନେଶ୍ୱର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟ ଏବଂ ଝାରସୁଗୁଡ଼ା ସ୍ଥିତ ଆଇବି ଥର୍ମାଲ ପାୱାର ଷ୍ଟେଶନ ସମେତ ଏହାର ସମସ୍ତ ସ୍ଥାନରେ ସତର୍କତା ସଚେତନତା ସପ୍ତାହ ୨୦୨୫ ପାଳନ କରିଛି। 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁକୁ ନେଇ ସପ୍ତାହବ୍ୟାପୀ କୁଇଜ, ସ୍ଲୋଗାନ, ଭାଷଣ, କଳା ଏବଂ ରଙ୍ଗୋଲି ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏହା କର୍ମଚାରୀମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହୋଇଥିଲା। ଓପିଜିସିର ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁ ଭୁବନେଶ୍ୱର କର୍ପୋରେଟ କାର୍ଯ୍ୟାଳୟରେ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଏବଂ ନିର୍ଦ୍ଦେଶକ (ଅପରେଶନ) ଏ. ଆର୍. ଦାଶ ଏବଂ ସିନିୟର ଭିପି (ଅପରେଶନ) ସୁକାନ୍ତ ମହାପାତ୍ର ଲେଡିଜ କ୍ଲବର ସଭାପତି ଏବଂ ଓପିଜିସିର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆଇବି ଥର୍ମାଲ ପାୱାର ଷ୍ଟେଶନରେ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଲେଡିଜ କ୍ଲବର ସଦସ୍ୟ ଏବଂ ଆଇବି ଥର୍ମାଲ ପାୱାର ଷ୍ଟେଶନରେ ଅବସ୍ଥିତ ଡିଏଭି ହାଇସ୍କୁଲ ଓ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ବିପୁଳ ପରିମାଣରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରର କର୍ପୋରେଟ ମୁଖ୍ୟାଳୟରେ 'ସାର୍ବଜନୀନ କ୍ରୟରେ ଦକ୍ଷତା ଏବଂ ସ୍ୱଚ୍ଛତା ବୃଦ୍ଧି' ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଥିଲା। ପୂର୍ବତଟ ରେଳପଥର ପ୍ରମୁଖ ସାମଗ୍ରୀ ପରିଚାଳକ ପ୍ରେମ ନାରାୟଣ ଅତିଥି ବକ୍ତା ଭାବରେ ଯୋଗ ଦେଇଥିଲେ ।

## କୋଲ ଇଣ୍ଡିଆର ୫୧ ତମ ସ୍ଥାପନା ଦିବସ



ଭୁବନେଶ୍ୱର,୩।୧୧

ରାଞ୍ଚିସ୍ଥିତ ସିଏମପିଡିଆଇ ମୁଖ୍ୟାଳୟରେ କୋଲ ଇଣ୍ଡିଆ ଲିମିଟେଡ (ସିଆଇଏଲ)ର ୫୧ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ସିଏମପିଡିଆଇର ନିର୍ଦ୍ଦେଶକ (ଟେକ୍ନିକାଲ/ସିଆରଡି) ଶଙ୍କର ନାଗାଚାରୀ ସିଆଇଏଲ ଧ୍ୱଜା ଉତ୍ତୋଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ (ଟେକ୍ନିକାଲ/ପିଆଣ୍ଡଡି/ଆର୍ଡିଆଣ୍ଡଟି) ଅଜୟ କୁମାର, ନିର୍ଦ୍ଦେଶକ (ଟେକ୍ନିକାଲ) ରାଜୀବ କୁମାର ସିଂହା, ନିର୍ଦ୍ଦେଶକ (ଟେକ୍ନିକାଲ) ନୃପେନ୍ଦ୍ର ନାଥ, କ୍ଷେତ୍ରୀୟ ସଂସ୍ଥାନ-୩-ରାଞ୍ଚିର କ୍ଷେତ୍ରୀୟ ନିର୍ଦ୍ଦେଶକ କାଞ୍ଚନ ସିଂହା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନାଗାଚାରୀ କହିଥିଲେ ଯେ, ଏହି ବର୍ଷ ଝାଡ଼ଖଣ୍ଡରେ ଗୋଟିଏ ବେସ ମେଟାଲ ବ୍ଲକ ଓ ଗୋଟିଏ ବକ୍ସାଇଟ ବ୍ଲକରେ ଅନୁସନ୍ଧାନ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି। ଏହା ସହିତ ଝାଡ଼ଖଣ୍ଡର ଗୋଟିଏ ବ୍ଲକରେ ମ୍ୟାଗ୍ନେଟାଇଟ ଓ ମଧ୍ୟପ୍ରଦେଶର ଗୋଟିଏ ବ୍ଲକ୍ରେ କପର୍ ଓ ଗ୍ରାଫାଇଟ୍ର ଅନୁସନ୍ଧାନ କାର୍ଯ୍ୟ ପ୍ରଗତିରେ ରହିଛି। ସିଆଇଏଲ ସ୍ତରରେ ସିଏମପିଡିଆଇ ୬ଟି ପୁରସ୍କାର ଜିତିଛି। କର୍ପୋରେଟ ପୁରସ୍କାର ବର୍ଗରେ କ୍ଷେତ୍ରୀୟ ସଂସ୍ଥାନ-୫-ବିଳାସପୁର ଅଧୀନସ୍ଥ କୁସମୁଣ୍ଡା କ୍ୟାମ୍ପକୁ ସର୍ବୋତ୍ତମ ଡ୍ରିଲିଂ କ୍ୟାମ୍ପ ପୁରସ୍କାର ଓ କ୍ଷେତ୍ରୀୟ ସଂସ୍ଥାନ-୪, ସିଏମପିଡିଆଇର ନାଗପୁର କଲୋନୀ କ୍ୟାମ୍ପସକୁ କର୍ମଚାରୀ କଲ୍ୟାଣ ଓ ସ୍ୱଚ୍ଛ କଲୋନୀ ବର୍ଗରେ ପ୍ରଥମ ପୁରସ୍କାର ମିଳିଛି। ବ୍ୟକ୍ତିଗତ ତଥା ଗ୍ରୁପ ପୁରସ୍କାର ବର୍ଗରେ କ୍ଷେତ୍ରୀୟ ସଂସ୍ଥାନ-୫, ବିଳାସପୁରର କ୍ଷେତ୍ରୀୟ ନିର୍ଦ୍ଦେଶକ ମନୋଜ କୁମାରଙ୍କୁ 'ସିଏମପିଡିଆଇର ସର୍ବୋତ୍ତମ କ୍ଷେତ୍ରୀୟ ନିର୍ଦ୍ଦେଶକ', ମୁଖ୍ୟାଳୟ-ରାଞ୍ଚିର ମହାପ୍ରବନ୍ଧକ (ପରିବେଶ) ବିନୋଦ କୁମାର ପାଣ୍ଡେଙ୍କୁ 'ସିଏମପିଡିଆଇର ସର୍ବୋତ୍ତମ ବିଭାଗାଧ୍ୟକ୍ଷ', ସିଏମପିଡିଆଇ ମୁଖ୍ୟାଳୟର ମହାପ୍ରବନ୍ଧକ ରଣଦୀପ ସିଂହଙ୍କୁ 'ବ୍ୟକ୍ତିଗତ ଉତ୍କର୍ଷତା ପୁରସ୍କାର' ଓ ପ୍ରତିଷ୍ଠିତ ଏନ. କୁମାର ଇନୋଭେସନ ପୁରସ୍କାର ମୁଖ୍ୟାଳୟ-ରାଞ୍ଚିର ମହାପ୍ରବନ୍ଧକ (ଖନନ/ବ୍ଲାଷ୍ଟିଂ) ଡା. କୁଣାଲ ଦାସଙ୍କୁ ମିଳିଛି।


# Classified Everyday

0674-2580101, 9692975378



REAL ESTATE

SALE

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2473

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ N.H.-16 ପାଖରେ Litigation free 30ft. Road, ଇଲେକ୍ଟ୍ରି, Possession ଥାଇ ଉପଲବ୍ଧ। 6372526344. D-04

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D- 07

Own GHARABARI Residential plot 3100sqft. with compound wall & electricity at Brahmanjharilo, 7 km. from Phulanakhara Cuttack & 12 km. from Bhubaneswar Toal Rs.41 lakhs (Including Registration charges) 7809525452. D-208



FOR RENT

Commercial 2000sqft. second- floor hall with lift behind airport on 100ft. wide Bhimatangi Main road for office or commercial. 9958003695. D- 76944



Healthcare

The massage felt totally professional & comfortable at all times- 7978109255. D-205

AFFIDAVIT

ମୁଁ, ମୋନାଲିସା ସ୍ୱାଇଁ, ପ୍ରସନ୍ନ କୁମାର ସ୍ୱାଇଁଙ୍କ ଝିଅ ଏବଂ AT/P.O.- ଗଙ୍ଗାପଡ଼ା, ପିଏସ୍- ଜଟଣୀ, ଭାୟା- ଜାଆଁଳା, ଜିଲ୍ଲା-ଖୋର୍ଦ୍ଧାରେ ରହୁଛି, ମୋର ନାମ ମୋନାଲିସ ସ୍ୱାଇଁରୁ ମୋନାଲିସା ସ୍ୱାଇଁକୁ ପରିବର୍ତ୍ତନ କରିଦେଇଛି। ଧ-୨୪୭୨

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar Dated- 29.04.2025, I, Ashanti Pal, Resident of At- Hi-Tech Plaza, Block- B-7, Top-4 Room No-5/2, Sundarpada, Bhuabaneswar, Dist.- Khordha declare that I have changed my name from Ashanti Pradhan to Ashanti Pal. Henceforth, I shall be known as Ashanti Pal all purposes. D-207

By virtue of an affidavit sworn before the Executive Magistrate, Kujanga, vide No.3302 dated- 04.10.2025, I, Ahalya Kumari Jena, D/o.- Bhagirathi Jena, W/o.- Late Bipin Bihari Swain, of Vill./P.O.- Mundilo, P.S./Dist.- Jagatsingpur, Odisha state that in my Aadhaar my name has been recorded as Ahalya Swain. Hence Ahalya Kumari Jena and Ahalya Swain is one and same person. D-2471

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Ram Chandra Das S/o.- Late Mohini Mohan Das, Resident of At- 468, P Panda Lane, Chunavati. Gopalgaon, PO- Balasore, PS-Town Police Station, Dist.- Balasore, Odisha, PIN-751001, declare by this affidavit No.- IN-OD30540810649689X dtd 17.09.2025 that now onwards I shall be known as RAMA CHANDRA DAS for all future purposes. D-2470

### ଅଧ୍ୟାପିକାଙ୍କ ପିଏଚ୍. ଡି. ଲାଭ



ରାଉରକେଲା ନାଲକୋ ନଗର ମହାବିଦ୍ୟାଳୟର ପ୍ରାକ୍ତନ ତଥା ବର୍ତ୍ତମାନ କଟକସ୍ଥିତ ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜର ସମାଜ ବିଜ୍ଞାନ ବିଭାଗରେ କାର୍ଯ୍ୟରତା ଅଧ୍ୟାପିକା **ତୃପ୍ତିରେଖା ପାତ୍ର** ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମାଜ ବିଜ୍ଞାନ କ୍ଷେତ୍ରରେ ପିଏଚ୍.ଡି. ଲାଭ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ତତ୍ତ୍ୱମାସୀ ପାଲଟାସିଂହଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାଣ ବିଷୟ " Development Discourse and Livelihood Transitions among PVTGs: A Sociological study on Hillkharia and Mankirdia Communities of Odisha" ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ତୃପ୍ତିରେଖା ମୟୂରଭଞ୍ଜ ଜିଲା ଅନ୍ତର୍ଗତ ଠାକୁରମୁଣ୍ଡା ନିବାସୀ ଅଞ୍ଜନା ପାତ୍ର ଓ ବାଦଲ ପାତ୍ରଙ୍କ ସୁପୁତ୍ରୀ ତଥା ପ୍ରଫୁଲ୍ଲ କୁମାର ପାତ୍ରଙ୍କ ଝିଆରୀ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଜନାର୍ଦ୍ଦନ ବେହେରାଙ୍କ ଧର୍ମପତ୍ନୀ ଅଟନ୍ତି। ଡ. ତୃପ୍ତିରେଖା ତାଙ୍କର ଏହି ସଫଳତାର ଶ୍ରେୟ ପାଇଁ ନିଜର ମାତାପିତା,ଅଭିଭାବକ, ସ୍ୱାମୀ, ବର୍ତ୍ତମାନ ଓ ପୂର୍ବତନ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଓ କର୍ମଚାରୀ ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଧ-୨୪୭୭

### ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କୈଳାସ ଚନ୍ଦ୍ର ପରିଡ଼ା

ନିଶାମଣି ପ୍ୟାଲେସ୍, ବମିଖାଲ, ଭୁବନେଶ୍ୱର

ଆବିର୍ଭାବ: ୨୦।୦୫।୧୯୪୯

ତିରୋଧାନ: ୨୬।୧୦।୨୦୨୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶୋକସନ୍ତପ୍ତ: ସୁବାସ ଚନ୍ଦ୍ର, ଜ୍ୟୋତିର୍ମୟୀ, ସୁବାଶିଷ, କୁକୁମିନା, ରାଜକୁମାର, ସ୍ମୃତି, ପରିଡ଼ା ପରିବାର ଏବଂ ବନ୍ଧୁବର୍ଗ। ଧ-୨୪୭୫

୧୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରେଣୁ ପଟ୍ଟନାୟକ

ସ୍ୱାମୀ- ବାବୁଲାଲ ପଟ୍ଟନାୟକ

ଶାସନ ପଡିଆ, ପୁରୁଣା ଭୁବନେଶ୍ୱର

ଆବିର୍ଭାବ: ୧୧।୦୨।୧୯୫୫

ତିରୋଧାନ: ୨୦।୧୧।୨୦୧୦

(ବଡ଼ଓଷା, ବୈକୁଣ୍ଠ ଚତୁର୍ଦ୍ଦଶୀ)

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶୋକସନ୍ତପ୍ତ

ବନ୍ଧୁ ଓ ପରିବାରବର୍ଗ ଧ-୨୪୭୬

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ସ୍ତନ କର୍କଟ
# ଶୀଘ୍ର ଚିହ୍ନଟ, ଶୀଘ୍ର ଆରୋଗ୍ୟ



**ସାରା ବିଶ୍ୱରେ ବର୍ତ୍ତମାନ ସ୍ତନ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅତ୍ୟନ୍ତ ଦୁଃଖର ବିଷୟ, ବିଶ୍ୱରେ ମହିଳାଙ୍କ ମୃତ୍ୟୁର ଅନ୍ୟତମ ମୁଖ୍ୟ କାରଣ ହେଉଛି ଏହି ରୋଗ। ହେଲେ କୌଣସି ଲକ୍ଷଣ ଅବା ପରିବର୍ତ୍ତନ ଦେଖିବା ମାତ୍ରେ ଲାଜ କିମ୍ବା ଅବହେଳା ନ କରି ଶୀଘ୍ର ଡାକ୍ତରଙ୍କ ପରାମର୍ଶକ୍ରମେ ପରୀକ୍ଷାକରି ରୋଗ ଚିହ୍ନଟକଲେ ଏହା ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ହୋଇପାରେ...**

ପ୍ରତିବର୍ଷ ବହୁ ସଂଖ୍ୟକ ମହିଳାଙ୍କୁ ପ୍ରଭାବିତ କରୁଛି ସ୍ତନ କର୍କଟ। କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଏହି ରୋଗ ସାରା ବିଶ୍ୱରେ ମହିଳାମାନଙ୍କ ମଧ୍ୟରେ ସବୁଠାରୁ ସାଧାରଣ କର୍କଟ ରୋଗ । ଠିକ୍ ସମୟରେ ରୋଗର ଲକ୍ଷଣକୁ ଚିହ୍ନଟକଲେ ଏହାର ଜଟିଳତାକୁ ରୋକାଯାଇପାରିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ ଛୋଟ ଗଣ୍ଠି କିମ୍ବା ସ୍ତନରେ ସାମାନ୍ୟ ପରିବର୍ତ୍ତନ ଲକ୍ଷ୍ୟ ନ କରିପାରନ୍ତି, କିନ୍ତୁ ଏହା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ଯେପର୍ଯ୍ୟନ୍ତ ରୋଗ ଅତିଶୟ ହୋଇନାହିଁ ସେପର୍ଯ୍ୟନ୍ତ ଏହାକୁ ଚିହ୍ନଟ କରିହୁଏନି, ଯାହାକି ଅତ୍ୟନ୍ତ ଚିନ୍ତାଜନକ ବିଷୟ। ବିଶ୍ୱରେ ସ୍ତନ କର୍କଟ ହେଉଛି ମହିଳାଙ୍କ ମୃତ୍ୟୁର ଅନ୍ୟତମ କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଅନୁଯାୟୀ, ବିଶ୍ୱରେ ଗତ ବର୍ଷ ୨ ଲକ୍ଷରୁ ଅଧିକ ମହିଳାଙ୍କୁ ସ୍ତନ କର୍କଟ ହୋଇଥିଲା ଏବଂ ୮୦,୦୦୦ରୁ ଅଧିକ ମହିଳା ମୃତ୍ୟୁବରଣ କରିଥିଲେ। ଚିନ୍ତାର କଥା ଏହା କି ଯେ, ଏମାନଙ୍କ ମଧ୍ୟରୁ ଅଧା ମହିଳାଙ୍କୁ ରୋଗର କାରଣ ବା ଲକ୍ଷଣ ବିଷୟରେ ଜଣା ନ ଥିଲା, କେବଳ ଜଣାଥିଲା ଯେ ସେମାନେ ମହିଳା ଏବଂ ସେମାନଙ୍କ ବୟସ ।

**ଲକ୍ଷଣ:** ସ୍ତନ କର୍କଟ କୌଣସି ଲକ୍ଷଣ ଦେଖାଯିବା ପାଇଁ ଅପେକ୍ଷା କରେନାହିଁ। ଏହା ଛୋଟ ପରିବର୍ତ୍ତନରୁ ଆରମ୍ଭ ହୋଇପାରେ। ଯେପରି ସ୍ତନର ଆକାର ବଦଳିବା, କିଛି ମାତ୍ରାରେ ସ୍ତନ ଫୁଲିବା, ଚର୍ମରେ ପରିବର୍ତ୍ତନ ଦେଖାଯିବା, ସ୍ତନାଗ୍ରରୁ ତରଳ ପଦାର୍ଥ ବାହାରିବା କିମ୍ବା ଲଗାତର ଯନ୍ତ୍ରଣା ହେବା। ବେଳେବେଳେ କୌଣସି ଲକ୍ଷଣ ମଧ୍ୟ ଦେଖାଯାଇ ନ ଥାଏ। ତେଣୁ ସ୍ତନରେ ଦରଜ ଲାଗିବା କିମ୍ବା ଯନ୍ତ୍ରଣା ହେବା ମାତ୍ରେ ତୁରନ୍ତ ପରୀକ୍ଷାକରି ଶୀଘ୍ର ଏହାକୁ ଚିହ୍ନଟକରିବା ଆବଶ୍ୟକ। କାରଣ କର୍କଟ ରୋଗ ଶୀଘ୍ର ଚିହ୍ନଟ ହୋଇଗଲେ ସହଜରେ ଚିକିତ୍ସା, ଶୀଘ୍ର ଆରୋଗ୍ୟଲାଭ ହୋଇପାରିବ ଏବଂ ବଞ୍ଚିବାର ସମ୍ଭାବନା ମଧ୍ୟ ଅଧିକ ରହିବ।



**କାହାକୁ ହୁଏ :** ଅନେକେ ଭାବନ୍ତି ଏହି ରୋଗ ଅଧିକ ବୟସ୍କ ମହିଳାଙ୍କଠାରେ ଦେଖାଯାଏ। ହେଲେ ବର୍ତ୍ତମାନ ସ୍ତନ କର୍କଟ କେବଳ ବୟସ୍କ ମହିଳାଙ୍କ କ୍ଷେତ୍ରରେ ନୁହେଁ ୨୦ ଓ ୩୦ ବର୍ଷ ବୟସରେ ମଧ୍ୟ ଦେଖାଦେଉଛି। ଏହାର କାରଣ ମାନସିକ ଚାପ, ଅସନ୍ତୁଳିତ ଖାଦ୍ୟ, ବ୍ୟାୟାମ ଓ ଶାରୀରିକ ପରିଶ୍ରମର ଅଭାବ, ପ୍ରଦୂଷଣ ଇତ୍ୟାଦି ବୋଲି ଡାକ୍ତରମାନେ ଚିହ୍ନଟ କରିଛନ୍ତି। ଏହା କେବେ କେବେ ବଂଶଗତ ମଧ୍ୟ ହୋଇଥାଏ। ଅର୍ଥାତ୍ ପୂର୍ବରୁ ଯେଉଁ ମହିଳାଙ୍କ ପରିବାରରେ ମା, ଭଉଣୀଙ୍କ ସ୍ତନ କର୍କଟ ହୋଇଥାଏ ସେମାନଙ୍କୁ ଏହି ରୋଗ ହେବାର ଆଶଙ୍କା ବେଶି। ଭଲ ଖବର ହେଲା, ଆମ ରାଜ୍ୟରେ ଯୁବତୀମାନଙ୍କ ମଧ୍ୟରେ ଏନେଇ ସଚେତନତା ବୃଦ୍ଧି ହୋଇଛି, ବର୍ତ୍ତମାନ ସେମାନେ ସ୍ତନ ସ୍ୱାସ୍ଥ୍ୟ ବିଷୟରେ ଖୋଲାଖୋଲି କଥା ହେଉଛନ୍ତି, ସେମାନେ ସ୍ତନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଶିବିରରେ ଯୋଗଦେଉଛନ୍ତି ଓ ନିୟମିତ ରୂପେ ନିଜେ ପରୀକ୍ଷା କରିବା ଶିଖୁଛନ୍ତି। ସ୍ତନ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧିହେବା କାରଣରୁ ବହୁତ ଜୀବନ ମଧ୍ୟ ବଞ୍ଚୁଛି।

**ପରୀକ୍ଷା:** ମାମୋଗ୍ରାମ୍ ହେଉଛି ସ୍ତନର ଏକ ସାଧାରଣ ଏକ୍ସ-ରେ, ଯାହା କୌଣସି ପରିବର୍ତ୍ତନ ଅନୁଭବ ହେବା ପୂର୍ବରୁ ଚିହ୍ନଟ କରିପାରିବ। ୪୦ ବର୍ଷରୁ ଅଧିକ ବୟସର ମହିଳାମାନେ ପ୍ରତିବର୍ଷ ଏହା କରିବା ଉଚିତ । ଯେଉଁ ଯୁବତୀମାନଙ୍କ କ୍ଷେତ୍ରରେ ଏହି ରୋଗ ପରିବାରଗତ ସେମାନେ ଡାକ୍ତରଙ୍କ ସହ ଆଲୋଚନାକରି ଆଗରୁ ପରୀକ୍ଷା କରାଇନେବା ଜରୁରୀ। ତା'ଛଡ଼ା ପ୍ରତି ମାସରେ ନିଜେ ପରୀକ୍ଷା କରିବା ଦ୍ୱାରା ମଧ୍ୟ ଅସାଧାରଣ ପରିବର୍ତ୍ତନ ଥିଲେ ଚିହ୍ନଟ କରିପାରିବେ। ଏହା ବ୍ୟତୀତ ଡିଜିଟାଲ ମାମୋଗ୍ରାମ, ୩ଡି ସ୍କାନ୍ ଓ ଏଆଇ ଇମେଜିଂ ପରି ନୂଆ ଟେକ୍ନୋଲୋଜି ସାହାଯ୍ୟରେ ଅତି ଶୀଘ୍ର ଓ ଠିକ୍ ଭାବେ ରୋଗ ଚିହ୍ନଟ କରିହେଉଛି। କିନ୍ତୁ ଯଦି ମହିଳାମାନେ ଭୟ, ଲଜ୍ଜା କିମ୍ବା ଅଜ୍ଞତା କାରଣରୁ ପରୀକ୍ଷାରେ ବିଳମ୍ବ କରନ୍ତି, ତେବେ କୌଣସି ମେଶିନ ତାଙ୍କୁ ସାହାଯ୍ୟ କରିପାରିବ ନାହିଁ।

ମନେରଖନ୍ତୁ, ଶୀଘ୍ର ଚିହ୍ନଟ ହେଲେ ସ୍ତନ କର୍କଟ ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ହୋଇପାରେ। ଲକ୍ଷଣ ଆସିଲା ପରେ ନୁହେଁ ବରଂ ଆଜିଠୁ ସଚେତନ ହେବା ଆବଶ୍ୟକ। ନିଜର ଦୈନନ୍ଦିନ ସ୍ୱାସ୍ଥ୍ୟ ପରୀକ୍ଷାରେ ସ୍କ୍ରିନିଂକୁ ସାମିଲ କରିବା ଦରକାର। ଆଜିର ଦୁନିଆରେ ସଚେତନତା କେବଳ ସଶକ୍ତୀକରଣ ନୁହେଁ, ଏହା ସୁରକ୍ଷା ମଧ୍ୟ ଦିଏ। ଏକ ଛୋଟ ପଦକ୍ଷେପ ଉପରେ ଆପଣଙ୍କ ଜୀବନ ନିର୍ଭରଶୀଳ।

**- ଡା. ସୁଜାତା କର,** ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ, ଭୁବନେଶ୍ୱର





# ସ୍ଲିମ୍ ପେଟ ପାଇଁ...

**ଶିଶୁ ଜନ୍ମ ପରେ ଅଧିକାଂଶ ମହିଳାଙ୍କର ପେଟରେ ଚର୍ବି ଜମିଯାଏ; ଯେଉଁଥିପାଇଁ ଫିଗର ଖରାପ ଲାଗିଥାଏ ବୋଲି ଅନେକ ମହିଳା ବ୍ୟସ୍ତ ହୋଇପଡ଼ନ୍ତି। ହେଲେ ଏଥିପାଇଁ ଆଦୌ ବ୍ୟସ୍ତ ନ ହୋଇ ପ୍ରତିଦିନ କେତୋଟି ଯୋଗ, ବ୍ୟାୟାମ କଲେ ପେଟ କମିବା ସହ ସ୍ଲିମ୍ ଫିଟ୍ ଲୁକ୍ ପାଇପାରିବେ...**

**କପାଳଭାତି:** ମ୍ୟାଟ୍ ଉପରେ ଚକାମାଡି ବସନ୍ତୁ, ଯେପରି ମେରୁଦଣ୍ଡ ଏବଂ ପିଠି ସିଧା ହୋଇ ରହିବ। ୨ହାତର ପାପୁଲିକୁ ଉପରମୁହାଁ କରି ଆଣ୍ଠୁ ଉପରେ ରଖନ୍ତୁ। ଗଭୀର ନିଃଶ୍ୱାସ ନେଇ ଏହାକୁ ଜୋରରେ ଛାଡ଼ନ୍ତୁ। ନିଃଶ୍ୱାସ ଛାଡ଼ିବା ବେଳେ ପେଟ ଏବଂ ମାଂସପେଷୀ ଯେପରି ଭିତରକୁ ଟାଣି ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପ୍ରତି ୨୦ ସେକେଣ୍ଡରେ ଥରେ ରେଷ୍ଟ ନେଇ ପୁନର୍ବାର କପାଳଭାତି କରନ୍ତୁ। ପ୍ରତିଦିନ ଏପରି କଲେ ପେଟରେ ଜମୁଥିବା ଚର୍ବି କମିଯିବା ସହ ଗ୍ୟାସ୍, ଏସିଡିଟି ଭଳି ସମସ୍ୟା କମ୍ ହୋଇଥାଏ। ମନେରଖନ୍ତୁ, କପାଳଭାତି ସକାଳ ସମୟରେ ଏବଂ ଖାଲିଖାଲି ପେଟରେ କଲେ ଅଧିକ ଲାଭ ପାଇପାରିବେ।

**ପୁସ୍‌ଅପ୍:** ପ୍ରତିଦିନ ପୁସ୍‌ଅପ୍ କଲେ ନା କେବଳ ପେଟର ଚର୍ବି କମିଥାଏ ବରଂ ପେଟ, ହାତ, ଗୋଡ଼ ଆଦିର ମାଂସପେଶୀ ମଜଭୁତ ହୋଇଥାଏ। ଏଥିପାଇଁ ପ୍ରଥମେ ମ୍ୟାଟ୍‌ରେ ପେଟମାଡ଼ି ଶୋଇଯାଆନ୍ତୁ। ୨ପାପୁଲି ଏବଂ ଗୋଡ଼ର ଆଙ୍ଗୁଳି ସାହାଯ୍ୟରେ ଶରୀରକୁ ଉପରକୁ ଉଠାନ୍ତୁ। ଧୀରେ ଧୀରେ କହୁଣି ବଙ୍କାକରି ଶରୀରକୁ ତଳକୁ ଖସାନ୍ତୁ ଏବଂ ପୁଣି ଉପରକୁ ଉଠାନ୍ତୁ। ଦିନକୁ ଅତି କମ୍‌ରେ ୩୦ଥର ପୁସ୍‌ଅପ୍ କରନ୍ତୁ। ପ୍ରଥମେ ୧୫ ଥର ଏବଂ ୩୦ ସେକେଣ୍ଡ ରିଲାକ୍ସ କରିବା ପରେ ପୁଣି ୧୫ଥର କରନ୍ତୁ।

**ମାଉଣ୍ଟେନ କ୍ଲାଇମ୍ବର:** ଏଥିରେ ମଧ୍ୟ ପ୍ରଥମେ ମ୍ୟାଟ୍‌ରେ ପେଟ ମୋଡ଼ି ଶୋଇଯାନ୍ତୁ। ୨ ପାପୁଲି ଏବଂ ଗୋଡ଼ର ଆଙ୍ଗୁଳି ସାହାଯ୍ୟରେ ଶରୀରକୁ ଉପରକୁ ଉଠାନ୍ତୁ। ମନେରଖନ୍ତୁ କହୁଣି ଯେପରି ସମ୍ପୂର୍ଣ୍ଣ ସିଧା ରୁହେ । ଗୋଟିଏ ଗୋଡ଼ର ଆଣ୍ଠୁକୁ ଛାତି ପର୍ଯ୍ୟନ୍ତ ଆଣି ପୁଣି ପଛକୁ ନିଅନ୍ତୁ। ଅନ୍ୟ ଗୋଡ଼ର ଆଣ୍ଠୁକୁ ସେହିଭଳି ଛାତି ପର୍ଯ୍ୟନ୍ତ ଆଣି ପଛକୁ ନିଅନ୍ତୁ ଯେପରି ଆପଣ ପାହାଡ଼ ଚଢୁଛନ୍ତି। ଏହିପରି ୩୦ ଥର କରନ୍ତୁ।



# ଶୀଘ୍ର ଖରାପ ହେବନାହିଁ ୱାଶିଂମେଶିନ

**ୱାଶିଂମେଶିନ ବର୍ତ୍ତମାନ ଗୃହିଣୀମାନଙ୍କ ପାଇଁ ଏକ ବଡ଼ ସାଥୀ ପାଲଟିଛି। କପଡ଼ା ଧୋଇବାଠୁ ଶୁଖାଇବା ପର୍ଯ୍ୟନ୍ତ ସବୁ କାମ ଏହାଦ୍ୱାରା ସହଜରେ ହୋଇପାରୁଛି। ହେଲେ କେବେ କେବେ ଏହା ଶୀଘ୍ର ଖରାପ ହୋଇଯାଉଥିବା ଦେଖିବାକୁ ମିଳୁଛି। ତେଣୁ କେଉଁସବୁ ଦିଗ ପ୍ରତି ଧ୍ୟାନଦେଲେ ଦୀର୍ଘଦିନ ପର୍ଯ୍ୟନ୍ତ ଏହା ଖରାପ ହେବନାହିଁ ଜାଣିରଖନ୍ତୁ ସେ ସମ୍ପର୍କରେ...**

- ଅନେକେ ଷ୍ଟୋନ୍‌ୱାର୍କ, ମାଳି, ମିରର କିମ୍ବା ହେଭି ବର୍ଡର ୱାର୍କ ଥିବା ଶାଢ଼ି କିମ୍ବା ଡ୍ରେସ୍‌କୁ ୱାଶିଂମେଶିନରେ ସଫା କରନ୍ତି। ଏହାଦ୍ୱାରା ଉଭୟ ପୋଷାକ ସହ ମେଶିନ ଖରାପ ହୋଇଥାଏ। ତେଣୁ ଏଭଳି କପଡ଼ାକୁ ହାତରେ ସଫା କରନ୍ତୁ।

- ୱାଶିଂମେଶିନରେ ଏକାସଙ୍ଗେ ବହୁ କପଡ଼ା କିମ୍ବା ଅଧିକ ଡିଟରଜେଣ୍ଟ ପାଉଡର ପକାନ୍ତୁ ନାହିଁ। କାରଣ ଯାହାଦ୍ୱାରା ମେଶିନ ବି ଖରାପ ହୋଇଥାଏ। ତେଣୁ ମେଶିନର କାପାସିଟି ଅନୁଯାୟୀ କପଡ଼ା ପକାନ୍ତୁ ଏବଂ ଆବଶ୍ୟକ ମାତ୍ରାରେ ଡିଟରଜେଣ୍ଟ ପକାନ୍ତୁ।

- ଜିନ୍ସ, ଜ୍ୟାକେଟ୍ ବା ଅନ୍ୟ ଜିପ୍ ଥିବା କପଡ଼ା ଧୋଇବା ସମୟରେ ଏହାର ଜିପ୍ ଖୋଲା ରଖନ୍ତୁ ନାହିଁ। କାରଣ ଏହାର ଜିପ୍ ଘଷିହୋଇ ଭାଙ୍ଗିଯିବ ନଚେତ୍ ଏହା ଲାଗି ଅନ୍ୟ କପଡ଼ା ଫାଟି ମଧ୍ୟ ଯାଇପାରେ। ଏହା ମେଶିନକୁ ବି ଖରାପ କରିଦେଇପାରେ।



- ୱାଶିଂମେଶିନରେ ଜୋତା, ଡୋର୍‌ମ୍ୟାଟ୍ ଭଳି ଜିନିଷ ସଫାକଲେ ମେଶିନ ଶୀଘ୍ର ଖରାପ ହୋଇପାରେ। କେବଳ ଏତିକି ନୁହେଁ, ଏହାଦ୍ୱାରା ରୋଗଜୀବାଣୁ ମଧ୍ୟ ମେଶିନ ଭିତରେ ରହିଯିବା ସହ ପରବର୍ତ୍ତୀ ସମୟରେ ଅନ୍ୟ ପୋଷାକକୁ ସଂକ୍ରମିତ ହୋଇପାରେ।

- କୌଣସି ପୋଷାକରୁ ରଙ୍ଗ ବାହାରୁଥିଲେ ଏହାକୁ ମେଶିନରେ ଧୁଅନ୍ତୁ ନାହିଁ। ନଚେତ୍ ଏଥିରୁ ରଙ୍ଗ ଛାଡ଼ି ମେଶିନରେ ପଡ଼ିଥିବା ଅନ୍ୟ କପଡ଼ାର ରଙ୍ଗକୁ ଖରାପ କରିଦେବ।

ଖାଦ୍ୟରୁଚି

# କଶ୍ମୀରୀ ଦମ୍ ଆଳୁ

**ଆବଶ୍ୟକ ସାମଗ୍ରୀ:** ୧୨ଟି ଛୋଟ ଆଳୁ, ଅଧା କପ୍ ଦହି(ଖଟା ହୋଇ ନ ଥିବ), କଶ୍ମୀରୀ ଲାଲ୍ ମିର୍ଚି ପାଉଡର ୧ ଚାମଚ, ୧ ଚାମଚ ଅଦା ଛେଚା, ଅଧା ଚାମଚ ସୁଣ୍ଠି ପାଉଡର, ୧ ଚାମଚ ରସୁଣ ପେଷ୍ଟ, ୧ ବଡ ଚାମଚ କାଜୁ ପାଉଡର, ୧/୩ ଚାମଚ ଲେଖାଏ ଜିରା ପାଉଡର, ପାନମଧୁରୀ ପାଉଡର ଏବଂ ଗୁଜୁରାତି ଗୁଣ୍ଡ, ୧ ଚାମଚ ଧନିଆ ପାଉଡର, ଅଧା ଚାମଚ କଶ୍ମୀରୀ ଲଙ୍କା ପାଉଡର, ୧ଟି ତେଜପତ୍ର, ୧/୪ ଚାମଚ ହଳଦୀ ଗୁଣ୍ଡ, ଚିମୁଟାଏ ହେଙ୍ଗୁ, ୧/୨ ଚାମଚ ଗରମ ମସଲା, ୨ ଚାମଚ କଟା ଧନିଆପତ୍ର, ତେଲ, ସ୍ୱାଦାନୁସାରେ ଲୁଣ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆଳୁରୁ ଚୋପା ଛଡ଼ାଇ ସେଥିରେ ଟୁଥ୍ ପ୍ରିକ୍ କିମ୍ବା ଫୋର୍କ ସାହାଯ୍ୟରେ କଣା କରିଦିଅନ୍ତୁ। ଏକ ପାତ୍ରରେ ଲୁଣପାଣି ନେଇ ଆଳୁଗୁଡ଼ିକୁ ୧୫-୨୦ମିନିଟ୍ ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ଏକ କଡ଼େଇରେ ତେଲ ଗରମ କରନ୍ତୁ। ଆଳୁକୁ ଛାଣି ଏକ କପଡ଼ାରେ ପୋଛି ଦିଅନ୍ତୁ ଏବଂ ତେଲରେ ପକାନ୍ତୁ। ମଧ୍ୟମ ଆଞ୍ଚରେ ଅଳ୍ପ ବ୍ରାଉନ୍ କଲର ହେବାଯାଏ ରଖି ଛାଣିଦିଅନ୍ତୁ। ଏକ ଗିନାରେ ଦହି ନିଅନ୍ତୁ ଏବଂ ସେଥିରେ ସମସ୍ତ ମସଲା ପାଉଡର ଏବଂ ଅଦା ଓ ରସୁଣ ପେଷ୍ଟ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। କଡ଼େଇରେ ୪ ଚାମଚ ତେଲ ନିଅନ୍ତୁ। ତେଲ ଗରମ ହୋଇଗଲେ ସେଥିରେ ତେଜପତ୍ରକୁ ୩-୪ ଖଣ୍ଡ କରି ପକାନ୍ତୁ ଏବଂ ଅଳ୍ପ ସମୟ ପାଇଁ ଭାଜନ୍ତୁ। ସେଥିରେ ୧/୩ କପ୍ ପାଣି ଏବଂ ହଳଦୀଗୁଣ୍ଡ ପକାନ୍ତୁ। ପାଣି ଫୁଟିବା ଆରମ୍ଭ ହେଲେ ସେଥିରେ ଦହିର ମିଶ୍ରଣକୁ ପକାଇ ଭଲ ଭାବେ ଗୋଳାନ୍ତୁ। ଏହା ଫୁଟିବା ମାତ୍ରେ ସେଥିରେ ଛଣାଯାଇଥିବା ଆଳୁ, ସ୍ୱାଦାନୁସାରେ ଲୁଣ ଏବଂ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ। ମଧ୍ୟମ ଆଞ୍ଚରେ ଏହାକୁ ସିଝିବାକୁ ଛାଡ଼ିଦିଅନ୍ତୁ। ଯେବେ ଆଳୁ ଭଲ ଭାବେ ସିଝିଯିବ ଏବଂ ତରକାରି ଉପରେ ଅଳ୍ପ ଅଳ୍ପ ତେଲ ଦେଖିବାକୁ ମିଳିବ ଚୁଲା ବନ୍ଦ କରିଦିଅନ୍ତୁ। ଏହା ଉପରେ କଟା ଧନିଆପତ୍ର ପକାଇ ଗରମ ଗରମ ପରଷିଦିଅନ୍ତୁ।

ସୌନ୍ଦର୍ଯ୍ୟ

# ଲମ୍ବା ଓ ମଜଭୁତ ହେବ କେଶ

**ବର୍ତ୍ତମାନ କେଶ ଝଡ଼ିବା ଓ ପତଳା ହୋଇଯିବା ଅଧିକାଂଶ ମହିଳାଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ହେଲେ କେତୋଟି ଘରୋଇ ଉପଚାର ଦ୍ୱାରା ଆପଣ କେଶକୁ ଘନ, ଲମ୍ବା ଏବଂ ମଜଭୁତ କରିପାରିବେ। ଜାଣିରଖନ୍ତୁ ସେ ସମ୍ପର୍କରେ ...**

❖ ଅନେକେ ସୁନ୍ଦର ଦେଖାଯିବା ଲାଗି କେଶରେ ଆଦୌ ତେଲ ଲଗାଇ ନ ଥାନ୍ତି, ଯାହାକି କେଶ ଝଡ଼ିବାର ଅନ୍ୟ ଏକ ମୁଖ୍ୟ କାରଣ। ତେଣୁ କେଶରେ ସପ୍ତାହରେ ଅତି କମ୍‌ରେ ଥରେ କିମ୍ବା ଦୁଇଥର ତେଲ ନିଶ୍ଚୟ ଲଗାନ୍ତୁ। କେଶ ପାଇଁ ନଡ଼ିଆତେଲ ବହୁତ ଭଲ। ନଡ଼ିଆତେଲ ନେଇ ନଖଉଷୁମକରି କେଶମୂଳରୁ ଆଗ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ଆଙ୍ଗୁଳି ଟିପ ସାହାଯ୍ୟରେ ଧୀରେ ଧୀରେ ୫-୧୦ ମିନିଟ୍ ମସାଜ କରନ୍ତୁ।



ଏହା ମୁଣ୍ଡରେ ବ୍ଲଡ୍ ସର୍କୁଲେଶନ ଠିକ୍ ଭାବେ କରିବାରେ ସାହାଯ୍ୟ କରିବ ଏବଂ କେଶ ଝଡ଼ିବା କମିଯିବ। ଅଁଳାତେଲ ମଧ୍ୟ କେଶ ପାଇଁ ଖୁବ୍ ଭଲ।

❖ ୨ ଚାମଚ ସଜନାପତ୍ର ଗୁଣ୍ଡରେ ଦେଢ଼ ଚାମଚ ଅନୁପାତରେ ନଡ଼ିଆତେଲ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଆପଣ ଚାହିଁଲେ ସମପରିମାଣର ସଜନାପତ୍ର ଗୁଣ୍ଡ ଏବଂ ଦହିକୁ ମିଶାଇ ମଧ୍ୟ ପ୍ୟାକ୍ ପ୍ରସ୍ତୁତ କରିପାରିବେ। ଏହାକୁ କେଶ ମୂଳରୁ ଆଗ ପର୍ଯ୍ୟନ୍ତ ଭଲ ଭାବେ ଲଗାନ୍ତୁ। ୧-୨ ଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ବ୍ୟବହାରକରି କେଶକୁ ଧୋଇଦିଅନ୍ତୁ। ୧୫ ଦିନରେ ଥରେ ଏହି ପ୍ୟାକ୍ ଲଗାଇଲେ କେଶ ମଜଭୁତ ହୋଇଥାଏ।

❖ ପିଆଜରସ ମଧ୍ୟ କେଶ ପାଇଁ ବହୁ ଉପକାରୀ। ପିଆଜକୁ ବାଟି ଏହାର ରସ ବାହାର କରନ୍ତୁ। ତୁଳା ସାହାଯ୍ୟରେ କେଶ ମୂଳରୁ ଆଗ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ଅଧ ଘଣ୍ଟା ରଖନ୍ତୁ। ଏହାପରେ ମାଇଲ୍ଡ ଶାମ୍ପୁ ଲଗାଇ କେଶକୁ ଧୋଇଦିଅନ୍ତୁ। ସପ୍ତାହରେ ୨-୩ ଥର ଏହାକୁ ବ୍ୟବହାରକଲେ କେଶ ମଜଭୁତ ଏବଂ ଲମ୍ବା ହୋଇଯିବ।

❖ ଗୋଟିଏ ଅଣ୍ଡାର ଧଳା ଅଂଶ ସହ ୨ ଚାମଚ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ କେଶରେ ଭଲ ଭାବେ ଲଗାଇ ୪୫ ମିନିଟ୍ ରଖିବା ପରେ ମାଇଲ୍ଡ ଶାମ୍ପୁ ଲଗାଇ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ ଏହି ମାସ୍କ ଲଗାଇଲେ କେବଳ କେଶ ମଜଭୁତ ହେବ ନାହିଁ ବରଂ ଏହା ସିଲ୍କି ଏବଂ ସାଇନିଂ ମଧ୍ୟ ଦେଖାଯିବ।

❖ ସର୍ବୋପରି ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଅଣ୍ଡା, ମାଛ ଏବଂ ବିନ୍ସ ଭଳି ପ୍ରୋଟିନ୍‌ଯୁକ୍ତ ଖାଦ୍ୟକୁ ସାମିଲ କରନ୍ତୁ। ସବୁବେଳେ କେଶ ଖୋଲା ନ ରଖି ବାହାରକୁ ଯାଉଥିଲେ ଖରା, ପବନ ଏବଂ ଧୂଳିରୁ ରକ୍ଷା ପାଇବା ଲାଗି କେଶ ବାନ୍ଧିଦିଅନ୍ତୁ ଏବଂ ଯଥା ସମ୍ଭବ ଘୋଡ଼ାଇ ରଖନ୍ତୁ। କେମିକାଲଯୁକ୍ତ ଶାମ୍ପୁ, କଲର ଆଦି ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୪/୨୦୨୫ Bhubaneswar, Tuesday, November 4/ 2025




**ଟେନିସ ର୍ୟାଙ୍କିଙ୍ଗ**

## ସିନର ନମ୍ବର ୱାନ୍



**ରୋମ୍, ୩।୧୧ (ଏପି):** ପ୍ୟାରିସ ମାଷ୍ଟର୍ସରେ ବିଜୟ ପରେ ସଦ୍ୟ ପ୍ରକାଶିତ ଏଟିପି ର୍ୟାଙ୍କିଙ୍ଗ ତାଲିକାରେ କାର୍ଲୋସ ଅଲ୍‌କାରାଜଙ୍କୁ ହଟାଇ ଜାନିକ ସିନର ବିଧିବଦ୍ଧ ନମ୍ବର ୱାନ ସ୍ଥାନ ଅଧିକାର କରିଛନ୍ତି। ଦୁଇ ଖେଳାଳିଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ଖୁବ୍ କମ୍ ରହିଛି। ସିନରଙ୍କ ପଏଣ୍ଟ ସଂଖ୍ୟା ୧୧,୫୦୦ ହୋଇଥିବା ବେଳେ ଅଲ୍‌କରାଜଙ୍କର ୧୧,୨୫୦ ରହିଛି। ତେବେ ତୁରିନଠାରେ ହେବାକୁଥିବା ଏଟିପି ଫାଇନାଲ୍ସରେ ବର୍ଷ ଶେଷର ନମ୍ବର-୧ ଖେଳାଳି କିଏ ହେବ ତାହା ସ୍ପଷ୍ଟ ହେବ।

# ଉଜ୍ଜୀବିତ ହେଲା ୧୯୮୩ ବିଶ୍ୱକପ୍ ବିଜୟର ସ୍ମୃତି

**ନବି ମୁମ୍ବାଇ, ୩।୧୧ (ପି.ଟି.)**

ରବିବାର ଡିୱାଇ ପାଟିଲ ଷ୍ଟାଡିୟମରେ ମେଘୁଆ ସନ୍ଧ୍ୟାରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ପରାସ୍ତ କରି ଭାରତ ବିଶ୍ୱକପ୍ ଟାଇଟଲ ହାସଲ କରିଛି। ଏହା ଦ୍ୱାରା ଦଳ ଦୀର୍ଘଦିନର ବାଧାକୁ ଭାଙ୍ଗି ୧୯୮୩ର ମୁହୂର୍ତ୍ତ ସୃଷ୍ଟି କରିଥିଲା। ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବିଶ୍ୱକପ ବିଜୟୀ ହେବାପରେ ଭାରତରେ କ୍ରିକେଟରେ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା। ଏଥର ଅନେକ ପ୍ରତିବନ୍ଧକକୁ ପ୍ରତିହତ କରି ଭାରତୀୟ ମହିଳା ଦଳ ପ୍ରଥମଥରପାଇଁ ଏକ ବିଶ୍ୱକପ ଟାଇଟଲ ହାସଲ କରିଛି। ବିଗତ ବର୍ଷଗୁଡ଼ିକରେ ମହିଳା ବିଶ୍ୱକପ୍ (ଅନ୍ତର୍ଜାତୀୟ ଦିନିକିଆ) ଓ ମହିଳା ଅନ୍ତର୍ଜାତୀୟ ଟି୨୦ ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳ ପ୍ରଦର୍ଶନର ଏକ ତାଲିକା ନିମ୍ନରେ ପ୍ରଦାନ କରାଗଲା।

**ଆଇସିସି ମହିଳା ବିଶ୍ୱକପ୍ (ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟ)**

▶▶୧୯୭୩- ଅଂଶଗ୍ରହଣ କରି ନ ଥିଲା। ▶▶୧୯୭୮ ଭାରତ- ଗ୍ରୁପ୍ ପର୍ଯ୍ୟାୟ (ଭାରତ ଆୟୋଜକ; ପଦାର୍ପଣରେ ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିପାରି ନ ଥିଲା)। ▶▶୧୯୮୨ ନ୍ୟୁଜିଲାଣ୍ଡ- ଗ୍ରୁପ୍ ପର୍ଯ୍ୟାୟ (ଡାଏନା ଏଡୁଲ୍‌ଜୀଙ୍କ ନେତୃତ୍ୱରେ ବିଶ୍ୱକପ୍‌ରେ ପ୍ରଥମ ବିଜୟ)। ▶▶୧୯୮୮ ଅଷ୍ଟ୍ରେଲିଆ (ଅଂଶଗ୍ରହଣ କରି ନ ଥିଲା)। ▶▶୧୯୯୩ ଇଂଲଣ୍ଡ- ରାଉଣ୍ଡ ରବିନ ପର୍ଯ୍ୟାୟରେ ଚତୁର୍ଥ। ସେ ପର୍ଯ୍ୟନ୍ତ ଭାରତର ଏହା ଥିଲା ଶ୍ରେଷ୍ଠ ପ୍ରଦର୍ଶନ। ▶▶୧୯୯୭ ଭାରତ- ସେମିଫାଇନାଲିଷ୍ଟ (ଇଭେଣ୍ଟର ଦ୍ୱିତୀୟ ଥର ଆୟୋଜକ; ସେମିଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜୟ)। ▶▶୨୦୦୦ ନ୍ୟୁଜିଲାଣ୍ଡ-ସେମିଫାଇନାଲିଷ୍ଟ ( ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ)। ▶▶୨୦୦୫ ଦକ୍ଷିଣ ଆଫ୍ରିକା- ରନର ଅପ୍ (ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ)। ▶▶୨୦୦୯ ଅଷ୍ଟ୍ରେଲିଆ- ତୃତୀୟ ସ୍ଥାନ (ତୃତୀୟ ସ୍ଥାନ ପ୍ଲେ-ଅଫ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ)। ▶▶୨୦୧୩ ଭାରତ-ଗ୍ରୁପ୍ ପର୍ଯ୍ୟାୟ (ଭାରତ ତୃତୀୟ ଥର ପାଇଁ ଆୟୋଜକ; ୪ ଦଳିଆ ଗ୍ରୁପ୍ 'ଏ'ରେ ସର୍ବନିମ୍ନ ସ୍ଥାନ ଯୋଗୁ ସୁପର ସିକ୍ସକୁ ଉନ୍ନୀତ ହେବାରେ ବିଫଳ। ▶▶୨୦୧୭ ଇଂଲଣ୍ଡ ରନର-ଅପ୍ (ଲର୍ଡ୍ସଠାରେ ଇଂଲଣ୍ଡଠାରୁ ପରାସ୍ତ)। ▶▶୨୦୨୨ ନ୍ୟୁଜିଲାଣ୍ଡ-ଗ୍ରୁପ୍ ପର୍ଯ୍ୟାୟ (ସେମିଫାଇନାଲ ପ୍ରବେଶରେ ବିଫଳ, ରାଉଣ୍ଡ ରବିନ ଲିଗ୍‌ରେ ୫ମ ସ୍ଥାନ)। ▶▶୨୦୨୫ ଭାର- ଚାମ୍ପିୟନ (ନବି ମୁମ୍ବାଇରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫୨ ରନରେ ବିଜୟ)।

**ଟି୨୦ ବିଶ୍ୱକପ୍**

▶▶୨୦୦୯ ଇଂଲଣ୍ଡ- ସେମିଫାଇନାଲିଷ୍ଟ (ନ୍ୟୁଜିଲାଣ୍ଡଠାରୁ ପରାସ୍ତ)। ▶▶୨୦୧୦ ୱେଷ୍ଟଇଣ୍ଡିଜ-ସେମିଫାଇନାଲିଷ୍ଟ (ଅଷ୍ଟ୍ରେଲିଆଠାରୁ ପରାଜୟ)। ▶▶ ୨୦୧୨ ଶ୍ରୀଲଙ୍କା-ଗ୍ରୁପ୍ ପର୍ଯ୍ୟାୟ। ▶▶୨୦୧୪ ବାଂଲାଦେଶ- ଗ୍ରୁପ୍ ପର୍ଯ୍ୟାୟ। ▶▶୨୦୧୬ ଭାରତ-ଗ୍ରୁପ୍ ପର୍ଯ୍ୟାୟ। ▶▶୨୦୧୮ ୱେଷ୍ଟଇଣ୍ଡିଜ-ସେମିଫାଇନାଲିଷ୍ଟ (ଇଂଲଣ୍ଡ ନିକଟରୁ ପରାଜୟ)। ▶▶୨୦୨୦ ଅଷ୍ଟ୍ରେଲିଆ-ରନରଅପ୍ (ଏମ୍‌ସିଜିରେ ଅଷ୍ଟ୍ରେଲିଆ ନିକଟରୁ ପରାଜୟ। ▶▶୨୦୨୩ ଦକ୍ଷିଣ ଆଫ୍ରିକା-ସେମିଫାଇନାଲିଷ୍ଟ (ଅଷ୍ଟ୍ରେଲିଆ ନିକଟରୁ ପରାଜୟ।



ବନ୍ଧୁ ଓ ପରିବାରବର୍ଗଙ୍କ ସହ ହରମନପ୍ରୀତ କୌରଙ୍କ ସେଲ୍‌ଫି।

## ଦୀପ୍ତି ଶର୍ମାଙ୍କ ଏକାଧିକ ରେକର୍ଡ

**ମହିଳା କ୍ରିକେଟ ବିଶ୍ୱକପ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇ ଭାରତୀୟ ଦଳ ଇତିହାସ ରଚିଛି। ଏହି ଐତିହାସିକ କ୍ଷଣ ଅବସରରେ ହୋଇଥିବା କେତେକ ପରିସଂଖ୍ୟାନକୁ ନେଇ ଏହି ଉପସ୍ଥାପନା...**



ପରିବାରବର୍ଗଙ୍କ ସହ ଖୁସି ମନାଇବା ଅବସରରେ ଦୀପ୍ତି ଶର୍ମା।

**୨୯୮/୭:** ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ଭାରତ ୭ ଉଇକେଟ ହରାଇ ୨୯୮ ରନ କରିଥିଲା। ମହିଳା କ୍ରିକେଟ ବିଶ୍ୱକପ ଫାଇନାଲରେ ଏହା ଥିଲା ଦ୍ୱିତୀୟ ସର୍ବାଧିକ। ୨୦୨୨ରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ୩୫୬/୫ ସ୍କୋର ସହ ରେକର୍ଡର ଅଧିକାରୀ ଅଛି।

**୪:** ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ ଇତିହାସରେ ୪ର୍ଥ ଦଳଭାବେ ଭାରତ ଟାଇଟଲ ଜିତିଲା। ଏହା ପୂର୍ବରୁ ଅଷ୍ଟ୍ରେଲିଆ (୭ ଥର), ଇଂଲଣ୍ଡ (୪ ଥର) ଏବଂ ନ୍ୟୁଜିଲାଣ୍ଡ (୧ଥର) ଚାମ୍ପିୟନ ହୋଇଥିଲା।

**୫୮ ରନ ଏବଂ ୫/୩୯:** ବିଶ୍ୱକପ ଫାଇନାଲରେ ଦୀପ୍ତି ଶର୍ମା ୫୮ ରନ କରିବା ସହ ୩୯ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ପୁରୁଷ ହେଉ କି ମହିଳା ଦିନିକିଆ କ୍ରିକେଟର ନକ୍‌ଆଉଟ ମ୍ୟାଚରେ ଏହା ପୂର୍ବରୁ କୌଣସି ଖେଳାଳି କେବେହେଲେ ଅର୍ଦ୍ଧଶତକ ହାସଲ କରିବା ସହ ୫ ଉଇକେଟ ନେଇ ନ ଥିଲେ। ସେହିପରି ମହିଳା ବିଶ୍ୱକପ ମ୍ୟାଚରେ ସେ ପ୍ରଥମ ଖେଳାଳିଭାବେ ଅର୍ଦ୍ଧଶତକ ହାସଲ ସହ ୫ ଉଇକେଟ ନେବାର କୃତିତ୍ୱ ଅର୍ଜନ କଲେ।

**୨:** ବିଶ୍ୱକପ ଇତିହାସରେ ଦୀପ୍ତି ଦ୍ୱିତୀୟ ଖେଳାଳିଭାବେ ଫାଇନାଲରେ ୫ ଉଇକେଟ ହାସଲ କରିଥିଲେ। ପୂର୍ବରୁ ଇଂଲଣ୍ଡର ଆନ୍ୟା ଶ୍ରୁବସୋଲୋ ୨୦୧୭ ବିଶ୍ୱକପ୍‌ର ଫାଇନାଲରେ ଭାରତ ବିପକ୍ଷରେ ୪୬ ରନ ବିନିମୟରେ ୬ ଉଇକେଟ ହାସଲ କରିଥିଲେ।

**୨୨:** ଦୀପ୍ତି ଗତ ବିଶ୍ୱକପ୍‌ରେ ମୋଟ ୨୨ଟି ଉଇକେଟ ନେଇଥିଲେ। ମହିଳା କ୍ରିକେଟ ବିଶ୍ୱକପରେ ଏହା ଯୁଗ୍ମ ଦ୍ୱିତୀୟ ସର୍ବାଧିକ। ୧୯୮୨ ବିଶ୍ୱକପରେ ଜ୍ୟାକି ଲର୍ଡ ୨୨ଟି ଉଇକେଟ ନେଇଥିଲେ। ତେବେ ଏହି ବିଶ୍ୱକପରେ ଲିନ୍ ଫୁଲଷ୍ଟନ ୨୩ଟି ଉଇକେଟ ନେଇ ତାଲିକାର ଶୀର୍ଷରେ ରହିଛନ୍ତି। ଦୀପ୍ତି ପ୍ରଥମ ଖେଳାଳିଭାବେ କୌଣସି ଏକ ବିଶ୍ୱକପରେ ୨୦୦ରୁ ଅଧିକ ରନ କରିବା ସହ ୨୦ରୁ ଊର୍ଦ୍ଧ୍ୱ ଉଇକେଟ ନେଇଛନ୍ତି। ସେ ଏଥିରେ ୩ ଅର୍ଦ୍ଧଶତକ ସହ ୨୧୫ ରନ କରିଥିଲେ ଏବଂ ୨୨ ଉଇକେଟ ନେଇଥିଲେ।

**୨୧ ବର୍ଷ ୨୭୮ ଦିନ:** ଶେଫାଳି ବର୍ମା ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଫାଇନାଲରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୨୧ ବର୍ଷ ୨୭୮ ଦିନର ହୋଇଥିବାରୁ ସର୍ବକନିଷ୍ଠ ଖେଳାଳିଭାବେ ଏହି ସଫଳତା ହାସଲ କଲେ। ପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆର ଜେସ ଡୁଫିନଙ୍କ ନାମରେ ଥିଲା। ସେ ୨୩ ବର୍ଷ ୨୩୫ ଦିନର ହୋଇଥିବାବେଳେ ୨୦୧୩ ବିଶ୍ୱକପ ଫାଇନାଲରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**୫୭୧:** ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ୱୁଲଭାର୍ଡଟ ଗତ ବିଶ୍ୱକପରେ ୫୭୧ ରନ ସ୍କୋର କରିଥିଲେ; ଯାହା କି କୌଣସି ଗୋଟିଏ ବିଶ୍ୱକପରେ ଜଣେ ଖେଳାଳିଭାବେ ସର୍ବାଧିକ ରନ। ପୂର୍ବରୁ ୨୦୨୨ରେ ଆଲିସା ହିଲି ୫୦୯ ରନକରି ରେକର୍ଡର ଅଧିକାରିଣୀ ଥିଲେ। ୱୁଲଭାର୍ଡଟ ସେମିଫାଇନାଲ ଓ ଫାଇନାଲରେ ଶତକ ହାସଲ କରି ହିଲିଙ୍କ ରେକର୍ଡର ସମକକ୍ଷ ମଧ୍ୟ ହୋଇଛନ୍ତି।

**୧୪:** ୱୁଲଭାର୍ଡଟ ବିଶ୍ୱକପରେ ଓଭରଅଲ୍ ୧୪ ଥର ୫୦+ ସ୍କୋର କରିଛନ୍ତି, ଯାହାକି କୌଣସି ବ୍ୟାଟରଙ୍କ ପକ୍ଷରେ ସର୍ବାଧିକ।

## ବିଜୟୀ ପରେଡ ଯୋଜନା ଏପର୍ଯ୍ୟନ୍ତ ନାହିଁ

**ନୂଆଦିଲ୍ଲୀ,୩।୧୧(ପି.ଟି.):** ବିଶ୍ୱ ଚାମ୍ପିୟନ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ଲାଗି ଏପର୍ଯ୍ୟନ୍ତ କୌଣସି ବିଜୟୀ ପରେଡ ଯୋଜନା କରାଯାଇ ନାହିଁ। ଏ ନେଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସୋମବାର କହିଛନ୍ତି। ଭିକ୍ଟରୀ ପରେଡ ଭଳି କୌଣସି ଯୋଜନା ହୋଇନାହିଁ। ମୁଁ ଆଇସିସି ବୈଠକରେ ଯୋଗଦେବା ପାଇଁ ଦୁବାଇ ବାହାରୁଛି। କିଛି ସିନିୟର ଅଧିକାରୀ ମଧ୍ୟ ବୈଠକ ଲାଗି ଯାଉଛନ୍ତି। ଆମେ ସେଠାରୁ ଫେରିଲା ପରେ ଯୋଜନା କରିବୁ ବୋଲି ସାଇକିଆ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାରଠାରୁ ଆରମ୍ଭ ହେଉଥିବା ଆଇସିସି ବୈଠକରେ ଏସିଆ କପ୍ ଟ୍ରଫି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିବ ଭାରତୀୟ ମହିଳା ଦଳ

**ନୂଆଦିଲ୍ଲୀ, ୩।୧୧(ପି.ଟି.):** ଡିୱାଇ ପାଟିଲ ଷ୍ଟାଡିୟମରେ ମହିଳା ଦିନିକିଆ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବ। ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବା ଭାରତୀୟ ଦଳ ବର୍ତ୍ତମାନ ମୁମ୍ବାଇରେ ରହିଛି। ସେମାନେ ଜାତୀୟ ରାଜଧାନୀରେ ପହଞ୍ଚିବା ପରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ।

## ଝିଅମାନେ ଦେଶକୁ ଗର୍ବିତ କରିଛନ୍ତି: ନୀତା

**ମୁମ୍ବାଇ, ୩।୧୧**



ଭାରତୀୟ ମହିଳା ଦଳ ଦିନିକିଆ କ୍ରିକେଟ ବିଶ୍ୱକପ ଜିତି ଇତିହାସ ରଚିଛି। ନବି ମୁମ୍ବାଇରେ ଅନୁଷ୍ଠିତ ଫାଇନାଲ ଅବସରରେ ଷ୍ଟାଡିୟମରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିବା ନୀତା ଏମ. ଅମ୍ବାନୀ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ''ମଧ୍ୟରାତ୍ରିର ମୁହୂର୍ତ୍ତରେ, ଆମର ଝିଅମାନେ ପ୍ରଥମ ଥର ପାଇଁ ଆଇସିସି ବିଶ୍ୱକପ୍ ଜିତିଛନ୍ତି। ସମସ୍ତେ ସାହସ, ଦୃଢ଼ ଆତ୍ମବିଶ୍ୱାସର ସହିତ ଖେଳି ସମଗ୍ର ଦେଶକୁ ଗର୍ବିତ କରିଛନ୍ତି। ଏଥିପାଇଁ ଆମେ ସମସ୍ତେ ଗର୍ବିତ ଏବଂ ମୁଁ ପୂରା ଦଳକୁ ଧନ୍ୟବାଦ ଏବଂ ଅଭିନନ୍ଦନ ଜଣାଉଛି'' ବୋଲି ନୀତା ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଭାରତ ଫାଇନାଲ ଖେଳିବା ଅବସରରେ ନୀତା ଏବଂ ଆକାଶ ଅମ୍ବାନୀ ଡିୱାଇ ପାଟିଲ ଷ୍ଟାଡିୟମରେ ଉପସ୍ଥିତ ରହି ଐତିହାସିକ କ୍ଷଣର ପ୍ରତ୍ୟକ୍ଷଦର୍ଶୀ ରହିଥିଲେ।

## ବିଶ୍ୱକପ୍ ଟ୍ରଫି ସହ ହରମନଙ୍କ ଫଟୋ ଭାଇରାଲ




ଭାଇରାଲ ହୋଇଥିବା ହରମନପ୍ରୀତ କୌରଙ୍କ ଫଟୋ।

**ନୂଆଦିଲ୍ଲୀ,୩।୧୧**

ଆଇସିସି ମହିଳା ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇ ଭାରତୀୟ ଦଳ ଚାମ୍ପିୟନ ହେବା ପରେ ଅଧିନାୟିକା ହରମନପ୍ରୀତ କୌର ଟ୍ରଫି ସହ ଏକ ଫଟୋ ଶେୟାର କରିଥିଲେ। ଏହି ଫଟୋରେ ହରମନ ବିଶ୍ୱକପ୍ ଟ୍ରଫି ଧରି ଶୋଇଥିବାବେଳେ ତାଙ୍କ ଟି-ଶାର୍ଟରେ ଏକ ବାର୍ତ୍ତା ରହିଛି, ଯେଉଁଥିରେ 'କ୍ରିକେଟ ଏକ ସଭିଙ୍କ ଖେଳ' ବୋଲି ଉଲ୍ଲେଖ ରହିଛି। ଏହି ଫଟୋର କ୍ୟାପ୍‌ଶନରେ ସେ ଉଲ୍ଲେଖ କରିଛନ୍ତି ଯେ, କିଛି ସ୍ୱପ୍ନ କୋଟି କୋଟି ଲୋକଙ୍କ ସହ ବଣ୍ଟାଯାଏ। ଏଥିଯୋଗୁ କ୍ରିକେଟ ହେଉଛି ସଭିଙ୍କ ଖେଳ। ତାଙ୍କର ଏହି ଫଟୋ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି।

## ସର୍ବଭାରତୀୟ ମହିଳା, ପୁରୁଷ ଟେନିସ୍ ଆରମ୍ଭ

**ଭୁବନେଶ୍ୱର, ୩।୧୧ (ବିଜୟ ରଣା):** ସାକ୍ଷୀଗୋପାଳ ଅନ୍ତର୍ଗତ ଫୁଲଅଳସାସ୍ଥିତ ସାଇ ଏକାଡ଼େମୀ ଟେନିସ କୋର୍ଟରେ ଭଲ୍‌ନେରା ଆଇଟା-ଓଟିଏ ସର୍ବଭାରତୀୟ ମହିଳା ଓ ପୁରୁଷ ଟେନିସ ଟୁର୍ନାମେଣ୍ଟ ସୋମବାର ଆରମ୍ଭ ହୋଇଛି। ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ନାମେଣ୍ଟ ୫ଦିନ ଧରି ଅନୁଷ୍ଠିତ ହେବ। ପ୍ରତିଯୋଗିତାର ପ୍ରାୟୋଜକ ତଥା ଭୁବନେଶ୍ୱରସ୍ଥିତ ଭଲନେରା ସାନେନ୍‌ଟ୍ୟୁର୍ କମ୍ପାନୀର ପ୍ରତିଷ୍ଠାତା ପ୍ରଦୀପ କୁମାର ବିଶୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୁରୀ ଫର୍ମାସୀ ମହାବିଦ୍ୟାଳୟର ଚେୟାରମ୍ୟାନ ଅନିମା ଦାଶ ଓ ସାଇ ଏକାଡେମୀର ସଭାପତି ସୁଶ୍ରୀ ପ୍ରିୟଦର୍ଶିନୀ ପାଣି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟରେ ଛତିଶଗଡ଼, ବିହାର, ତେଲେଙ୍ଗାନା, ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର ଏବଂ ଓଡ଼ିଶା ସମେତ ଦେଶର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ରେଫରି ପ୍ରବୀଣ କୁମାର ନାୟକ ଓ କୋଚ୍ ବିଶ୍ୱଜିତ୍ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଉଥିବା ଏହି ଟୁର୍ନାମେଣ୍ଟ ୭ ତାରିଖରେ ଉଦ୍‌ଯାପିତ ହେବ।

## ଫଲୋଅନ୍ ପରେ ଓଡ଼ିଶାର ଇନିଂସ୍ ପରାଜୟ ଭୟ

**ଭୁବନେଶ୍ୱର, ୩।୧୧ (ତପନ ସ୍ୱାଇଁ)**

**ରଣଜୀ ଟ୍ରଫି**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା-ଆନ୍ଧ୍ର ପ୍ରଦେଶ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଓଡ଼ିଶା ପ୍ରଥମ ଇନିଂସରେ ମାତ୍ର ୧୫୧ ରନରେ ଅଲ୍‌ଆଉଟ ହେବାରୁ ଫଲୋଅନ ଡାକରା ପାଇଛି। ଦ୍ୱିତୀୟ ଇନିଂସରେ ଦଳର ଆରମ୍ଭ ଭଲ ହୋଇଥିଲେ ହେଁ ଇନିଂସ ପରାଜୟ ପାଇଁ ସଂଘର୍ଷ ଜାରି ରହିଛି। ସୋମବାର ତୃତୀୟ ଦିବସର ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୧୯୦ ରନ କରିଛି। ଅର୍ଥାତ୍ ଆନ୍ଧ୍ର ପ୍ରଦେଶର ପ୍ରଥମ ଇନିଂସଠାରୁ ଘରୋଇ ଦଳ ଆହୁରି ୧୩୪ ରନ ପଛରେ ରହିଛି। ମଙ୍ଗଳବାର ମ୍ୟାଚର ଅନ୍ତିମ ଦିବସ। ଏହି ଦିନ ସତର୍କତାର ସହ ବ୍ୟାଟିଂ କରି ବଡ଼ ସ୍କୋର ନ କଲେ ଇନିଂସ ପରାଜୟ ବରଣ କରିବା ସାର ହେବ। ଆନ୍ଧ୍ର ପ୍ରଦେଶ ଏହାର ପ୍ରଥମ ଇନିଂସକୁ ୪୭୫/୭ରେ ଘୋଷଣା କରିଥିଲା।



ଶଟ୍ ଖେଳିବା ଅବସରରେ ଗୌରବ ଚୌଧୁରୀ।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୮୦/୪ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଆଉ ୭୧ ରନକରି ଅବଶିଷ୍ଟ ୬ ଉଇକେଟ ହରାଇଥିଲା। କେବଳ ସନ୍ଦୀପ ପଟ୍ଟନାୟକ (୫୮ ରନ)ଙ୍କ ଅର୍ଦ୍ଧଶତକଙ୍କୁ ଛାଡ଼ିଦେଲେ ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ଓଡ଼ିଶା ଇନିଂସ ଭୁଶୁଡ଼ି ପଡ଼ିଥିଲା। ପ୍ରଥମ ଇନିଂସ ମାତ୍ର ୫୬.୪ ଓଭରରେ ସୀମିତ ରହିଥିଲା। ଫଲୋଅନ ଡାକରା ପାଇବା ପରେ ଓଡ଼ିଶା ଦ୍ୱିତୀୟ ଇନିଂସରେ ଗୌରବ ଚୌଧୁରୀ ଓ ସ୍ୱସ୍ତିକ ସାମଲଙ୍କ ମାଧ୍ୟମରେ ଭଲ ଆରମ୍ଭ କରିଥିଲା। ତେବେ ଓପନିଂ ଯୋଡ଼ିରେ ୬୬ ରନ ଯୋଗ ହେବାପରେ ସ୍ୱସ୍ତିକ ୩୬ ରନକରି ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହୋଇଯାଇଥିଲେ। ଗୌରବ ଓ ସନ୍ଦୀପ ଦ୍ୱିତୀୟ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ଥିଲେ। ତେବେ ଦୁହେଁ ୨୩୧ ବଲ୍‌ରୁ ୧୧୦ ରନ ଯୋଗ କରିବାପରେ ସନ୍ଦୀପ ୬୩ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଷ୍ଟମ୍ପ ବେଳକୁ ଗୌରବ ୭୯ ଓ ଗୋବିନ୍ଦ ପୋଦ୍ଦାର ୪ ରନକରି ଅପରାଜିତ ରହିଥିଲେ। ଆନ୍ଧ୍ର ପ୍ରଦେଶ ବୋଲରଙ୍କ ମଧ୍ୟରେ ପ୍ରଥମ ଇନିଂସରେ କାଭୁରି ସାଇତେଜା, ସୌରଭ କୁମାର ଓ ତ୍ରିପୁରାନା ବିଜୟ ୩ଟି ଲେଖାଏ ଏବଂ ଦ୍ୱିତୀୟ ଇନିଂସରେ ସୌରଭ କୁମାର ଗୋଟିଏ ଉଇକେଟ ହାସଲ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଆନ୍ଧ୍ର ପ୍ରଦେଶ ପ୍ରଥମ ଇନିଂସ: ୪୭୫/୭ (ଘୋଷଣା)। ଓଡ଼ିଶା ପ୍ରଥମ ଇନିଂସ: ୧୫୧/ଅଲଆଉଟ (ସନ୍ଦୀପ ପଟ୍ଟନାୟକ ୫୮, ଗୌରବ ଚୌଧୁରୀ ୪୮, କାଭୁରି ସାଇତେଜା-୩/୩୦, ସୌରଭ କୁମାର-୩/୩୧, ତ୍ରିପୁରାନା ବିଜୟ-୩/୧୪)। ଫଲୋଅନ ପରେ ଓଡ଼ିଶା ଦ୍ୱିତୀୟ ଇନିଂସ: ୧୯୦/୨ (ଗୌରବ ଚୌଧୁରୀ-୭୯, ସନ୍ଦୀପ ପଟ୍ଟନାୟକ-୬୩, ସ୍ୱସ୍ତିକ ସାମଲ-୩୬, ସୌରଭ କୁମାର-୧/୩୬)।

## କ୍ରୀଡ଼ା ବିଜ୍ଞାନ କର୍ମଶାଳାରେ ଯୋଗଦେଲେ ପ୍ରଫୁଲ୍ଲ

**ଭୁବନେଶ୍ୱର, ୩।୧୧ (ତପନ ସ୍ୱାଇଁ)**

ନ୍ୟାଶନାଲ ସେଣ୍ଟର ଅଫ୍ ସ୍ପୋର୍ଟ୍ସ ସାଇନ୍ସେସ ଆଣ୍ଡ ରିସର୍ଚ୍ଚ (ଏନ୍‌ସିଏସଏସଆର) ଏବଂ ହକି ଇଣ୍ଡିଆ ଆନୁକୂଲ୍ୟରେ ନୂଆଦିଲ୍ଲୀଠାରେ ଅକ୍ଟୋବର ୩୧ରୁ ନଭେମ୍ବର ୨ ପର୍ଯ୍ୟନ୍ତ କ୍ରୀଡ଼ା ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ସିନିୟର ହକି କୋଚ୍ ପ୍ରଫୁଲ୍ଲ ତିର୍କୀ ଯୋଗଦେଇ ଆଡଭାନ୍ସ କୋଚିଂ ସମ୍ପର୍କରେ ମୂଲ୍ୟବାନ ଅଭିଜ୍ଞତା ହାସଲ କରିଛନ୍ତି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ